



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୮ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 18 July 2024
Vol.No. 35 ■ No.192 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ସୁନାବେଶରେ ଦର୍ଶନ ଦେଲେ ଶ୍ରୀଜିଉ



ପୁରୀ, ୧୭/୭ (ନି.ପ୍ର): ସିଂହଦ୍ୱାର ସମ୍ମୁଖରେ ଶ୍ରୀଜିଉମାନେ ଭକ୍ତମାନଙ୍କୁ ସୁନାବେଶରେ ଥାଇ ଦର୍ଶନ ଦେଉଛନ୍ତି । ମଥାରେ ସୁନାର କିରିଟ ସାଙ୍ଗକୁ କାନରେ ସୁନାର କୁଣ୍ଡଳ । କମରରେ ସୁନାର କମରପଟି, ପାଦରେ ଶ୍ରୀପୟର । ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ହସ୍ତରେ ସୁବର୍ଣ୍ଣର ହଳମୁଷଳ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ହସ୍ତରେ ସୁବର୍ଣ୍ଣର ଚକ୍ର ଓ ରୁପାର ଶଙ୍ଖ । ମା' ସୁଭଦ୍ରାଙ୍କ ସୁବର୍ଣ୍ଣର ତଡ଼ଗି (କର୍ଣ୍ଣାଳଙ୍କାର) । ସାଙ୍ଗକୁ ରତ୍ନଖଚିତ ଘାଗଡ଼ା ମାଳି, ବାହାଡ଼ା ମାଳି, ତାବିଜ ମାଳି, ହରିଡ଼ା କଦମ୍ବ ମାଳି, ବାଘନଖୀ ମାଳି, ସେବତୀ ମାଳି, ତିଳକ, ଆଡ଼କାନି, ଚନ୍ଦ୍ର-ସୂର୍ଯ୍ୟ, ଅଳକା, ଓଡ଼ିଆଣୀ, ଚନ୍ଦ୍ରିକା ଆଦି ଆଭୂଷଣ । ଧରାପୃଷ୍ଠରେ ଆଜି ଏଭଳି ମାନବୀୟ ଲୀଳା ଖେଳିଛନ୍ତି କୋଟି କୈବଲ୍ୟନାଥ ବ୍ରହ୍ମାଣ୍ଡ ଠାକୁର । ପାଦରୁ ମସ୍ତକ ମହଣ ମହଣ ସୁବର୍ଣ୍ଣ ଅଳଙ୍କାରରେ ଆଭୂଷିତ ହୋଇ ଅଗଣିତ ଭକ୍ତଙ୍କୁ ରଥ ଉପରୁ ଦେଇଛନ୍ତି ଦର୍ଶନ । ମହାବାହୁଙ୍କୁ ମନଭରି ଦେଖିବାପାଇଁ ଆତୁର ଭକ୍ତ ବି ଏହି ଅପୂର୍ବ ରୂପ ଦର୍ଶନ କରି ଅଭିଭୂତ ହୋଇଛନ୍ତି । ଏଥିପାଇଁ ବଡ଼ଦାଣ୍ଡ ଲୋକାରଣ୍ୟ ହୋଇଛି । ଲକ୍ଷାଧିକ ଶ୍ରଦ୍ଧାଳୁ ଚତୁର୍ଦ୍ଧା ବିଗ୍ରହଙ୍କ ସୁନାବେଶର ଦର୍ଶନ ପାଇ କୃତାର୍ଥ ମଣିଛନ୍ତି । ସକାଳୁ ଶ୍ରୀକ୍ଷେତ୍ରକୁ ଭକ୍ତଙ୍କ ସୁଅ ଛୁଟିଛି । ସନ୍ଧ୍ୟା ହୋଇଯାଇଥିବାରୁ ବଡ଼ଦାଣ୍ଡ ଜନସମୁଦ୍ର ପାଲଟିଛି । ନବଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରା ସାରି ଶ୍ରୀମନ୍ଦିର ସିଂହଦ୍ୱାରକୁ ବାହୁଡ଼ିବା ପରେ ଆଜି ଅପରୂପ ଓ ଅନନ୍ୟ ସୁନାବେଶରେ ଦର୍ଶନ ଦେଇଛନ୍ତି ମହାବାହୁ । ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ବୁଧବାର ସିଂହଦ୍ୱାରରେ ଦଣ୍ଡାୟମାନ ତିନିରଥରେ ବଡ଼ଠାକୁର ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରମଣୀୟ ସୁନାବେଶ ଅନୁଷ୍ଠିତ ହୋଇଛି । ଏଥିପାଇଁ ବଡ଼ଦାଣ୍ଡରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି । ଭକ୍ତଙ୍କ ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଡାକରେ ଆଜି ବି ଖଣ୍ଡମଣ୍ଡଳ ପ୍ରକମ୍ପିତ ହୋଇଛି । ବର୍ଷକ ପରେ ଭାବ ବିନୋଦିଆ କାଳିଆ ସାଆନ୍ତଙ୍କୁ ସୁନାବେଶରେ ଦେଖି ଭକ୍ତ ବି ଭାବବିହ୍ୱଳ ହୋଇଛନ୍ତି ।

## ବଡ଼ ଧରଣର ଏନକାଉଣ୍ଟର: ୧୨ ନକ୍ସଲ ନିହତ



ନୂଆଦିଲ୍ଲୀ, ୧୭/୭ : ମହାରାଷ୍ଟ୍ର ଗଡ଼ଚିରୋଲି ନିକଟସ୍ଥ ଜଙ୍ଗଲରେ ଆଜି ପୁଲିସର ଏନ୍‌କାଉଣ୍ଟରରେ ୧୨ ଜଣ ନକ୍ସଲ ନିହତ ହୋଇଛନ୍ତି । ଏହି ଘଟଣାରେ ଜଣେ ସବ୍-ଇନ୍ସପେକ୍ଟରଙ୍କ ସମେତ ଦୁଇ ଜଣ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି । ଗଡ଼ଚିରୋଲି ଏସ୍‌ପି କହିଛନ୍ତି, ଏନ୍‌କାଉଣ୍ଟର ପରେ ଘଟଣାସ୍ଥଳରୁ ପୁଲିସ୍ ୧୨ ଜଣ ନକ୍ସଲଙ୍କ ମୃତଦେହକୁ ଜବତ କରିଛି । ୩ଟି ଏକେ ୪୭, ୨ଟି ଇନ୍‌ସାସ୍ ରାଇଫଲ, ଗୋଟିଏ କାରବାଇ ଓ ଗୋଟିଏ ଏସ୍‌ଏଲ୍‌ଆର ଭଳି ଅତ୍ୟାଧୁନିକ ବନ୍ଧୁକ ଜବତ କରାଯାଇଛି । ଏସ୍‌ପି କହିଛନ୍ତି, ଆଜି ଅପରାହ୍ନରେ ଏହି ଏନ୍‌କାଉଣ୍ଟର ହୋଇଥିଲା । ଉ୬୦ କୋମାଣ୍ଡୋ ଓ ନକ୍ସଲଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ୬ ଘଣ୍ଟା ଧରି ଗୁଳିବିନିମୟ ଚାଲିଥିଲା । ଏଥିରେ ଉ୬୦ର ଜଣେ ସବ୍-ଇନ୍ସପେକ୍ଟର ଓ ଜଣେ ଯବାନ ଆହତ ହୋଇଛନ୍ତି । ସେମାନେ ବିପଦମୁକ୍ତ ଅଛନ୍ତି । ସେମାନଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସା ପାଇଁ ନାଗପୁର ▶▶ପୃଷ୍ଠା ୭

## ଶୀଘ୍ର କାର୍ଯ୍ୟକ୍ଷମ ହେବ ଅମର୍ଦା ରୋଡ୍ ବିମାନଘାଟି

ଭୁବନେଶ୍ୱର, ୧୭/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାସ୍ଥିତ ଅମର୍ଦା ରୋଡ୍ ବିମାନବନ୍ଦରକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ନିମନ୍ତେ ପଦକ୍ଷେପ ନିଆଯିବ । ବୁଧବାର ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ପ୍ରସଙ୍ଗ ନେଇ ଗୃହନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହିତ ବିସ୍ତୃତ ଆଲୋଚନା କରିଛନ୍ତି । ଅମର୍ଦା ରୋଡ୍ ବିମାନବନ୍ଦରରେ ନିର୍ମାଣ କାର୍ଯ୍ୟ ସମୀକ୍ଷା କରିବା ▶▶ପୃଷ୍ଠା ୭

## 'ଆମ ଓଡ଼ିଶା ନବୀନ ଓଡ଼ିଶା'ର ଖୋଳତାଡ଼ କରିବେ ସରକାର

ଭୁବନେଶ୍ୱର, ୧୭/୭ (ନି.ପ୍ର): 'ଆମ ଓଡ଼ିଶା ନବୀନ ଓଡ଼ିଶା'ରେ ମିଳିଥିବା ଅନୁଦାନର ଖୋଳତାଡ଼ ହେବ । ପଞ୍ଚାୟତକୁ ମିଳିଥିବା ୫୦ ଲକ୍ଷ ଅନୁଦାନର ଖୋଳତାଡ଼ କରିବେ ମୋହନ ସରକାର । ଆଜି ଏହି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ।



ସେ କହିଛନ୍ତି, ପ୍ରତି ପଞ୍ଚାୟତକୁ ଦିଆଯାଇଥିବା ୫୦ ଲକ୍ଷ ଟଙ୍କା ବିଷୟରେ ପଞ୍ଚାୟତିରାଜ ବିଭାଗରେ କୌଣସି ତଥ୍ୟ ନାହିଁ । ଏହି ଯୋଜନା ବାବଦରେ ବିଭାଗ ଅବଗତ ନାହିଁ । ଏପରି କୌଣସି ଯୋଜନା ନଥିଲା । ତୃତୀୟ ମହଲା ମନିଟରିଂ କରୁଥିଲା, ବ୍ଲକ ଓ ଡିଆରଡିଏ ଏହାକୁ କାର୍ଯ୍ୟକାରୀ କରୁଥିଲେ । କିଏ କରୁଛି, କେତେ କାମ ହେଉଛି ବିଭାଗୀୟ ସଚିବ କିଛି ଜାଣୁ ନଥିଲେ । ରାମ ଭରସାରେ ଏହା ଚାଲିଥିଲା । ବିଭାଗରେ ହୋଇଥିବା ▶▶ପୃଷ୍ଠା ୭

### ରାଜ୍ୟ ଯୋଜନା ବୋର୍ଡ ଭାଙ୍ଗିଦେଲେ ମୋହନ ସରକାର

ଭୁବନେଶ୍ୱର, ୧୭/୭ (ନି.ପ୍ର): ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ଆଜି ରାଜ୍ୟ ଯୋଜନା ବୋର୍ଡକୁ ଭାଙ୍ଗି ଦେଇଛନ୍ତି । ଏହାସହିତ ରାଜ୍ୟ ଯୋଜନା ବୋର୍ଡ ନୂଆ ଢଙ୍ଗରେ ପୁର୍ନଗଠନ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ରାଜ୍ୟ ଯୋଜନା ବୋର୍ଡ ଭାଙ୍ଗିବା ପାଇଁ ▶▶ପୃଷ୍ଠା ୭

## ବୈଠକ ପରେ ତୁଟିଲା ବିବାଦ: ଆଜିଠାରୁ ଏସସିବିରେ ରୋଗୀ ସେବା ହେବ ସ୍ୱାଭାବିକ

କଟକ, ୧୭/୭ (ନି.ପ୍ର): କଟକ ବଡ଼ମେଡିକାଲରେ ଲାଗିରହିଥିବା ନର୍ସିଂ କର୍ମଚାରୀ ଓ ହାଉସ ସର୍ଜନଙ୍କ ମଧ୍ୟରେ ବିବାଦ ତୁଟିଛି । ଏହାପରେ ଆସନ୍ତାକାଲି (ଜୁଲାଇ ୧୮ ତାରିଖ) ଠାରୁ ରୋଗୀ ସେବା ସ୍ୱାଭାବିକ ହେବ ବୋଲି କୁହାଯାଇଛି । ବିବାଦ ଆଗକୁ ବଢିବା ଆଗରୁ ଆଜି ଏସସିବି କର୍ତ୍ତୃପକ୍ଷ ଓ କଟକ ମହାନଗର ନିଗମ (ସିଏମସି) କମିସନରଙ୍କ ମଧ୍ୟରେ ଆଲୋଚନା କରାଯାଇ ବିବାଦର ପୂର୍ଣ୍ଣଚ୍ଛେଦ ପକାଯାଇଛି । ଏହି ଆଲୋଚନାରେ ନର୍ସିଂ ସଂଘ ଓ ହାଉସ ସର୍ଜନ ସଂଘ ମଧ୍ୟ ସାମିଲ ଥିଲେ ।




## ଆଜି ଖୋଲିବ ମହାପ୍ରଭୁଙ୍କ ଭିତର ରତ୍ନଭଣ୍ଡାର: ସାଧାରଣ ଭକ୍ତଙ୍କ ପ୍ରବେଶ ନେଇ ଲାଗିବ କଟକଣା

ପୁରୀ, ୧୭/୭ (ନି.ପ୍ର): ମହାପ୍ରଭୁଙ୍କ ବାହାର ରତ୍ନଭଣ୍ଡାର ଗତ ୧୪ ତାରିଖ ଦିନ ଖୋଲିସାରିଛି । ଆସନ୍ତାକାଲି ଭିତର ରତ୍ନଭଣ୍ଡାର ଖୋଲିବ । ମହାପ୍ରଭୁଙ୍କ ଏହି ରତ୍ନଭଣ୍ଡାର ସକାଳ ୯ଟା ୫୧ରୁ ୧୨ଟା ୧୫ର ମଧ୍ୟରେ ଖୋଲାଯିବ । ଭିତର ରତ୍ନଭଣ୍ଡାରର ଅଳଙ୍କାରଗୁଡିକୁ ଅସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ରତ୍ନଭଣ୍ଡାର ଖୋଲିବା ବେଳେ ସାମୟିକ କଟକଣା ରହିବ । ସକାଳ ୮ଟାରୁ ସିଂହଦ୍ୱାରକୁ ଛାଡ଼ି ବାକି ଦ୍ୱାର ବନ୍ଦ ରହିବ । ଯେଉଁମାନେ ସେବା ଓ ପୂଜା ପାଇଁ



ଅଧିକୃତ ସେମାନଙ୍କୁ ଛଡ଼ାଯିବ । ଅର୍ଥାତ ସାଧାରଣ ଭକ୍ତଙ୍କ ପ୍ରବେଶ ନେଇ କଟକଣା ରହିବ । ରତ୍ନଭଣ୍ଡାର ସଂପର୍କରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରତ୍ନଭଣ୍ଡାର ମରାମତି କେତେ ଦିନ ଲାଗିବ ଏଏସ୍‌ଆଇ ନିର୍ଦ୍ଧାରଣ କରିବ । ଏଏସ୍‌ଆଇ ଦ୍ୱାରା ମରାମତି ସରିବା ପରେ ଅଳଙ୍କାର ଭିତର ଭଣ୍ଡାରକୁ ନିଆଯିବ । ରତ୍ନ ଅଳଙ୍କାର ଗଣତି ମଣତି ପାଇଁ ୩୦-୪୦ ଦିନ ଲାଗିବ । ପୂର୍ବରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ୧୮ ତାରିଖରେ ଅଧିକୃତ ୧୧ଜଣିଆ ▶▶ପୃଷ୍ଠା ୭

## ୧୯ରେ ଆଉ ଏକ ଲଘୁଚାପ: ସପ୍ତାହେ ଛେଚିବ

ଭୁବନେଶ୍ୱର, ୧୭/୭ (ନି.ପ୍ର): ଗୋଟିଏ ଲଘୁଚାପ ନ ଯାଉଣୁ, ଆସୁଛି ଆଉ ଏକ ଲଘୁଚାପ । ଗତ ସୋମବାର ଦକ୍ଷିଣ ଓଡ଼ିଶା ଉପକୂଳର ବଙ୍ଗୋପସାଗରର ପଶ୍ଚିମ କେନ୍ଦ୍ର ସଂଲଗ୍ନ ଉତ୍ତରପଶ୍ଚିମ ଭାଗରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ବେଳେ ୧୯ ତାରିଖରେ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଭୁବନେଶ୍ୱର ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି, ୧୯ ତାରିଖରେ ଦକ୍ଷିଣ ଓଡ଼ିଶା ଉପକୂଳର ବଙ୍ଗୋପସାଗର ଏବଂ ପଶ୍ଚିମ କେନ୍ଦ୍ରୀୟ ସଂଲଗ୍ନ ଉତ୍ତର-ପଶ୍ଚିମ ଭାଗରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଏହା ପ୍ରଭାବରେ ବର୍ଷାର ପରିମାଣ ବଢ଼ିବ । ଆଗାମୀ ୭ ଦିନ ଯାଏ ରାଜ୍ୟରେ ବର୍ଷା ଲାଗି ରହିବ । ସେହିପରି ଆଜି ଅନେକ ସ୍ଥାନରେ ହାଲୁକାର ମଧ୍ୟମ ଧରଣର ବର୍ଷା ହେବା ସହ କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, ▶▶ପୃଷ୍ଠା ୭

## ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଉପରେ ରଖିବେ ନଜର ବିଜେଡିର ୫୦ ବିଧାୟକ: ବିଧାନସଭାରେ ଶାଣିତ କରିବେ ସ୍ୱର

ଭୁବନେଶ୍ୱର, ୧୭/୭ (ନି.ପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମିଶାଇ ଏଥର ବିଧାନସଭାକୁ ବିଜେଡିର ୫୧ ଜଣ ନେତା ନିର୍ବାଚିତ ହୋଇଛନ୍ତି । ପ୍ରଥମ ଥର ପାଇଁ ବିରୋଧୀ ଦଳରେ ବସିଥିବା ବିଜେଡି ସରକାରଙ୍କ ପ୍ରତିଟି କାର୍ଯ୍ୟ ଉପରେ କଡ଼ା ନଜର ରଖିବାକୁ ଭିନ୍ନ ଏକ କୌଶଳ ଆପଣାଇଛି । ସରକାରଙ୍କ ପ୍ରତିଟି ବିଭାଗ ଉପରେ ଜଣେ ଲେଖାଏଁ ବିଜେଡି ବିଧାୟକ ରଖିବେ ନଜର । ଏମିତିକି ଗୋଟିଏ ଗୋଟିଏ



ବିଭାଗର କାର୍ଯ୍ୟକଳାପ ଉପରେ ନଜର ରଖିବାକୁ ଦୁଇ ତିନି ଜଣ ବିଧାୟକଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି । ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହି ▶▶ପୃଷ୍ଠା ୭

## ଅଜିତ ପାୱାରଙ୍କୁ ଶକ୍ତ ଝଟକା: ଦଳ ଛାଡ଼ିଲେ ୪ ନେତା

ନୂଆଦିଲ୍ଲୀ, ୧୭/୭ : ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ତଥା ଏନସିପି ନେତା ଅଜିତ ପାୱାରଙ୍କୁ ଲାଗିଛି ଶକ୍ତ ଝଟକା । ତାଙ୍କ ଦଳର ୪ ତୁଙ୍ଗ ନେତା ଇସ୍ତଫା ଦେଇଦେଇଛନ୍ତି । ସେମାନେ ଖୁବ୍‌ଶୀଘ୍ର ଶରଦ ପାୱାରଙ୍କ ଏନସିପିରେ ମିଶିବେ ବୋଲି ଚର୍ଚ୍ଚା ହେଉଛି । ଇସ୍ତଫା ଦେଇଥିବା ୪ ନେତା ଦଳର ପିମ୍ପରି- ଚିଞ୍ଚୱାଡ ୟୁନିଟର ସଦସ୍ୟ ବୋଲି ଜଣାଯାଇଛି । ସେମାନେ ହେଲେ ଏନସିପିର ପିମ୍ପରି- ଚିଞ୍ଚୱାଡ ୟୁନିଟ ମୁଖ୍ୟ ଅଜିତ ଗହ୍ୱାନେ, ଛାତ୍ର



ୱିଙ୍ଗ ପ୍ରମୁଖ ଯଶ ସାନେ, ପୂର୍ବତନ କର୍ପୋରେଟର ରାହୁଲ ଭୋନସଲେ ଓ ପଙ୍କଜ ଭାଲେକର । ସୂଚନା ଅନୁଯାୟୀ, ମହାରାଷ୍ଟ୍ରର ଭୋସାରି ବିଧାନସଭା ସିଟ୍ ହାତେଇବା ନିମନ୍ତେ ଅଜିତ ଗହ୍ୱାନେ ▶▶ପୃଷ୍ଠା ୭

## ଅଗ୍ନିବୀରମାନଙ୍କ ପାଇଁ ବଡ ଘୋଷଣା : ଏଣିକି ପୋଲିସ୍ ଚାକିରିରେ ମିଳିବ ୧୦% ସଂରକ୍ଷଣ

ନୂଆଦିଲ୍ଲୀ, ୧୭/୭ : ଅଗ୍ନିବୀରଙ୍କୁ ନେଇ ବଡ ଘୋଷଣା । ଅଗ୍ନିବୀରଙ୍କୁ ମିଳିବ ପୋଲିସ୍ ଚାକିରିରେ ୧୦ ପ୍ରତିଶତ ସଂରକ୍ଷଣ । ଖାଲି ସେତିକି ନୁହେଁ, ମାଇନିଂ ଗାର୍ଡ ପଦବୀରେ ମଧ୍ୟ ସେମାନଙ୍କୁ ସଂରକ୍ଷଣ ସୁବିଧା ମିଳିବ । ଏଥିସହ ଗ୍ରୁପ-ସି ପରୀକ୍ଷାରେ ମଧ୍ୟ ସେମାନଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଆୟୁସୀମା ଛାଡ କରାଯିବ । ଏନେଇ ଘୋଷଣା କରିଛନ୍ତି ହରିୟାଣା ସରକାର । ମିଳିଥିବା ସୂଚନା ମୁତାବକ, ହରିୟାଣା ସରକାର ଗ୍ରୁପ ସି ପଦରେ ଭର୍ତ୍ତି ପାଇଁ ଅଗ୍ନିବୀରମାନଙ୍କୁ ୫ ପ୍ରତିଶତ ସଂରକ୍ଷଣ ଦେବାକୁ ଘୋଷଣା କରିଛନ୍ତି । ଏଥିସହ ଅଗ୍ନିବୀର ଭାବେ କାମ



କରିସାରିବା ପରେ, ଯେଉଁ ଅଗ୍ନିବୀର ନିଜେ ନିଜ କାମ ଆରମ୍ଭ କରିବାକୁ ଚାହୁଁଥିବେ, ସେମାନଙ୍କୁ ବିନା ସୁଧରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ଦେବାକୁ ମଧ୍ୟ ସୈନୀ ସରକାର ଘୋଷଣା କରିଛି । ନିକଟରେ ଅଗ୍ନିବୀର ଯୋଜନାକୁ ପ୍ରବଳ ରାଜନୀତି ତେଜିଥିଲା । ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ସ୍କିମକୁ ନେଇ ସରକାର ଉପରେ ବର୍ଷିଥିଲେ । କେନ୍ଦ୍ର ସରକାର ଅଗ୍ନିବୀରମାନଙ୍କୁ ସହିଦର ମାନ୍ୟତା ଦେଉନାହାଁନ୍ତି ବୋଲି ସେ କହିଥିଲେ । ଯାହା ପରେ ଏନେଇ ସଫେଇ ରଖିଥିଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ । ସୂଚନାଯୋଗ୍ୟ ଯେ, ଏହାପୂର୍ବରୁ ସିଆଇଏସଏଫ୍, ବିଏସଏଫ୍, ସିଆରପିଏଫ୍, ଏସଏସବି ଭଳି ପ୍ରମୁଖ ପୋଷ୍ଟରେ ଅଗ୍ନିବୀରମାନଙ୍କୁ ସଂରକ୍ଷଣ ମିଳିବା ନେଇ ଘୋଷଣା ହେଇସାରିଛି । ଅଗ୍ନିବୀରମାନଙ୍କୁ ଏହି ଅର୍ଦ୍ଧସୈନିକ ବଳରେ ୧୦ ପ୍ରତିଶତ ସଂରକ୍ଷଣ ମିଳିବ ବୋଲି ଘୋଷଣା କରାଯାଇଛି । ଏହାପରେ ଏବେ ହରିୟାଣାର ସୈନୀ ସରକାର ଏହି ବଡ ଘୋଷଣା କରିଛନ୍ତି ।

## ମୁମ୍ବାଇ ବିମାନବନ୍ଦରରୁ ୧୩.୨୪ କେଜି ସୁନା ଜବତ : ୭ ଗିରଫ

ମୁମ୍ବାଇ, ୧୭/୭: ସୀମା ଶୁଳ୍କ ବିଭାଗ (କଷ୍ଟମ)ର ଅଧିକାରୀ ମାନେ ମୁମ୍ବାଇ ବିମାନବନ୍ଦରରୁ ୧୩.୨୪ କେଜି ସୁନା ବ୍ୟତିତ ୧.୩୮ କୋଟି ମୂଲ୍ୟର ବିଦ୍ୟୁତ ଉପକରଣ ଏବଂ ୪୫ ଲକ୍ଷ ଟଙ୍କାର ବିଦେଶୀ ମୁଦ୍ରା ଜବତ କରିଛନ୍ତି । ଏହି ମାମଲାରେ ୭ ଜଣଙ୍କୁ ଗିରଫ କରାଯାଇଛି । ଜବତ ସୁନାର ମୂଲ୍ୟ ଆନ୍ତର୍ଜାତିକ ବଜାରରେ ପ୍ରାୟ ୯ କୋଟି ଟଙ୍କା ହେବ । କଷ୍ଟମ୍ ବିଭାଗ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ସୀମା ଶୁଳ୍କ ବିଭାଗର ଟିମ୍ ମୁମ୍ବାଇ ବିମାନବନ୍ଦରରେ ନିୟମିତ କାର୍ଯ୍ୟାନୁଷ୍ଠାନ ▶▶ପୃଷ୍ଠା ୭

## ହାଇୱା- ବସ୍ ଧକ୍କା : ୧୦ ଯାତ୍ରୀ ଆହତ

ବଲାଙ୍ଗିର, ୧୭/୦୭ (ନି.ପ୍ର): ବଲାଙ୍ଗିର ଗଇଁନ୍ତଲା ଠାରେ ଆଜି ଭୋର ସମୟରେ ଦିଲ୍‌ଖୁସ୍ ନାମକ ଏକ ବସ୍ ଦୁର୍ଘଟଣାର ଶିକାର ହୋଇଥିବା ଖବର ମିଳିଛି । ସୂଚନା ଅନୁସାରେ, ଦିଲ୍‌ଖୁସ୍ ନାମକ ଏକ ବସ୍ ଯାତ୍ରୀ ମାନଙ୍କୁ ନେଇ ଭୁବନେଶ୍ୱରରୁ ମାଲକାନଗିରି ଆସୁଥିଲା । ଏହି ସମୟରେ ଗଇଁନ୍ତଲା ଗ୍ରାମରେ ବସ୍ ଟି ଅନ୍ୟ ଗାଡିକୁ ରାସ୍ତା ଦେବାକୁ ଯାଇ ଠିଆ ହୋଇଥିବା ଏକ ହାଇୱାକୁ ଧକ୍କା ଦେଇଥିଲା । ଫଳରେ ବସ୍ ର ସାମ୍ନା ପଟ ଚୁରମାର୍ ହୋଇଯାଇଥିବା ବେଳେ ବସ୍ ରେ ବସିଥିବା ପାଖାପାଖି ୧୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି । ଆହତଙ୍କୁ ବଲାଙ୍ଗିର ଭୀମ ଭୋଇ ମେଡ଼ିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତି କରାଯାଇଛି । ଘଟଣାସ୍ଥଳରେ ପୁଲିସ ପହଂଚି ଆହତ ମାନଙ୍କୁ ହସ୍ପିଟାଲ ପଠାଇବା ସହିତ ତଦନ୍ତ ଆରମ୍ଭ କରିଥିବା ସୂଚନା ରହିଛି ।

# ଲୋକପ୍ରିୟ ଶିକ୍ଷକଙ୍କ ବିୟୋଗ

ବାଲେଶ୍ୱର, ୧୭/୦୭ (ନି.ପ୍ର): ବାଲେଶ୍ୱର ମହର୍ଷି ବିଦ୍ୟାମନ୍ଦିରରେ ହିନ୍ଦୀ ଶିକ୍ଷକ ଭାବେ ଦୀର୍ଘ ତିନି ଦଶନ୍ଧି ଧରି ଅଧ୍ୟାପନା କରି ସମଗ୍ର ବାଲେଶ୍ୱର ସହରରେ ଲୋକପ୍ରିୟତା ଅର୍ଜନ କରିଥିବା ଜୟପ୍ରକାଶ ଦୁବେଙ୍କର ଗତ ପବିତ୍ର ବାହୁଡ଼ା ଦିବସରେ ପରଲୋକ ହୋଇଯାଇଛି । ହଠାତ୍ ହୃଦ୍‌ଘାତରେ ଆକ୍ରାନ୍ତ ହୋଇ ପ୍ରଥମେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା ଓ ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବା ଯୋଗୁଁ ଭୁବନେଶ୍ୱରର କିମ୍ସ ହସପିଟାଲକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା । ଗୁଜୁରାଟର ଏକ ବିଶ୍ୱବିଦ୍ୟାଳୟରେ ତାଙ୍କ ପୁଅ ସହକାରୀ ପ୍ରଫେସର ଭାବରେ କାର୍ଯ୍ୟ କରୁଥିବା ବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ତାଙ୍କର ଝିଅ ସ୍ନାତକୋତ୍ତର ଶିକ୍ଷା ଗ୍ରହଣ କରୁଛନ୍ତି । ତାଙ୍କର ବିୟୋଗରେ ତାଙ୍କର ଶୁଭେଚ୍ଛୁ ଏବଂ



ଛାତ୍ରଛାତ୍ରୀମାନଙ୍କ ଗହଣରେ ଗଭୀର ଶୋକର ଛାୟା ଖେଳିଯାଇଛି । ଦୁବେ ସାର୍ ନାମରେ ପରିଚିତ ବିହାର ରାଜ୍ୟରେ ଜନ୍ମିତ ଏବଂ ଶିକ୍ଷାପ୍ରାପ୍ତ ଜୟପ୍ରକାଶ ସା ?ଙ୍କର ବହୁ କୃତୀ ଛାତ୍ର ଦେଶ ଓ ବିଦେଶରେ ବିଭିନ୍ନ ପଦପଦବୀରେ ନିୟୋଜିତ ହୋଇ ସୁନାମ ଅର୍ଜନ କରିଛନ୍ତି । ତାଙ୍କର ବିୟୋଗରେ କବି ଓ ସମାଜସେବୀ ଅଭୟ ଦାସ, ମହର୍ଷି ବିଦ୍ୟାମନ୍ଦିରର ପ୍ରାକ୍ତନ ଅଧ୍ୟକ୍ଷ ମହେଶ୍ୱର ପ୍ରସାଦ ମିଶ୍ର, ଶିକ୍ଷକ ଶୈଳେଶ ଚୌଧୁରୀ, ଅଜିତ୍ କୁମାର ନନ୍ଦୀ, ଶିକ୍ଷୟିତ୍ରୀ ମଂଜୁଲତା ବଳ, ନିହାରୀକା ଦାସ, ପ୍ରଭାତ କୁମାର ଦାସମହାପାତ୍ର, ନୟନା ଦାସମହାପାତ୍ର, ଅଶୋକ ଭୂୟାଁ, ସଲୀଳା ମହାନ୍ତି, ସାଇରାତୁନ ନେସା, ସଂଜୁ ସାହୁ, ରାଧାଶ୍ୟାମ ପାଣିଗ୍ରାହୀ, ବନ୍ଦନା ବାନାର୍ଜୀ, ସୁଜାତା ପଟ୍ଟନାୟକ, ନବୀନ ମହାନ୍ତି, ରତିକାନ୍ତ ଗିରି, ନିଶିକାନ୍ତ ଗିରି, ରବୀନ୍ଦ୍ର ମହାନ୍ତି, ଅଜିତ୍ କୁମାର ଦାସ, ବିଶ୍ୱମିତ୍ରା ପରିଡ଼ା, ମଧୁମିତା ମହାନ୍ତି, ଅନନ୍ତ କୁମାର ଗାନ୍ଧୀ, ଜଗନ୍ନାଥ ପ୍ରଧାନ, ପ୍ରଭାସିନୀ କାଶ୍ୟପ, ସନ୍ଧ୍ୟା ମହାପାତ୍ର, ଅଭୟ କୁମାର ସ, ଉର୍ମି ନାୟକ, ସବିତା ମିଶ୍ର, ଏସ୍.ପରଭିନ୍, ଅଜିତ୍ କୁମାର ଦାସ, ଅଞ୍ଜଳି ଦାଶ, ତପନ କୁମାର, ପୂର୍ଣ୍ଣଚନ୍ଦ୍ର ଷଡ଼ଙ୍ଗୀ, ବନଲତା ବାରିକ ଏବଂ ଛାତ୍ରୀ ଚିଦାନନ୍ଦ ଅର୍ପିତା,ସୁଜାତା ବେହେରା, ଛାତ୍ର ଓମ୍‌ପ୍ରୟାସ ଓ ତ୍ରିଦେବେଶ ଚୌଧୁରୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

## ରତ୍ନ ଭଣ୍ଡାର ଗଣତି, ମଣତି ଓ ମରାମତି ସମ୍ପର୍କରେ ଶ୍ୱେତପତ୍ର ପ୍ରକାଶ କରନ୍ତୁ ସରକାର: କଂଗ୍ରେସ

ଭୁବନେଶ୍ୱର, ୧୭/୦୭ (ନି.ପ୍ର): ପବିତ୍ର ରଥଯାତ୍ରା ସମୟରେ ଯେଉଁସବୁ ଅଭାବନୀୟ ଘଟଣା ଘଟିଗଲା ତାକୁ ନେଇ କଂଗ୍ରେସ ପକ୍ଷରୁ କ୍ଷୋଭପ୍ରକାଶ କରାଯାଇଛି । ବଡ଼ ଠାକୁର ମହାପ୍ରଭୁ ଶ୍ରୀ ବଳଭଦ୍ର ଆଡ଼ପମଣ୍ଡପ ପହଣ୍ଡି ସମୟରେ ଚାରମାଳ ଉପରେ ମୁଁହ ମାଡ଼ି ପଡ଼ିଯିବା ଘଟଣା କୋଟି କୋଟି ଜଗନ୍ନାଥ ପ୍ରେମୀ ଭକ୍ତଙ୍କୁ ଗଭୀର ମାନସିକ ଆଘାତ ଦେଇଛି । ସରକାର ଏହି ଘଟଣାକୁ ମହାପ୍ରଭୁଙ୍କ ଲୀଳା ବୋଲି କହି ଦୋଷ ଲୁଚାଇବାକୁ ଯେଉଁ ଅପଚେଷ୍ଟା କରିଛନ୍ତି ତାହା ଦୁର୍ଭାଗ୍ୟଜନକ । ତେବେ ଏ ଘଟଣା ପାଇଁ ଦାୟି କିଏ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ସରକାର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ଏହାର ତଦନ୍ତ କରି ସତ ସାମନାକୁ ଆଣନ୍ତୁ ଓ ସଂପୃକ୍ତ ଦୋଷୀଙ୍କୁ ଉଚିତ ଦଣ୍ଡ ବିଧାନ କରାଯାଉ ବୋଲି କଂଗ୍ରେସ ଦାବି କରିଛି । ସେହିପରି ରାଜ୍ୟ ସରକାର ଚାରିଦ୍ୱାର ଖୋଲିଛନ୍ତି ସତ ମନ୍ଦିର ଭିତରେ ଭିଡ଼ ପରିଚାଳନା କରିବା ଦିଗରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ସରକାର ରତ୍ନ ଭଣ୍ଡାର ଖୋଲିଛନ୍ତି ହେଲେ କେବେ ସୁଦ୍ଧା ଗଣତି, ମଣତି କାମ ସାରିବେ ତାହା ସ୍ପଷ୍ଟ କରିବାକୁ ସେ ଦାବି କରିଛନ୍ତି ।

ଅନ୍ୟପକ୍ଷରେ ରାଜ୍ୟପାଳଙ୍କ ପୁଅ ଜଣେ ଓଡ଼ିଆ କାର୍ଯ୍ୟରତ ଏ.ଏସ.ଓଙ୍କୁ ଯେଉଁଭଳି ଭାବେ ସଂଘବଦ୍ଧ ଆକ୍ରମଣ କରି ଲହୁ ଲୁହାଣ କଲେ ତାହା କ'ଣ ଓଡ଼ିଆ ଅସ୍ମିତାର ପରିଚୟ କି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ଆଇନ ସମସ୍ତଙ୍କ ପାଇଁ ସମାନ । ମୁଖ୍ୟମନ୍ତ୍ରୀ ନିଜ ପାଖରେ ଗୃହ ବିଭାଗ ରଖିଥିବା ବେଳେ ଅଣ ଓଡ଼ିଆ ଲୋକ ଓଡ଼ିଆ ଲୋକଙ୍କୁ ବାଡ଼େଇବେ ହେଲେ ମୁଖ୍ୟମନ୍ତ୍ରୀ ନିରବଦ୍ରଷ୍ଟା ହେବେ ଏହା କି ପ୍ରକାର ଓଡ଼ିଆ ଅସ୍ମିତା ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । କଂଗ୍ରେସ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି ଯେ ଚାରମାଳ ଉପରେ ମହାପ୍ରଭୁ ଶ୍ରୀ ବଳଭଦ୍ର ଯେପରି ଭାବେ ପଡ଼ିଗଲେ ତାହା ଆଗରୁ କେବେବି ହୋଇନଥିଲା । ଏ ଘଟଣା କାହିଁକି ଘଟିଲା ଓ ସେଥିରେ ସଂପୃକ୍ତ ଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜଣେ ଅବସରପ୍ରାପ୍ତ ଉଚ୍ଚନ୍ୟାୟଳୟ ବିଚାରପତିଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯାଇ ବିହିତ ପଦକ୍ଷେପ ନେବାକୁ ଶ୍ରୀ ହରିଚନ୍ଦନ ଦାବି କରିଛନ୍ତି । ରତ୍ନ ଭଣ୍ଡାରର ଗଣତି, ମଣତି ସହିତ ଅଳଙ୍କାର ଗୁଡ଼ିକ ତାଲିକାଭୁକ୍ତ କରାଯାଇ ଏ ସମ୍ପର୍କରେ ସରକାର ତୁରନ୍ତ ଏକ ଶ୍ୱେତପତ୍ର ପ୍ରକାଶ କରିବାକୁ ଶ୍ରୀ ହରିଚନ୍ଦନ ଦାବି କରିଛନ୍ତି । ରତ୍ନ ଭଣ୍ଡାରର ତୁରନ୍ତ ମରାମତି ନକରାଗଲେ ମନ୍ଦିର ଦବି ଯିବ ଓ ଏହାର ଢ଼ାଂଚା ବଦଳି ଯିବ ବୋଲି ସେ ଆଶଙ୍କା ପ୍ରକାଶ କରିନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ବରିଷ୍ଠ ନେତା ବିଜୟ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟପାଳଙ୍କ ପୁଅ ଜଣେ କାର୍ଯ୍ୟରତ ଓଡ଼ିଆ ଅଫିସରଙ୍କୁ ମାଡ଼ମାରି ଲହୁ ଲୁହାଣ କଲେ ହେଲେ ରାଜ୍ୟର ରାଜ୍ୟପାଳ ଓ ଗୃହ ବିଭାଗ ନିଜ ପାଖରେ ରଖିଥିବା ମୁଖ୍ୟମନ୍ତ୍ରୀ ନୀରବ ରହିବା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି । ଏ ସମ୍ପର୍କରେ ପୀଡ଼ିତ ଅଧିକାରୀ ଜଣଙ୍କ ଏତଲା ଦେଇଥିଲେ ମଧ୍ୟ ପୋଲିସ ହାତ ବାନ୍ଧି ବସିଛି । ଅଭିଯୁକ୍ତଙ୍କୁ ଗିରଫ କରିବା ବଦଳରେ ଏଏସଓ ଜଣଙ୍କୁ ବଦଳି କରାଗଲା କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି । ଘଟଣାଟିକୁ ଚାପି ଦେବାପାଇଁ ଉଦ୍ୟମ ଚାଲିଥିବା ବେଳେ ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀଙ୍କୁ ଦଣ୍ଡ ଦେବା ଲାଗି କଂଗ୍ରେସ ଦାବି କରିଛି ।

# ବ୍ରହ୍ମବରଦା ଅଂଚଳରେ ମାଳମାଳ ନକଲି ଫେକ୍ ଆଇଡି

ଧର୍ମଶାଳା, ୧୭/୦୭ (ନି.ପ୍ର): ଫେକ୍ ଆଡି ଉପରେ ବ୍ରେକ୍ ଲାଗୁ ନାହିଁ । ଏପରି କିଛି ଦିନ ପୂର୍ବେ ନୂତନ ମୁଖ୍ୟମନ୍ତ୍ରୀଙ୍କ ନାମରେ ଫେକ୍ ଆଡି ବ୍ୟବହାର କରାଯାଉଛି । ଏପରିକି ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସରକାରୀ/ବେସରକାରୀ କର୍ମଚାରୀ,ନିରୀହ ଯୁବତୀମାନେ ଏହାର ଶିକାର ହେଉଛନ୍ତି । ଏହି ଫେକ୍ ଆଇଡିରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଅନେକ ସରକାରୀ ଓ ବେସରକାରୀ କର୍ମଚାରୀ ବଦନାମ ହେବା ସହିତ ଯୁବତୀମାନେ ପ୍ରଭାବିତ ହୋଇ ଘର ପଦାକୁ ଯିବାକୁ ଅମଙ୍ଗ ହେଉଛନ୍ତି । ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଅଂଚଳରେ ମାଳମାଳ ବିଭିନ୍ନ ଫେକ୍ ଆଇଡି ବ୍ୟବହୃତ ହେଉଥିବା ଜଣାପଡିଛି । ଫେକ୍ ମାଟ୍ରିମୋନୀ,ଫେକ୍ ଇ-ମେଲ,ଫେସ୍‌ବୁକ୍ ,ରିଲସ୍ ଓ ଫୋନ ପେରେ ବ୍ୟବହୃତ ହେଉଥିବା ଘଟଣା ସାମ୍ନାକୁ ଆସିଥିବା ଦେଖିବାକୁ ମିଳିଛି । କିଛି ଯୁବ ଗୋଷ୍ଠୀ ସକ୍ରୀୟ ହୋଇ ମୋବାଇଲରେ ଏହି ଫେକ୍ ଆଇଡି ବ୍ୟବହାର କରି ବହୁ କର୍ମଚାରୀ ଓ ଯୁବତୀମାନଙ୍କୁ ବଦନାମ କରିବାକୁ ଉଦ୍ୟମ କରୁଛନ୍ତି । ଯାହାକୁ ନେଇ ସରକାରୀ ସଂସ୍ଥା ହେଉ ବା ବେସରକାରୀ ସଂସ୍ଥା ବିନା କାରଣରେ ବଦନାମ ହେଉଥିବା ବେଳେ ଯୁବତୀମାନେ ବେଶି ପ୍ରଭାବିତ ହେଉଛନ୍ତି । ମୋବଇଲରେ ଚ୍ୟାଟିଂ କରି କେମେଳମତି ଶିଶୁ ଓ ଯୁବତୀମାନେ ଏହାର ଶିକାର ହୋଇ ସେମାନଙ୍କ ସହ ବିଭିନ୍ନ ଅନୈତିକ ସମ୍ପର୍କ ରଖିବାକୁ ବାଧ୍ୟ ହେଉଛନ୍ତି । ଏପରିକି ଘର ଛାଡିବା ସହ ଆତ୍ମହତ୍ୟା କରିବାକୁ ପଛାଉ ନାହାନ୍ତି । ଅନେକ ଘଟଣାରେ ଫୋନ ପେ ମାଧ୍ୟମରେ ବହୁ ଟଙ୍କା ଲୁଟି ନେଉଥିବା ଜଣାପଡିଛି । ମାଟ୍ରିମୋନିରେ ଫେକ୍ ଆଇଡି କରି ଝିଅଙ୍କୁ ଜାଲରେ ଫସାଉଛନ୍ତି । ବିବାହର ପ୍ରଲୋଭନ ଦେଖାଇ ଝିଅମାନଙ୍କୁ ଠକୁଥିବା ଜଣାପଡିଛି । ଏହି ବ୍ରହ୍ମବରଦା ଅଂଚଳରେ ପୂର୍ବରୁ ବହୁବାର ଏଭଳି ଘଟଣା ଘଟି ଯାଇଥିବା ନେଇ ଥାନାରେ ଅଭିଯୋଗ ହେବା ନଜିର ରହିଛି । କେତେକ ଘଟଣା ଆପୋଷ ସମାଧାନ ହୋଇଥିବା ବେଳେ ଆଉ କେତେକ ଘଟଣାରେ ମାମଲା ରୁଜୁ ହୋଇଥିବା ନଜିର ରହିଛି । ଆଟିଂ କରପସନ ପକ୍ଷରୁ ଜନସାଧାରଣଙ୍କୁ ଅବଗତ ନିମନ୍ତେ ମୋବାଇଲରେ ମ୍ୟାସେଜ୍ ଆସୁଥିଲେ ମଧ୍ୟ ସାଧାରଣ ଲୋକେ ଇଂରାଜୀ ନ ପଢିବାରୁ ସଚେତନ ହୋଇପାରୁ ନାହାନ୍ତି । ଏଦିଗରେ ପ୍ରଶାସନ ପକ୍ଷରୁ ଜନସଚେତନ କାର୍ଯ୍ୟକ୍ରମ କରାଗଲେ ଏବଂ ଫେକ୍ ଆଇଡି ବ୍ୟବହାରକାରୀଙ୍କ ବିରୋଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଗଲେ ଏହି ଘଟଣାରେ ରୋକ ଲାଗି ପାରିବ ବୋଲି ଅଂଚଳବାସୀ ଆଶାବାଦୀ ଅଛନ୍ତି ।

# ଅଗଷ୍ଟ ୯ରେ ରିଲିଜ୍ ହେବ 'ଭଗିଆ ଭାରିଯା'

■ସମୁଦାୟ ୪୦ଟି ହଲରେ ମୁକ୍ତିଲାଭ କରିବ
■ପ୍ରମୁଖ ଭୂମିକାରେ ନଜର ଆସିବେ ହରି ଓ ଦେବଜାନୀ
■ଦର୍ଶକଙ୍କ ମଧ୍ୟରୁ ଗୋଟିଏ ପରିବାରକୁ ମିଳିବ ବିଦେଶ ଯିବାର ସୁଯୋଗ

ଭୁବନେଶ୍ୱର, ୧୭/୦୭ (ନି.ପ୍ର): ଭଲ ସିନେମାର ଦରଜା-'ଭଗିଆ ଭାରିଯା' । ଏମିତି ଏକ ଦୃଢ଼ ଆତ୍ମବିଶ୍ୱାସ ନେଇ ଆସୁଛି ହରିବୋଲ ଏଣ୍ଟରଟେନମେଣ୍ଟ ଆଣ୍ଡ ପ୍ରାଇଭେଟ୍ ଲିମିଟେଡ ଦ୍ୱାରା ନିର୍ମିତ ନୂଆ ସିନେମା 'ଭଗିଆ ଭାରିଯା ' । 'ଦମନ ', ' ପ୍ରତୀକ୍ଷା ', ଓ 'ପାବାର ' ପରେ ଏହାକୁ ସେମିତି ଏକ ପ୍ରତିନିଧି ଶ୍ରେଣୀୟ ଏବଂ ମୌଳିକ କାହାଣୀର ଦର୍ଜା ଦିଆଯାଇପାରେ । ଆଜି ସ୍ଥାନୀୟ ବୁଦ୍ଧ ମନ୍ଦିରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହାର ମୁକ୍ତିଲାଭ ତାରିଖ ଘୋଷଣା କରାଯାଇଛି । ଆଗାମୀ ଅଗଷ୍ଟ ୯ ତାରିଖରେ ଏହା ମୁକ୍ତିଲାଭ କରିବ ବୋଲି ସୂଚନା ଦେଇଛନ୍ତି ଚଳଚ୍ଚିତ୍ରର ଅନ୍ୟତମ ପ୍ରଯୋଜକ ଡ . ଭୀଷ୍ମ ରଥ । ବର୍ତ୍ତମାନ ପରିପ୍ରେକ୍ଷୀରେ ଓଡିଆ ସିନେମାର ସ୍ଥିତି ସୁଧାରିବା ପାଇଁ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି । ଏଣୁ 'ଭଗିଆ ଭାରିଯା' ଟିମ୍ ପକ୍ଷରୁ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯିବ । ଓଡ଼ିଶାର ପ୍ରମୁଖ ଗଣମାଧ୍ୟମ ସଂସ୍ଥାର ସମ୍ପାଦକ ଓ ଚଳଚ୍ଚିତ୍ର ସାମ୍ବାଦିକଙ୍କୁ ଭେଟି ସେମାନଙ୍କ ସହାୟତା ଲୋଡା ଯିବ ବୋଲି ସେ କହିଛନ୍ତି । କେବଳ ସେତିକି ନୁହେଁ, ଏହି ଚଳଚିତ୍ରର ଦର୍ଶକଙ୍କ ପାଇଁ ରହିଛି ବିଦେଶ ଭ୍ରମଣର ସୁଯୋଗ । ସିନେମା ଦେଖି ସବୁଠାରୁ ଉତ୍ତମ ମତାମତ ଦେଇଥିବା ସୌଭାଗ୍ୟଶାଳୀ ବିଜେତା ଏବଂ ତାଙ୍କ ପରିବାରକୁ ମାଲେସିଆ ଯିବାର ସୁଯୋଗ ମିଳିବ । ବୋଧହୁଏ ଓଲିଉଡ ଇତିହାସରେ ଏପରି ଘଟଣା ପ୍ରଥମ । ଏହି ସାମ୍ବାଦିକ ସମ୍ମିଳନୀରେ ନାୟକ ହରି, ନାୟିକା ଦେବଯାନୀ, ବବି ମିଶ୍ର, ପୁପିନ୍ଦର ଏବଂ ଅନ୍ୟତମ ପ୍ରଯୋଜକ ଡ. ଭୀଷ୍ମ ରଥ ଓ ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାହୁଙ୍କ ସମେତ ଚଳଚ୍ଚିତ୍ର ସହ ସମ୍ପୃକ୍ତ ବହୁ କଳାକାର ଓ ଟେକ୍ନିସିଆନ ଯୋଗ ଦେଇଥିଲେ । ଆଜିକାଲି ରିଲ୍ସ ବନେଇ ସୋସିଆଲ ମିଡିଆରେ ଛାଡ଼ିବା ଏକ ଫ୍ୟାସନ ହେଇଗଲାଣି । ସାତ ରୁ ସତୁରୀ ସମସ୍ତେ ଏବେ ରିଲ୍ସ ମାୟାରେ ବାୟା । ସମସ୍ତେ ଯେ ଏଥିରେ ମାତି ଖରାପ ବାର୍ତ୍ତା




ଦେଉଛନ୍ତି ତାହା ନୁହେଁ, ଅନେକ ଭଲ ବାର୍ତ୍ତା ବି ଦେଉଛନ୍ତି । ସେହିପରି ଏକ ନିପଟ ମଫସଲରେ ରହୁଥିବା ଅଟୋ ଚାଳକ ଭଗିଆର ଭାରିଯାକୁ ଏହି ନିଶା ଘାରିଛି । ରିଲ୍ସ ମାଧ୍ୟମରେ ନିଜର ପରିଚୟ ସୃଷ୍ଟି ପାଇଁ ସେ ଲକ୍ଷ୍ୟ ରଖିଛି । ହେଲେ ସେ ଲକ୍ଷ୍ୟ କେବେ ପୂରଣ ହେଉଛି ତାହା ଫିଲ୍ମ ରିଲିଜ୍ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ । ରିଲିଜ୍ ତାରିଖ ଘୋଷଣା ସାରିଛି । ଅଗଷ୍ଟ ୯ ରେ ମୁକ୍ତିଲାଭ କରିବାକୁ ଯାଉଛି ଭଗିଆ ଭାରିଯା । ହରିବୋଲ ମିଡିଆ ଆଣ୍ଡ ଏଣ୍ଟରଟେନମେଣ୍ଟ ପ୍ରାଇଭେଟ୍ ଲିମିଟେଡ ଦ୍ୱାରା ପ୍ରଯୋଜିତ ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ଲେଖିଛନ୍ତି ଓଲିଉଡର ଲୋକପ୍ରିୟ ହାସ୍ୟଅଭିନେତା, ପ୍ରଯୋଜକ ତଥା ନିର୍ଦ୍ଦେଶକ ହରିହର ମହାପାତ୍ର । ଏଥିରେ ସେ ନାୟକ ଭଗିଆ ଚରିତ୍ରରେ ଅଭିନୟ କରିବା ସହିତ ପ୍ରଯୋଜନାର ଗୁରୁ ଦାୟିତ୍ୱ ସମ୍ଭାଳିଛନ୍ତି । ଏଥିରେ ତାଙ୍କର ନାୟିକା ଅଛନ୍ତି ଦେବଯାନୀ ଯିଏକି ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି । ଅନ୍ୟାନ୍ୟ ଚରିତ୍ରରେ ବବି ମିଶ୍ର ଓ ପୁପିନ୍ଦରଙ୍କୁ ଦେଖିବାକୁ ମିଳିବ । ଏହାର ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ । ସେ ବାପି ନାଁରେ ଓଲିଉଡରେ ବେଶ୍ ଜଣାଶୁଣା । ପ୍ରଯୋଜନା ଦାୟିତ୍ୱ ନିର୍ବାହ କରିଛନ୍ତି ଡ. ଭୀଷ୍ମ ରଥ ଓ ହରିହର ମହାପାତ୍ର । ଡିଓପିରେ ମୁମ୍ବାଇରେ ରହୁଥିବା ଓଡ଼ିଆ କ୍ୟାମେରାମ୍ୟାନ୍ ମାନସ ମିଶ୍ର ଥିବା ବେଳେ ସଙ୍ଗୀତ ଦେଇଛନ୍ତି ମେଲୋଡି ମେକର ମଳୟ ମିଶ୍ର । ଚଳଚିତ୍ରର ଟାଇଟଲ ଟ୍ରାକଟି ଏବେ ଟ୍ରେଣ୍ଡିଙ୍ଗରେ ରହିଛି । ସମ୍ପାଦନାରେ ଅଛନ୍ତି ରାଜେଶ ଦାଶ । ଚଳଚିତ୍ରଟିକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ସବୁ ପ୍ରକାର ଚେଷ୍ଟା କରାଯାଇଛି । ଡିଆଇ ଚେନ୍ନାଇ ଠାରେ କରାଯାଇଥିବା ବେଳେ ବିଜିଏମ୍ମ କରାଯାଇଛି ମୁମ୍ବାଇ ଠାରେ । ସବୁ ବର୍ଗ ର ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ଏହି ସିନେମାରେ ମନୋରଞ୍ଜନର ଭରପୂର ଉପାଦାନ ରହିଛି । 'ଭଗିଆ ଭାରିଯା' ସମୁଦାୟ ୪୦ଟି ହଲରେ ମୁକ୍ତିଲାଭ କରିବାକୁ ଯାଉଥିବା ବେଳେ ପ୍ରଯୋଜନା ସଂସ୍ଥା ଏହାର ମୁକ୍ତିଲାଭକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ମାହେଶ୍ୱରୀ ସଂଗଠନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା

ବଲାଙ୍ଗିର, ୧୭/୦୭ (ନି.ପ୍ର): ବଲାଙ୍ଗିର ର ଅଗ୍ରଣୀ ଯୁବ ସାମାଜିକ ସଂଗଠନ ମାହେଶ୍ୱରୀ ସାମାଜିକ ସଂଗଠନ ତରଫରୁ ମନ୍ତ୍ରୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବୈଦେଶିକ ବ୍ୟାପାର ତଥା ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟା, ଓଡିଶା କାର୍ଯ୍ୟାଳୟ ଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଶତାଧିକ ପୁରୁଷ ତଥା ମହିଳା ସ୍ୱେଚ୍ଛାସେବୀ ମଙ୍ଗଳା ମନ୍ଦିର ଠାରୁ ଏକ ବିଶାଳ ଶୋଭାଯାତ୍ରାରେ କାର୍ଯ୍ୟାଳୟକୁ ପାଛୋଟି ନେଇଥିଲେ । ଏକ ଚା ରୋପଣ ସହିତ ମନ୍ତ୍ରୀ ଏହି କାର୍ଯ୍ୟକ୍ରମକୁ ସାଂଗଠନିକ ଭାବେ ଉଦ୍ ?ଘାଟନ କରିଥିଲେ । ସର୍ବ ପ୍ରଥମେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡିଆ ସ୍ୱାଗତ ଭାଷଣ ମାଧ୍ୟମରେ ମନ୍ତ୍ରୀ ମହୋଦୟଙ୍କୁ ଅଭିନନ୍ଦନ ଜଣାଇବା ସହ ଉପସ୍ଥିତ ଯୁବ ଗୋଷ୍ଠିଙ୍କୁ ଆହୁରି ନିସ୍ୱାର୍ଥପର ସେବା କାର୍ଯ୍ୟ ଜାରି ରଖିବା ପାଇଁ ଉତ୍ସାହିତ କରିଥିଲେ । ମୁଖ୍ୟ ଶାଖା ତରଫରୁ ମାନପତ୍ର, ଉପଢୌକନ, ବୃକ୍ଷଚାରା ଆଦି ଦେଇ ସମ୍ବର୍ଦ୍ଧିତ କରାଯିବା ପରେ ଅନ୍ୟାନ୍ୟ ଶାଖା ଟିଟିଲାଗଡ, ଆଗଲପୁର, ତରଭା, ପାଟଣାଗଡ, ଲୋଇସିଂହା, ତୁରେକେଲା, ସଦର ବ୍ଲକ ବଲାଙ୍ଗିର ର ବିଭିନ୍ନ ପଂଚାୟତ କୁଡାସିଂହା, ମିର୍ଦ୍ଧାପାଲି, ବିଡିଘାଟ ଆଦି ମଧ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ । ସଦର ବ୍ଲକ ସମନ୍ୱୟକାରୀ ଦେବାଶିଷ ପାଣ୍ଡିଆ, ତରଭା ଶାଖା ସଭାପତି ପ୍ରବିର ମେହେର, ଆଗଲପୁର ସଂଯୋଜକ ସନ୍ୟାସି ମେହେର, ଟିଟିଲାଗଡ ସଭାପତି ମମତା ସାହୁ, ଲୋଇସିଂହା ମନୋଜ, ଖପ୍ରାଖୋଲ ସଭାପତି ସରୋଜ ସାହୁ, ପାଟଣାଗଡ ନିରୋଜ ପଟେଲ, ପଇଁନ୍ତଲା ଅଙ୍ଗଦ ପଧାନ, ମହିଳା ଶାଖାର ସୁଶ୍ରିତା ଠାକୁର, ସୁଷମା ବହିଦାର, ପ୍ରଜ୍ଞାମୟୀ ମହିଦାର, ପଦ୍ମାଳୟା ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଦିର୍ଘ ବର୍ଷ ଧରି ମାହେଶ୍ୱରୀ ସଂଗଠନର କାର୍ଯ୍ୟକଳାକୁ ନିରିକ୍ଷଣ କରୁଥିବା ଏବଂ କୋଭିଡ ମହାମାରି ସମୟରେ ସଂଗଠନ ତରଫରୁ କରାଯାଇଥିବା କାର୍ଯ୍ୟକଳାପ ସବୁବେଳେ ପ୍ରଶଂସନୀୟ, ସ୍ୱାସ୍ଥ୍ୟ ଓ ସମାଜ ସଂସ୍କାର କ୍ଷେତ୍ରରେ କାମ କରି ଆସୁଥିବା ମାହେଶ୍ୱରୀ ସଂଗଠନକୁ ସବୁବେଳେ ସହଯୋଗ ରହିବା ସହ ବର୍ତ୍ତମାନ ମାହେଶ୍ୱରୀ ତରଫରୁ ଚାଲିଥିବା ସ୍ୱଚ୍ଛତା ଓ ସଂଯମତା କାର୍ଯ୍ୟକ୍ରମ ପାଇଂ ଦଶ ହଜାର ସାନିଟାରି ପ୍ୟାଡ ଯୋଗାଇ ଦେବାକୁ ନିର୍ଦ୍ଦେଶ କରିଥିଲେ । ସଂଗଠନର ଉପଦେଷ୍ଟା ଡ. ଲଳିତ କୁମାର ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ସଂଗଠନ ସଭାପତି ଶୋଭନ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ ।

# ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ୧୪୦ତମ ଜୟନ୍ତୀ ପାଳନ

କେନ୍ଦ୍ରାପଡ଼ା, ୧୭/୦୭ (ନି.ପ୍ର): ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ୧୪୦ତମ ଜୟନ୍ତୀ ପାଳନ କେନ୍ଦ୍ରାପଡା ଉଚ୍ଚ ବିଦ୍ୟାଳୟ ନିକଟରେ ହୋଇ ଯାଇଛି । ଅବସରରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ସମ୍ମାନୀତ ଅତିଥି ଭାବେ ଗରାପୁର ଶିବାନନ୍ଦ ଆଶ୍ରମରେ ଅଧ୍ୟକ୍ଷା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ, ପ୍ରାକ୍ତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ । ସ୍ମୃତି କମିଟି ସଭାପତି କରୁଣାକର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ବରେଣ୍ୟ ଅତିଥି ଭାବରେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା ଯୋଗଦେଇ ଆମେ ଆନନ୍ଦ ଚନ୍ଦ୍ର ଜେନାଙ୍କୁ ତାଙ୍କ ଅବଦାନ ତୁଳନାରେ ଯଥୋଚିତ ସମ୍ମାନ ପ୍ରଦର୍ଶନ ବା ତାଙ୍କର ପ୍ରଚାର ପ୍ରସାର କରିପାରି ନାହୁଁ । ଅନ୍ୟମାନଙ୍କ ମଧ୍ୟରେ ଡ. ସୁରେନ୍ଦ୍ର ନାଥ ଆଚାର୍ଯ୍ୟ, ପ୍ରାକ୍ତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ପୂର୍ବତନ ଜିଲ୍ଲା ଓକିଲ ସଙ୍ଘ ସଭାପତି ବିଚିତ୍ରାନନ୍ଦ ମହାନ୍ତି, ଫକିର ଚରଣ ଖଟୁଆ, ବିଜେଡି ରାଜ୍ୟ ସମ୍ପାଦକ ରଞ୍ଜିତ ସାହୁ, ସଞ୍ଜୟ କୁମାର ସ୍ୱାଇଁ, ସମ୍ପାଦକ ଶୁଭାଂଶୁ କୁମାର ଦାସ, ଶେଷରେ ମୁକ୍ତାର ଅଲ୍ଲୀ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଚିବ ସ୍ତରୀୟ ବୈଠକରେ ଆଗାମୀ ସାଧାରଣ ବଜେଟ୍ ଉପସ୍ଥାପନ ସଂପର୍କିତ ଆଲୋଚନା

ଭୁବନେଶ୍ୱର, ୧୭/୦୭ (ନି.ପ୍ର): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ମଙ୍ଗଳବାର ପୂର୍ବାହ୍ନରେ ଲୋକସେବା ଭବନରେ ସଚିବ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଓଡ଼ିଶାରେ ଆଗାମୀ ୨୦୨୪-୨୫ ସାଧାରଣ ବଜେଟ ଉପସ୍ଥାପନାର ରୂପରେଖ କିପରି ରହିବ, ସେସଂପର୍କରେ ଆଲୋଚନା କରାଯାଇଥିଲା ।ଏଥି ସହିତ ଆଗାମୀ ଜୁଲାଇ ୨୭ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା "ନୀତି ଆୟୋଗର ୯ତମ ସାଧାରଣ ପରିଷଦ ବୈଠକ" ଏବଂ ନଭେମ୍ବର ୨୦୨୪ରେ ହେବାକୁ ଥିବା " ୪ର୍ଥ ଜାତୀୟ ମୁଖ୍ୟ ଶାସନ ସଚିବମାନଙ୍କ ସମ୍ମିଳନୀ" ରେ ଆଲୋଚ୍ୟ ପ୍ରସଙ୍ଗ "ବିକଶିତ ଭାରତ ଅ ୨୦୪୭" ପରିପ୍ରେକ୍ଷୀରେ ରାଜ୍ୟର କାର୍ଯ୍ୟସୂଚୀ (ଏଜେଣ୍ଡା) ସଂପର୍କିତ ତଥ୍ୟ ପ୍ରଦାନ କରିବା ସଂପର୍କରେ ଆଲୋଚନା କରାଯାଇଥିଲା ।

ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ 'ନିରନ୍ତର ବିକାଶ ଲକ୍ଷ୍ୟ-ଭାରତ-ସୂଚକାଙ୍କ-୨୦୨୩-୨୪'ରେଓଡ଼ିଶାର ସ୍ଥିତି ସଂପର୍କରେ ଉପସ୍ଥାପନ କରାଯିବା ସହ ବିକଶିତ ଭାରତ, ନିରନ୍ତର ବିକାଶ ଓ ସାମଗ୍ରିକ ଅଭିବୃଦ୍ଧି ଲକ୍ଷ୍ୟରେ ରହିଥିବା ବିଭିନ୍ନ ମାନଦଣ୍ଡରେ ପ୍ରଦର୍ଶନରେ ବୃଦ୍ଧି କରିବାକୁ ବୈଠକରେ ଆଲୋଚନା କରାଯାଇଛି । ବୈଠକରେ କ୍ଷୁଧାମୁକ୍ତ ସମାଜ, ଉତ୍ତମ ସ୍ୱାସ୍ଥ୍ୟ, ଗୁଣାତ୍ମକ ଶିକ୍ଷା, ନାରୀ-ପୁରୁଷ ସମାନତା, ବିଶୁଦ୍ଧ ପାନୀୟ ଜଳ, ସମନ୍ୱିତ ଜଳସେଚନ, ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମ ଗ୍ରହଣ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । ଏଥି ସହିତ ୨୦୨୪-୨୫ ଆର୍ଥିକ ବର୍ଷରେ ଜୁନ୍-୨୦୨୪ ସୁଦ୍ଧା ରାଜ୍ୟର ଆର୍ଥିକ ପ୍ରଦର୍ଶନ ସଂପର୍କରେ ଉପସ୍ଥାପନ କରାଯାଇଥିଲା । ୫ ବର୍ଷିଆ ଯୋଜନା ଓ କାର୍ଯ୍ୟକ୍ରମ ପ୍ରସ୍ତୁତି ଓ କାର୍ଯ୍ୟାନ୍ୱୟନ, ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷପୂର୍ତ୍ତି, ୨୦୪୭ରେ ସ୍ୱାଧୀନତାର ୧୦୦ବର୍ଷ ପୂର୍ତିକୁ ଲକ୍ଷ୍ୟ ରଖି ବିକାଶର ଆଭିମୁଖ୍ୟ କିପରି ରହିବ, ସେଥିପାଇଁ ସହଭାଗୀ ଓ ବିଶେଷଜ୍ଞମାନଙ୍କ ସହ ବିଚାର ବିମର୍ଶ କରିବା ପାଇଁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି ।

ରାଜ୍ୟରେ ଆର୍ଥିକ ଅଭିବୃଦ୍ଧି, କୃଷି, ଶିକ୍ଷା, ଜଳସେଚନ, ଶିକ୍ଷାନୁକୂଳ ସହଜ ବାତାବରଣ, ଲୋକଙ୍କ କଲ୍ୟାଣ, ଭିତ୍ତିଭୂମିର ବିକାଶ, ନିଯୁକ୍ତି ସୁଯୋଗ ଆଜି ବିଭିନ୍ନ ପ୍ରସଙ୍ଗରେ ଗୁରୁତ୍ୱ ଦେବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ସଚିବମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ ।ବିଭିନ୍ନ କାର୍ଯ୍ୟ ଯୋଜନାର କାର୍ଯ୍ୟକାରିତା କ୍ଷେତ୍ରରେ ଯେଉଁଠି ଆନ୍ତଃ ବିଭାଗୀୟ ସମନ୍ୱୟର ଆବଶ୍ୟକତା ରହୁଛି, ସେ କ୍ଷେତ୍ରରେ ପାରସ୍ପରିକ ଆଲୋଚନା କରି ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ଏବଂ ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗ ଗୁଡ଼ିକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆଶୁ ସମାଧାନ ପାଇଁ ସେ ମଧ୍ୟ ସମସ୍ତ ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି ।

ବୈଠକରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଓ ସଚିବମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# କୁକୁର କାମୁଡାରେ ଦେଶରେ ଓଡ଼ିଶା ଶୀର୍ଷରେ: ଏଣିକି ସିଏଚ୍‌ସି ଓ ପିଏଚ୍‌ସିରେ ମିଳିବ ଇଞ୍ଜେକ୍ସନ୍

ଭୁବନେଶ୍ୱର , ୧୭/୦୭ (ନି.ପ୍ର): ଦେଶରେ କୁକୁର କାମୁଡ଼ା ଘଟଣା ଓଡ଼ିଶାରେ ସର୍ବାଧିକ । ମାତ୍ର ସବୁ ସ୍ଥାନରେ ସମସ୍ତଙ୍କ ପାଇଁ ଜଳାତଙ୍କ ଟିକା ଏବେ ଉପଲବ୍ଧ ହୋଇ ପାରୁନାହିଁ । କିଛି ନିର୍ଦ୍ଦିଷ୍ଟ ସରକାରୀ ଡାକ୍ତରଖାନାରେ ଏହାର ଉପଲବ୍ଧତା ରୋଗୀଙ୍କ ପାଇଁ ଯନ୍ତ୍ରଣାଦାୟକ ହେଉଛି । ମାତ୍ର ଏହାକୁ ଏବେ ବ୍ୟାପକ କରାଯିବାକୁ ଯୋଜନା କରାଯାଇଛି । ଜିଲ୍ଲା ଚିକିତ୍ସାଳୟରେ ଆଣ୍ଟି ରାବିଜ୍ କ୍ଲିନିକ୍ ଖୋଲାଯିବ ଏବଂ ସିଏଚ୍‌ସି ଓ ପିଏଚ୍‌ସିରେ ଟିକା ଉପଲବ୍ଧ ହେବ । ନ୍ୟାସନାଲ ଆକ୍ସନ୍ ପ୍ଲାନ୍ ଫର ଡଗ ମେଡିଏଟେଡ୍ ରାବିଜ୍ ଏଲିମିନେସନ୍ (ଏନ୍‌ଏପିଆରଇ) ଅଧିନରେ ଏହି କ୍ଲିନିକ୍ ସ୍ଥାପନ କରାଯିବ । ଏହି କାର୍ଯ୍ୟକ୍ରମ ଜରିଆରେ ୨୦୩୦ ସୁଦ୍ଧା ଜଳାତଙ୍କର ବିଲୋପ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ପ୍ରତି ଜିଲ୍ଲାରେ କେତେ ଲୋକ ପଶୁ କାମୁଡାରେ ଆକ୍ରାନ୍ତ ହେଉଛନ୍ତି, ତଦ୍‌ଜନିତ ମୃତ୍ୟୁ ତଥା ସେମାନଙ୍କୁ ଦିଆଯାଇ ଥିବା ଚିକିତ୍ସା ସମ୍ପର୍କରେ ନିୟମିତ ରିପୋର୍ଟ ବିଭାଗକୁ ପ୍ରଦାନ କରିବା ଲାଗି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ସବୁ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏ ସମ୍ପର୍କରେ ସର୍ଭିଲାନ୍ସ ବ୍ୟବସ୍ଥା କଡାକଡି କରିବା ଲାଗି କୁହାଯାଇଛି । ତେବେ ବଡ଼ କଥା ହେଉଛି ରୋଗୀଙ୍କ ପାଇଁ ଆଣ୍ଟି ରାବିଜ୍ ଭ୍ୟାକ୍ସିନ୍ (ଏଆରଭି) ଏବଂ ଆଣ୍ଟି ରାବିଜ୍ ସିରମ୍ (ଏଆରଏସ୍) ଉପଲବ୍ଧ ସୁନିଶ୍ଚିତ କରାଯିବ । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉଭୟ ଏଆରସି ତଥା ଏଆରଭି ଏବଂ ଜନସ୍ୱାସ୍ଥ୍ୟ କେନ୍ଦ୍ରରେ କେବଳ ଏଆରଭି ଉପଲବ୍ଧ କରାଯିବ । ଚଳିତ ବର୍ଷ ଖୋର୍ଦ୍ଧା, ପୁରୀ, ଭଦ୍ରକ, ବାଲେଶ୍ୱର, ଯାଜପୁର, ମୟୂରଭଞ୍ଜ, ଜଗତସିଂହପୁର, କେନ୍ଦ୍ରାପଡ଼ା, ନୟାଗଡ଼, କଳାହାଣ୍ଡି, କୋରାପୁଟ, ରାୟଗଡ଼ା, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଆଣ୍ଟି ରାବିଜ୍ କ୍ଲିନିକ୍ ଖୋଲାଯିବ । ଆସନ୍ତା ବର୍ଷ ଅବଶିଷ୍ଟ ଜିଲ୍ଲାରେ ଏହା ଉପଲବ୍ଧ ହେବ । କ୍ଲିନିକ୍‌ରେ କେବଳ ଟିକା ଦିଆଯିବ ନାହିଁ; ବରଂ ପଶୁ କାମୁଡ଼ା କ୍ଷତର ଚିକିତ୍ସା ପାଇଁ ଆବଶ୍ୟକ ଭିତ୍ତିଭୂମି ରହିବ । ସେଥିରେ ନିୟୋଜିତ କର୍ମଚାରୀ ମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବ । ଅପରପକ୍ଷେ ଜଳାତଙ୍କ ରୋଗର ଭୟାବହତା ସମ୍ପର୍କରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବା ସହ ଠିକ୍ ସମୟରେ ଡାକ୍ତରଖାନା ଆସି ଚିକିତ୍ସା କରାଇବା ପାଇଁ ନିବେଦନ କରାଯିବ ।

# ଧାରାବାହିକ:

ଭାଗ-୧୪

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

୨୮ଶ ଅଧ୍ୟାୟ

### ।। ଅଷ୍ଟାଙ୍ଗ ଯୋଗର ବିଧି ।।

ଭଗବାନ କପିଳ ଏହାପରେ ଅଷ୍ଟାଙ୍ଗ ଯୋଗ ସମ୍ପର୍କରେ କହିଲେ । ପ୍ରଥମେ ସଂଯମ, ସଦାଚାର ଅଭ୍ୟାସ କରି ପ୍ରାଣାୟାମ ଦ୍ୱାରା ଚିତ୍ତ ସ୍ଥିର କରି ଏକାଗ୍ର ହୋଇ ନାସିକା ଅଗ୍ରଭାଗରେ ଦୃଷ୍ଟି ରଖି ଭଗବାନଙ୍କ ଅପୂର୍ବ ସୁନ୍ଦର ସ୍ୱରୂପକୁ ଧ୍ୟାନ କରିବ । ଯେତେବେଳେ ଯୋଗୀ ଦେଖିବ ଭଗବାନଙ୍କ ବିଗ୍ରହରେ ମନ ସ୍ଥିର ହୋଇଯାଇଛି ସେତେବେଳେ ଭଗବାନଙ୍କ ସର୍ବାଙ୍ଗରେ ଲାଗିଥିବା ଅଳଙ୍କାରରେ ଚିତ୍ତ ସ୍ଥିର କରି ଶେଷରେ ଚରଣ ପଙ୍କଜରେ ଚିନ୍ତନ କରିବ । ପ୍ରଭୁଙ୍କର ସୁନ୍ଦର ଶ୍ରୀଚରଣ, ଧ୍ୱଜ, ବଜ୍ର, ଅଙ୍କୁଶ ଓ କମଳ ଚିହ୍ନିତ । ଅଙ୍ଗୁଳିର ଅଗ୍ରଭାଗ ରକ୍ତବର୍ଣ୍ଣ । ନଖସବୁ ଚନ୍ଦ୍ରମା ତୁଲ୍ୟ ଜ୍ଞାନୀର ଅଜ୍ଞାନାନ୍ଧକାରକୁ ଦୂରୀଭୂତ କରେ । ତାଙ୍କର ଶ୍ରୀଚରଣରୁ ପତିତପାବନୀ ଗଙ୍ଗା ଆବିର୍ଭୂତା ହୋଇଛନ୍ତି ତ ଦାରିଦ୍ର୍ୟହାରିଣୀ ମା ଲକ୍ଷ୍ମୀ ଭଗବାନଙ୍କ ଶ୍ରୀଚରଣ ଦ୍ୱୟକୁ ନିଜ ଜାନୁ ଉପରେ ସ୍ଥାପନ ପୂର୍ବକ ନିଜ କରପଲ୍ଲବରେ ସେବା କରୁଛନ୍ତି । ଏହାପରେ ପ୍ରଭୁଙ୍କ ଉରୁଦ୍ୱୟ ଧ୍ୟାନ କରିବ । ତାହା ଅତସିକୁସୁମ ସଦୃଶ ନୀଳବର୍ଣ୍ଣ ଏବଂ ତାହା ଗରୁଡ ପୃଷ୍ଠରେ ଶୋଭା ପାଉଛି । ଏହାପରେ ପୀତାମ୍ବର ଆବୃତ୍ତ ନିତମ୍ବ ଯାହା ଉପରେ ସୁବର୍ଣ୍ଣ ମେଖଳା କମର ପରିଶୋଭିତ କରୁଛି, ପରେ ବ୍ରହ୍ମାଙ୍କ ଅଧର କମଳ ନାଭିଦେଶକୁ ଚିନ୍ତା କରିବ । ତାପରେ ଶୁଭ୍ର ବନମାଳ, କୌସ୍ତୁଭମଣି ଶୋଭିତ ପ୍ରଭୁଙ୍କର ମର୍କତ ବର୍ଣ୍ଣଧାରୀ, ମାତା ଲକ୍ଷ୍ମୀଙ୍କ ବାସସ୍ଥଳୀ ବକ୍ଷଦେଶକୁ ଧ୍ୟାନ କରିବ । ପରେ କଣ୍ଠଦେଶ, ବାହୁ ଏବଂ କରକମଳ ସ୍ଥିତ ଶଂଖ, ଚକ୍ର, ଗଦା ଓ ପଦ୍ମକୁ ଧ୍ୟାନ କରିବ । କର୍ଣ୍ଣାଳଙ୍କାର ମକର କୁଣ୍ଡଳ, ନାସିକା, କୁଞ୍ଚିତ କେଶ-କଳାପ, ପଦ୍ମ-ପଲାସ ନୟନ, ଘଞ୍ଚ ଭ୍ରୁଲତା, ଦରସ୍ମିତ ବଦନ ସରୋଜକୁ କ୍ରମାନ୍ୱୟରେ ଧ୍ୟାନ କରି ଯୋଗୀ ଯେତେବେଳେ ନିଜ ହୃଦୟକନ୍ଦରରେ ପ୍ରଭୁଙ୍କୁ ନିଜ ଜ୍ଞାନକନ୍ଦରରେ ଦର୍ଶନ କରିବ ସେତେବେଳେ ଜୀବର ପ୍ରେମରସାପ୍ଳୁତ ହୋଇ ପ୍ରଭୁଙ୍କ ଦର୍ଶନ ବ୍ୟତିରେକେ ଅନ୍ୟ କିଛି ଆଶା କରିବ ନାହିଁ । ଏହି ଅବସ୍ଥାରେ ଦେହ ପରମାନନ୍ଦକୁ ଉପଲବ୍ଧି କରିବା ସହ ଦେହାଭିମାନରୁ ବର୍ଜିତ ହୁଏ । ତା ଦେହ ସେଠାରେ ଅଛି କି ଅନ୍ୟତ୍ର ଗମନ କରିଛି, କଟିରେ ବସ୍ତ୍ର ଅଛି କି ନାହିଁ ହତଚେତନ ହୋଇ ଯୋଗୀ ଜାଣିପାରେ ନାହିଁ । ସେହିପରି ପୂର୍ବଜନ୍ମର ପରିଣତି ସ୍ୱରୂପ ନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜୀବିତ ରହିଥିବା ଜୀବ ନିଜ ପୁତ୍ରକଳତ୍ରାଦି ସହିତ ଶରୀରକୁ ସ୍ୱପ୍ନ ମନେକରି ଅହଂ, ମମତା, ଆସକ୍ତି ରହିତ ହୋଇଥାନ୍ତି । ସମୂହ ଭାବରେ ଅଗ୍ନିମୟ ଦେଖା ଯାଉଥିବା ବିଭିନ୍ନ ପ୍ରଜ୍ୱଳିତ ଉପାଦାନ ପରସ୍ପରଠାରୁ ପୃଥକ ଭଳି ଦେବ, ମନୁଷ୍ୟ, ଓ ବିଭିନ୍ନ ଶରୀରରେ ନିବାସ କରୁଥିବା ଏକ ଆତ୍ମା ଗୁଣଭେଦ ହେତୁ ପରସ୍ପରଠାରୁ ପୃଥକ । ଭଗବାନଙ୍କର ସେହି ଗୁଣାତ୍ମକ ଶକ୍ତିମୟୀ ମାୟାକୁ ଜୟ କରି ଯୋଗୀ ବ୍ରହ୍ମ ସ୍ୱରୂପ ଅବସ୍ଥାନ କରନ୍ତି ।

୨୯ଶ ଅଧ୍ୟାୟ

### ।। ଭକ୍ତିର ମର୍ମ ଓ କାଳର ମହିମା ।।

ଏହାପରେ ଭଗବାନ ମାତା ଦେବହୂତିଙ୍କ ଅନୁରୋଧ କ୍ରମେ ଭକ୍ତିଯୋଗ ବୁଝାଇବାକୁ ଆରମ୍ଭ କଲେ । ଭକ୍ତିଯୋଗ ନାନା ପ୍ରକାର ।ଯଥା - ମୋଠାରୁ ଭିନ୍ନ ବା ଭେଦଦର୍ଶୀ ପ୍ରାଣୀମାନେ ଯାହାଙ୍କ ନିକଟରେ ହିଂସା, ଦମ୍ଭ, ମାତ୍ସର୍ଯ୍ୟ, କ୍ରୋଧ ଥାଏ ସେମାନଙ୍କୁ ଭକ୍ତିକୁ ତାମସୀ ଭକ୍ତି କହନ୍ତି । ଭଗବାନଙ୍କ ବ୍ୟତୀତ ନିଜର ଭୋଗ-ଯଶ, ଐଶ୍ୱର୍ଯ୍ୟ କାମନାକରି ଭିନ୍ନ ଦେବଙ୍କୁ ପୂଜୁଥିବା ଭକ୍ତିକୁ ରାଜସୀ ଏବଂ ଫଳ କାମନା ରହିତ, ଭେଦ ଦର୍ଶନ ବର୍ଜିତ ପାପକ୍ଷୟ ପ୍ରୟାସୀ, ଭଗବତ୍ ପ୍ରୀତ୍ୟାର୍ଥେ ଭକ୍ତିକୁ ସାତ୍ତ୍ୱିକ ଭକ୍ତି କହନ୍ତି । ଏମାନଙ୍କୁ ପଞ୍ଚବିଧ ମୁକ୍ତି- ସାଯୁଜ୍ୟ, ସାଲୋକ୍ୟ, ସାମୀପ୍ୟ, ସାରୂପ୍ୟ, ସାର୍ଷ୍ଟି ଯାଚିଲେ ବି ସେମାନେ ଭଗବତ ସେବା ବ୍ୟତୀତ ଅନ୍ୟକଛି ନେବାକୁ ଚାହାଁନ୍ତି ନାହିଁ । ବିଷୟ ନିବୃତ୍ତ, ସଦାଚାରୀ ହୋଇ ସତସଙ୍ଗ କରି ଶ୍ରଦ୍ଧାରେ ମୋ ନାମ ନେଉଥିବା ଭକ୍ତଙ୍କ ନିକଟରେ ନିର୍ଗୁଣ ଭକ୍ତି ଜାତ ହୁଏ । ତାର ଭକ୍ତିଭାବର ଆକୃଷ୍ଟ ହୋଇ ମୁଁ ସ୍ୱୟଂ ତା ନିକଟରେ ପହଞ୍ଚିଥାଏ ।  ସର୍ବଭୂତରେ ଥିବା ମୋତେ ସଂଶ୍ଳିଷ୍ଟ ନ କରି ପ୍ରତିମା ପୂଜା ନିରର୍ଥକ । ପରର ଅନିଷ୍ଟ, ପର ନିନ୍ଦା,ପରଚର୍ଚ୍ଚା କରୁଥିବା ବ୍ୟକ୍ତି ମୋତେ ଯେତେ ପ୍ରକାର ପୂଜନ କଲେ ବି ମୁଁ ପ୍ରୀତ ହୋଇନଥାଏ । ସ୍ୱଧର୍ମ ପାଳନର ବ୍ୟକ୍ତି ମୋର ପ୍ରିୟ । ହେ ଦେବୀ ! ମୋର ସୃଷ୍ଟିରେ ମନୁଷ୍ୟ ହିଁ ଶ୍ରେଷ୍ଠ ଜୀବ । ତା'ନିକଟରେ ବୁଦ୍ଧି ଓ ବିବେକ ଥିବା କାରଣରୁ ସତ ଅସତ ଚିନ୍ତା କରି କର୍ମ କରିବା ସହ ଆତ୍ମଜ୍ଞାନ ଆହରଣ ପୂର୍ବକ ମୋତେ ଉପଲବ୍ଧି କରିବ । ଚାରିବର୍ଣ୍ଣ ମନୁଷ୍ୟଙ୍କ ଭିତରେ ବ୍ରାହ୍ମଣ, ବ୍ରାହ୍ମଣଙ୍କ ଭିତରେ ବେଦଜ୍ଞ ଓ ବେଦଜ୍ଞ ମଧ୍ୟରେ ବେଦାର୍ଥବିତ୍ ଓ ତାଙ୍କ ମଧ୍ୟରେ ତତ୍ତ୍ୱଜ୍ଞାନୀ ହିଁ ଶ୍ରେଷ୍ଠ । ଏମାନେ ସବୁକିଛି ମୋତେ ଅର୍ପଣ କରିଦେଇ ଶେଷରେ ମୋତେ ହିଁ ପ୍ରାପ୍ତ ହୋଇଥାନ୍ତି । ହେ ମାତା, ଏହି ଉଭୟ ମାର୍ଗରେ ଭଗବାନଙ୍କୁ ପ୍ରାପ୍ତ ହୋଇପାରେ ।

୩୦ଶ ଅଧ୍ୟାୟ

### ।। ଅଧର୍ମିକର ଗତି ।।

ଭଗବାନ କହିଲେ, ହେ ମାତା ! ବାୟୁ ସଂଚାଳିତ ମେଘ ବାୟୁର ଶକ୍ତି କଳି ନପାରିବା ଭଳି ଜୀବ ମଧ୍ୟ କାଳର କରାଳ ପ୍ରବଳ ଶକ୍ତିକୁ କଳନା କରିପାରେ ନାହିଁ । ସୁଖ ଅନ୍ୱେଷୀ ମନୁଷ୍ୟ ଯାହା ସବୁ ସଂଗ୍ରହ କରିଥାଏ ମୁହୂର୍ତ୍ତରେ କାଳ ତାହା ଶେଷ କରିଦେବା ସ୍ଥଳେ ମୋହଗ୍ରସ୍ତ ମନୁଷ୍ୟ ସେହି ଅନିତ୍ୟକୁ ନିତ୍ୟ ମନେକରି ନାରକୀୟ ସୁଖରେ ତୃପ୍ତିଲାଭ କରେ । ଉତ୍ତରୋତ୍ତର ସୁଖଲିପ୍ସା ତାକୁ ମୋହଗ୍ରସ୍ତ କରାଇ ନାନା ପାପକର୍ମରେ ପ୍ରବୃତ୍ତ କରାଏ । ନ୍ୟାୟ ଅନ୍ୟାୟ ସେ ବିଚାର କରିପାରେନାହିଁ । ଦୁର୍ଭାଗ୍ୟ ବଶତଃ ଯଦି ଜୀବିକା ଅଚଳ ହୁଏ ସେ ବ୍ୟାକୁଳ ଓ ଚିନ୍ତାଗ୍ରସ୍ତ ହୋଇପଡେ । ବେରୋଜଗାର ହୋଇଯିବା କାରଣରୁ ବୃଦ୍ଧ ବଳଦକୁ ହତାଦର କଲାଭଳି ତାର ମଧ୍ୟ ସେହି ଅବସ୍ଥା ହୁଏ । କ୍ରମେ ସେ ରୁଗ୍ଣ ଓ କଦାକାର ହୁଏ, ଅଗ୍ନିମାନ୍ଦ୍ୟ କାରଣରୁ ଖାଦ୍ୟ ହଜମ ନହୋଇ, ପୁରୁଷାର୍ଥ ଶକ୍ତି ଲୋପ ହୁଏ । ସ୍ତ୍ରୀ, ପୁତ୍ରାଦିଙ୍କଠାରୁ ନାନା ଅପମାନ ସହି କେବଳ ମୃତ୍ୟୁକୁ ଅପେକ୍ଷାରେ ପଡିରହେ । ମୃତ୍ୟୁ ସନ୍ନିକଟ ହେଲେ ଚକ୍ଷୁ ବାହାରିଆସେ, ଶ୍ୱାସନଳୀ କଫ ରୁଦ୍ଧ ହୁଏ, କଣ୍ଠଦେଶ ଘଡଘଡ ହେବା ସହ ବାକ୍ ଓ ଶ୍ରବଣ ଶକ୍ତି ଲୋପପାଏ । ଶେଷରେ ଜ୍ଞାନଶୂନ୍ୟ ହୋଇ ସେ ପ୍ରାଣତ୍ୟାଗ କରେ । ମୃତ୍ୟୁ ହେବାମାତ୍ରେ ଦୁଇଜଣ ସରୋଷ ନୟନ ଯମଦୂତ ପହଞ୍ଚନ୍ତି । ସେମାନଙ୍କୁ ଦେଖି ଭୟରେ ଜୀବ ମଳମୂତ୍ର ତ୍ୟାଗ କରିପକାଏ । ଦୂତମାନେ ତାକୁ ସ୍ଥୂଳ ଶରୀରରୁ ଯାତନା ଶରୀରକୁ ଘେନି ଯାନ୍ତି ଓ ବଳ ପୂର୍ବକ ବାନ୍ଧି ନେଇଯାନ୍ତି । ମାର୍ଗରେ କୁକୁର, ବିଲୁଆ ତାକୁ କାମୁଡି ଖାଉଥାନ୍ତି, ସେ ବିକଳରେ ଚିତ୍କାର କରୁଥାଏ । କ୍ଷୁଧା ତୃଷ୍ଣା କାରଣରୁ ସେ ତପ୍ତବାଲିରେ ଚାଲି ନପାରି ଯେତେବେଳେ ଚେତାଶୂନ୍ୟ ହୋଇଯାଏ ଯମଦୂତମାନେ ତାକୁ ପ୍ରହାର କରନ୍ତି । ଯମଲୋକର ଦୂରତା ୯୯ ସହସ୍ର ଯୋଜନ । କେଇଟା ମୁହୂର୍ତ୍ତ ମଧ୍ୟରେ ପାପୀଜୀବକୁ ସେଠାକୁ ଯିବାକୁ ପଡେ । ସେଠାରେ ଥିବା ହିଂସ୍ର ପଶୁ ଓ ପକ୍ଷୀମାନେ ତାକୁ ଭକ୍ଷଣ କରନ୍ତି । ତାର ଅନ୍ତବୁଜୁଳି ବାହାର କରିପକାନ୍ତି ତ ସର୍ପ, ବୃଷ୍ଚିକାଦି ତାକୁ ଦଂଶନ କରନ୍ତି । କେଉଁଠି ତାର ଶରୀରକୁ କର୍ତ୍ତନ ଓ ବିଦାରଣ କରାଯାଏ ତ ପୁଣି କେଉଁଠି, ଜଳ, ଗର୍ତ୍ତ , ଉତପ୍ତ ତୈଳ ଭିତରକୁ କିମ୍ବା ପର୍ବତ ଉପରୁ ଠେଲି ଦିଆଯାଏ । ହେ ମାତେ, ଏହି ନରକ ପ୍ରସଙ୍ଗରେ ଅସମ୍ଭବ କିଛି ନାହିଁ, ଅବଶ୍ୟ ପଣ୍ଡିତମାନେ ଏହି ଲୋକକୁ ସ୍ୱର୍ଗ ଓ ନର୍କ  ବୋଲି କହିଥାନ୍ତି । ମନୁଷ୍ୟର ସମସ୍ତ ପାପ ଶେଷ ପରେ ପୁନର୍ବାର ଯୋନିଜନ୍ମ ଲଭେ ।

୩୧ଶ ଅଧ୍ୟାୟ

### ।। ମାନବ ଜନ୍ମର ଗତି ବର୍ଣ୍ଣନା ।।

ଭଗବାନ କହିଲେ, ମାତେ ! ଜୀବ କର୍ମାନୁସାରେ ମାନୁଷ୍ୟ ଶରୀର ପାଏ । ଏକ ରାତ୍ର ମଧ୍ୟରେ ରଜବୀର୍ଯ୍ୟ ମିଳିତ ହୋଇ କଲଳ ବା କଳନ ରୂପ ଧାରଣ କରେ । ପାଞ୍ଚ ଦିନରେ ବୁଦବୁଦ, ଦଶ ଦିନରେ ବରକୋଳି ବା କେନ୍ଦୁ ସଦୃଶ କଠିନ, ଏକମାସରେ ଶିର, ଦୁଇମାସରେ ହସ୍ତପଦାଦି, ତିନିମାସରେ ନଖ, ରୋମ, ଅସ୍ଥିଚର୍ମ, ଲିଙ୍ଗଚିହ୍ନ, ଚାରିମାସରେ ମାଂସାଦି ସପ୍ତଧାତୁ, ପଞ୍ଚମାସରେ କ୍ଷୁଧା ପିପାସା ସୃଷ୍ଟି ହୁଏ । ଛଅମାସରେ ସେ ମାତାର ଜରାୟୁରେ ଝୁଲି ରହି ମାତା ଭୋଜନର ପୁଷ୍ଟ ଖାଏ । ମାତା ଶରୀରରେ ଥିବା କୀଟ ତାକୁ ଦଂଶନ କରୁଥିବାବେଳେ ମାତା ଖାଉଥିବା କଟୁ, ତିକ୍ତାଦି ପୁଷ୍ଟ ତାର କମୋଳ ଶରୀରକୁ ପୀଡା ଦିଏ । କ୍ରମେ ତାର ସ୍ମରଣଶକ୍ତି ଜାତ ହୋଇ ପୂର୍ବଜନ୍ମର ସମସ୍ତ କଥା ଗୋଚର ହୁଏ । ସେ ଭଗବାନଙ୍କ ଶରଣାପନ୍ନ ହୋଇ ପ୍ରାର୍ଥନାକରେ ମାତାର ଶରୀର ରୂପକ କାରାଗାରରୁ ମୁକ୍ତ ନିମନ୍ତେ । କିଛି କାଳ ପରେ ଗର୍ଭସ୍ଥ ବାୟୁ ବଳରେ ସେ ମାତୃ ଗର୍ଭରୁ ନିର୍ଗତ ହୁଏ । ଏହି ସମୟରେ ତାର ଶ୍ୱାସଗତି ରୁଦ୍ଧହୋଇ ପୂର୍ବ ସ୍ମୃତି ଲୋପପାଏ । ସେ ମାତାର ମୂତ୍ର ଓ ରୁଧିର ଭତରେ ଅଣନିଶ୍ୱାସୀ ହୋଇ କ୍ରନ୍ଦନ କରେ । କ୍ଷମତା ନଥିବାରୁ ସେ କେବଳ ଯାତନା ସହେ । ଏହାପରେ ବାଲ୍ୟ, ପୌଗଣ୍ଡ ଓ ଯୌବନରେ ପହଞ୍ଚେ । ଏହି ସମୟରେ କ୍ରୋଧ ଉତ୍ପନ୍ନ ହେବା ସହ ସନ୍ମାର୍ଗରେ ଚାଲୁ ଚାଲୁ ସଙ୍ଗଦୋଷରେ ପଥଭ୍ରଷ୍ଟ ହୋଇ ଅସତ କର୍ମ କରି ପୁଣି ନାରକୀ ଯୋନି ପ୍ରାପ୍ତ ହୁଏ । ବ୍ରହ୍ମା ନିଜର ପୁତ୍ରୀ ସରସ୍ୱତୀ ପ୍ରତି ଆସକ୍ତ ହେବାରୁ ସରସ୍ୱତୀ ମୃଗୀରୂପ ଧାରଣ ପୂର୍ବକ ଚାଲିଗଲେ । ବ୍ରହ୍ମା କାମଶକ୍ତ ହୋଇ ମୃଗରୂପ ଧାରଣ ପୂର୍ବକ ତାଙ୍କର ଅନୁସରଣ କଲେ । ସ୍ତ୍ରୀ ପୁରୁଷ ନିମନ୍ତେ ଉନ୍ମୁକ୍ତ ନରକର ଦ୍ୱାର ଅଟେ । ସେଥିପାଇଁ ଗାର୍ହ୍ୟସ୍ଥ ଜୀବନରେ ସଂଯତ, ଶୃଙ୍ଖଳିତ ସ୍ତ୍ରୀ ସମ୍ପର୍କର ପରିକଳ୍ପନା କରାଯାଏ । ସ୍ଥୂଳ ଶରୀରରେ ଯେତେବେଳେ ଇନ୍ଦ୍ରିୟ ଶକ୍ତି ଲୋପପାଏ ତାହାକୁ ମୃତ୍ୟୁ କୁହାଯାଏ । ସେହି ସମୟ ଆସିବା ପୂର୍ବରୁ ଇନ୍ଦ୍ରିୟମାନଙ୍କୁ ସଂଯତ କରି ନିରାସକ୍ତ ଭାବରେ ଭଗବତ୍ ଆରାଧନା କରିବା ଉଚିତ୍, ଫଳରେ ମୃତ୍ୟୁ ଭୟ ରହିବ ନାହିଁ ।(କ୍ରମଶଃ)

+ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

# ରାତ୍ରିଚୋରଙ୍କ ମସ୍ତିଷ୍କ ଅଧିକ କ୍ରିୟାଶୀଳ



ରାତିରେ ଡେରିରେ ଶୋଉଥିବା ବ୍ୟକ୍ତିଙ୍କ ପାଇଁ ଏକ ଭଲ ଖବର ! ଯଦିଓ ଶୀଘ୍ର ନିଦ୍ରା ଯାଇ ବଡ଼ି ଭୋରରୁ ଉଠିବା ସ୍ୱାସ୍ଥ୍ୟ ପକ୍ଷେ ହିତକର ବୋଲି କୁହାଯାଏ, ତେବେ ବିଳମ୍ବିତ ରାତି ଯାଏ ଅନିଦ୍ରା ରହୁଥିବା ବ୍ୟକ୍ତିମାନଙ୍କର ମସ୍ତିଷ୍କ ଅପେକ୍ଷାକୃତ ଉନ୍ନତ ଭାବେ କାମ କରେ ବୋଲି ଏକ ଅଧ୍ୟୟନରୁ ଜଣାଯାଇଛି ।

ସାଧାରଣତଃ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନିଦ୍ରା ରହୁଥିବା ବ୍ୟକ୍ତିଙ୍କୁ ରାତ୍ରିଚର ଆଖ୍ୟା ଦିଆଯାଇଥିବା ବେଳେ ସକାଳୁ ଶୀଘ୍ର ଉଠିପଡୁଥିବା ବ୍ୟକ୍ତିଙ୍କୁ ସଅଳ ପକ୍ଷୀ ବୋଲି କୁହାଯାଏ। ଉଭୟ ଗୋଷ୍ଠୀର ସ୍ୱାସ୍ଥ୍ୟାବସ୍ଥା ନେଇ ରୀତିମତ ତୁଳନା ହୋଇ ଆସୁଛି। ତେବେ ରାତ୍ରିଚରଙ୍କ ଅପେକ୍ଷା ସଅଳ ପକ୍ଷୀଙ୍କର ସ୍ୱାସ୍ଥ୍ୟ ଠିକ୍ ରହିବା ସହ ସେମାନଙ୍କ ମାନସିକ ଦକ୍ଷତା ମଧ୍ୟ ଅଧିକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବିଭିନ୍ନ ସମୟରେ ଦାବି କରି ଆସିଛନ୍ତି। ମାତ୍ର ଲଣ୍ଡନ ସ୍ଥିତ ଇମ୍ପେରିଆଲ୍ କଲେଜର ଗବେଷକମାନେ ସେଭଳି ଧାରଣାରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି। ଏକ ଅନୁଧ୍ୟାନରେ ୨୬,୦୦୦ ଲୋକଙ୍କୁ ସାମିଲ କରି ସେମାନେ ଏକ ବିପରୀତ ନିର୍ଯ୍ୟାସ ପାଇଛନ୍ତି। ରାତିରେ ଶୀଘ୍ର ନିଦ୍ରା ଯାଉଥିବା ଲୋକଙ୍କ ଅପେକ୍ଷା ବିଳମ୍ବରେ ଶୋଉଥିବା ଲୋକଙ୍କର ମସ୍ତିଷ୍କ ଅଧିକ ତୀକ୍ଷ୍ଣ ବୋଲି ସେମାନେ ଜାଣିପାରିଛନ୍ତି।

ଏହି ରାତ୍ରିଚରମାନଙ୍କର ବୁଦ୍ଧିମତ୍ତା, ତର୍କଜ୍ଞାନ ଓ ସ୍ମରଣଶକ୍ତି ଅପେକ୍ଷାକୃତ ଅଧିକ ବୋଲି ଜଣାଯାଇଛି। ସେହିପରି ସେମାନଙ୍କର ମସ୍ତିଷ୍କ ଦ୍ରୁତ ଓ ଶାଣିତ ଭାବରେ କାମ କରିଥାଏ। ତେବେ ଶୋଇବାର ଅବଧି ଉପରେ ହିଁ ମସ୍ତିଷ୍କର କ୍ରିୟାଶୀଳତା ପ୍ରତ୍ୟକ୍ଷ ଭାବରେ ଜଡ଼ିତ ବୋଲି ଏହି ଅନୁଧ୍ୟାନରୁ ସେମାନେ ନିଶ୍ଚିତ ହୋଇଛନ୍ତି। ରାତିରେ ଶୀଘ୍ର ହେଉ ବା ବିଳମ୍ବରେ ହେଉ, ସର୍ବୋପରି ୭ରୁ ୯ ଘଣ୍ଟା ନିଦ୍ରା ଯିବା ଦ୍ୱାରା ମାନସିକ ଦକ୍ଷତା ଉଞ୍ଚା ରହେ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

# ଜରାୟୁ କର୍କଟ ପଛରେ ବଦଭ୍ୟାସ !



ମହିଳାଙ୍କ ଗର୍ଭାଶୟର ନିମ୍ନଭାଗସ୍ଥ ସର୍ଭିକ୍ସରେ ହେଉଥିବା କର୍କଟକୁ ସର୍ଭିକାଲ୍ କ୍ୟାନ୍ସର ବା ଜରାୟୁ କର୍କଟ କୁହାଯାଏ। ସର୍ଭିକ୍ସ ସହ ସଂପୃକ୍ତ ଥିବା ଜୀବକୋଷଗୁଡ଼ିକର ଡିଏନ୍ଏରେ କୌଣସି ପ୍ରକାର ପରିବର୍ତ୍ତନ ଦେଖାଗଲେ ତାହା କର୍କଟ କୋଷରେ ପରିଣତ ହୋଇଥାଏ। ଏକ ପରିସଂଖ୍ୟାନ ଅନୁଯାୟୀ, ବିଶ୍ୱବ୍ୟାପୀ ମହିଳାମାନଙ୍କ ଠାରେ ଦେଖାଦେଉଥିବା ବିଭିନ୍ନ ପ୍ରକାର କର୍କଟ ରୋଗ ମଧ୍ୟରେ ଜରାୟୁ କର୍କଟର ସ୍ଥାନ ଚତୁର୍ଥ। କେବଳ ୨୦୨୨ ମସିହାରେ ଏହି ଧରଣର ୬.୬ ଲକ୍ଷ ନୂତନ କର୍କଟ ରୋଗୀ ଦେଖାଦେଇଥିବା ବେଳେ ସେମାନଙ୍କ ଭିତରୁ ୩.୫ ଲକ୍ଷ ମହିଳା ପ୍ରାଣ ହରାଇଥିଲେ। ଭାରତରେ ପ୍ରତିବର୍ଷ ଲକ୍ଷେରେ ୨୨ ଜଣ ମହିଳା ଜରାୟୁ କର୍କଟର ଶିକାର ହେଉଥିବା ବେଳେ ସେମାନଙ୍କର ମୃତ୍ୟୁହାର ହେଉଛି ଏକ ଲକ୍ଷରେ ୧୨.୪ । ତେବେ ଧୂମପାନ, ଏକାଧିକ ଯୌନସାଥୀ ଓ ଖୁବ୍ କମ୍ ବୟସରୁ ଯୌନ ସଂପର୍କ ପରି ବଦଭ୍ୟାସ ସାଙ୍ଗକୁ ଦୁର୍ବଳ ରୋଗପ୍ରତିରୋଧ ଶକ୍ତି ଜରାୟୁ କର୍କଟ ଆଶଙ୍କାକୁ ବଢ଼ାଇଥାଏ। ସେହିପରି ବହୁଦିନ ଧରି ଗର୍ଭନିରୋଧକ ବଟିକା ଖାଇଲେ ମଧ୍ୟ ଏହି ଆଶଙ୍କା ବଢ଼ିପାରେ। ଜରାୟୁ କର୍କଟର ପ୍ରାରମ୍ଭିକ ସୂଚନା ହେଲା ମାସିକ ଋତୁସ୍ରାବ ମଧ୍ୟରେ କିମ୍ବା ରଜନିବୃତ୍ତି ପରେ ରକ୍ତସ୍ରାବ ହେବା। ଏପରିକି ଜରାୟୁ କର୍କଟ ଥିବା ମହିଳାଙ୍କର ମାସିକ ଋତୁସ୍ରାବ ବେଳେ ପ୍ରବଳ ରକ୍ତସ୍ରାବ ହୋଇଥାଏ। ନିର୍ଗତ ରକ୍ତ ପୁଣି ଫିକା ପାଣିଚିଆ ଓ ଅତି ଦୁର୍ଗନ୍ଧଯୁକ୍ତ ହୋଇଥାଏ। ଅନେକ ପୀଡ଼ିତା ତଳିପେଟରେ ଭୀଷଣ ଯନ୍ତ୍ରଣା ଅନୁଭବ କରିଥା'ନ୍ତି। ଜରାୟୁ କର୍କଟ ପାଇଁ ବିଶେଷ କରି 'ହ୍ୟୁମ୍ୟାନ୍ ପାପିଲୋମା ଭୂତାଣୁ' (ଏଚ୍‌ପିଭି) ଦାୟୀ। ନାନା ପ୍ରତିକୂଳ ପରିସ୍ଥିତିରୁ ବହୁଦିନ ଧରି ବର୍ତ୍ତିଯାଇପାରୁଥିବା ଏହି ଭୂତାଣୁ ସାଧାରଣତଃ ଯୌନସମ୍ପର୍କ ବେଳେ ସଂକ୍ରମିତ ହୋଇଥାଏ। ତେବେ ଏଚ୍‌ପିଭି ଟିକା ନେବା ଦ୍ୱାରା ଜରାୟୁ କର୍କଟ ଆଶଙ୍କା ଉଲ୍ଲେଖନୀୟ ଭାବେ ହ୍ରାସ ପାଏ ବୋଲି ବିଶେଷଜ୍ଞ ମତ ଦିଅନ୍ତି।

# ସ୍ୱାସ୍ଥ୍ୟପ୍ରଦ ରାତ୍ରି ଭୋଜନ

ରାତ୍ରି ଭୋଜନ  ପ୍ରତ୍ୟହ ସମୟାନୁସାରେ କରିବା ସହ ହାଲକା କରିବା ଉଚିତ। ଏହା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ହେବା ସହ ଶରୀରକୁ ଶକ୍ତି ଯୋଗାଏ। ରାତିବେଳା ଅଧିକ ଛଣାଛଣି, ତେଲମସଲାଯୁକ୍ତ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍।

- ବିଭିନ୍ନ ପ୍ରକାର ପରିବାକୁ ମିଶାଇ ଏକ ବ୍ୟଞ୍ଜନ ପ୍ରସ୍ତୁତ କରନ୍ତୁ। ଏହିସବୁକୁ ସିଝାଇ ଖାଇବା ମଧ୍ୟ ଉପକାରୀ। ସବୁଜ ପନିପରିବା ରାତିରେ ଖାଇଲେ ତାହା ସହଜରେ ହଜମ ହେଉଥିବାର ପ୍ରକାଶ।

- ରାତିବେଳା ଭାତ ଖାଇବା ପରିବର୍ତ୍ତେ ରୁଟି ଖାଇବା ଉଚିତ। ବିଶେଷଜ୍ଞଙ୍କ ମତରେ ନିୟମିତ ରୁଟି ଖାଉଥିବା ଲୋକଙ୍କୁ ନିଦ ଭଲ ଭାବରେ ହୋଇଥାଏ।

- ଅଦାରସକୁ ଯେକୌଣସି ବ୍ୟଞ୍ଜନରେ ଛୁଙ୍କ ଭାବେ ବ୍ୟବାହାର କଲେ କିମ୍ବା ପାନୀୟରେ ମିଶାଇ ପିଇଲେ ତାହା ଖାଦ୍ୟ ଶୀଘ୍ର ହଜମ ହେବାରେ ସହାୟକ ହୁଏ।

- ଏହା ସହ ରାତ୍ରିଭୋଜନରେ ଡାଲି ଖାଇଲେ ଶରୀରକୁ ପୂର୍ଣ୍ଣ ଭାବରେ  ପ୍ରୋଟିନ୍ ମିଳିଥାଏ। ଡାଲି ପ୍ରତ୍ୟହ ରାତିବେଳା ଖାଉଥିବା ଲୋକଙ୍କର ରୋଗ ପ୍ରତିରୋଧକ ଶକ୍ତି ଉତ୍ତମ ବୋଲି ପରୀକ୍ଷାରୁ ଜଣାପଡ଼ିଛି।

-କ୍ଷୀର ପିଇବାକୁ ଚାହୁଁଥିଲେ ବଜାରରେ ଉପଲବ୍ଧ ହେଉଥିବା ଲୋ-ଫ୍ୟାଟ ମିଲ୍କ ରାତିରେ ପିଇବା ଉଚିତ।



# ପାଟିକୁ ମିଠା, ଦେହ ପାଇଁ ହିତ: ଗୁଡ଼ ଖାଇଲେ ମିଳିଥାଏ ଏହି ସବୁ ସୁଫଳ

**ଗୁଡ ସ୍ୱାସ୍ଥ୍ୟ ପାଇଁ ବହୁ ଲାଭଦାୟକ ହୋଇଥାଏ। କାରଣ ଏଥିରେ ପ୍ରଚୁର ପରିମାଣର ମିନେରାଲ୍ସ ରହିଥାଏ। ତେବେ ଆସନ୍ତୁ ଜାଣିବା ପ୍ରତିଦିନ ଗୁଡ ଖାଇବା ଦ୍ୱାରା ଶରୀରକୁ କେଉଁ ସବୁ ଫାଇଦା ମିଳିଥାଏ।**



ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହାନ୍ତି ତାହାଲେ ଗୁଡ଼ ଖାଇବା ଆପଣଙ୍କ ପାଇଁ ଖୁବ୍ ଲାଭକାରୀ ସାବ୍ୟସ୍ତ ହେବ। ଏହା ଆପଣଙ୍କ ଶରୀରକୁ ଶକ୍ତି ଯୋଗାଇବା ସହ ଅତିରିକ୍ତ ଚର୍ବିକୁ ହ୍ରାସ କରିଥାଏ। ଆପଣ କ୍ଷୀର ସହିତ ଗୁଡ ଖାଇବା ଦ୍ୱାରା ଶରୀରରୁ ଶୀଘ୍ର ଓଜନ ହ୍ରାସ ପାଇଥାଏ।

ଚର୍ମ ପାଇଁ ଗୁଡ ଖାଇବା ବହୁତ ଭଲ ହୋଇଥାଏ। ଏହା ତ୍ୱଚାକୁ ସୁସ୍ଥ ରଖିବା ସହିତ ଔଜଲ୍ୟକୁ ବଜାୟ ରଖିଥାଏ। ଗୁଡ ରକ୍ତରୁ ଅପରିଷ୍କାର ଟକସିନ୍‌କୁ ବାହାର କରିବାରେ ସାହାଯ୍ୟ କରିଥାଏ। ଯଦ୍ୱାରା ରକ୍ତ ପରିଷ୍କାର ହୋଇଯାଇଥାଏ।

ଗୁଡ ପେଟ ସମସ୍ୟାକୁ ଦୂର କରିବା ପାଇଁ ରାମବାଣ ସଦୃଶ୍ୟ ହୋଇଥାଏ। ଏହା ପେଟରେ ଗ୍ୟାସ ସମସ୍ୟା ଓ ପାଚନ କ୍ରିୟା ସହିତ ଜଡ଼ିତ ଅନ୍ୟାନ୍ୟ ସମସ୍ୟାକୁ ବି ଦୂର କରିଥାଏ।

ଶ୍ୱାସ ସମସ୍ୟା ଥିବା ରୋଗୀଙ୍କୁ ପ୍ରତିଦିନ ଗୁଡ଼ ଖାଇବାକୁ କୁହାଯାଇଥାଏ। ଏହା ଶରୀରର ତାପମାତ୍ରାକୁ ନିୟନ୍ତ୍ରଣରେ ରଖିଥାଏ। ଏଥିସହିତ ମୁଣ୍ଡବ୍ୟଥା ଓ ରକ୍ତଚାପ ଭଳି ସମସ୍ୟା ଥିଲେ, ତାହା ଗୁଡ ଖାଇବା ଦ୍ୱାରା କିଛିମାତ୍ରାରେ ନିୟନ୍ତ୍ରଣକୁ ଆସିଥାଏ।

ତେବେ ଅତ୍ୟଧିକ ପରିମାଣରେ ଗୁଡ଼ ଖାଇଲେ ପେଟ ଯନ୍ତ୍ରଣା ହେବାର ସମ୍ଭାବନା ଅଛି। ସେଥିପାଇଁ ଏହାକୁ ସୀମା ଭିତରେ ଖାଇଲେ ଭଲ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମଦମୁକ୍ତ ରାଜ୍ୟର ପରିକଳ୍ପନା...

ନିଶା ଆଜି ନିରାଶାର ନିଶି ଭରିଦେଇଛି ଯୁବ ଜୀବନରେ। ହତ୍ୟା, ରାହାଜାନି, ଲୁଣ୍ଠନ, ଦୁଷ୍କର୍ମ, ଦୁର୍ଘଟଣା, ଦୁରାରୋଗ୍ୟ ରୋଗ ଇତ୍ୟାଦି ସବୁରି ମୂଳେ ନିଶା ମାଦକର ମୋହର। ଆଜି ଶତାବ୍ଦୀର ଚିତ୍କାର ଶୁଭୁଛି। ଶାନ୍ତି କବର ଲଭିଛି। ଅଶାନ୍ତି, ଅରାଜକତା, ଅନ୍ୟାୟ ଓ ଅବିଚାର ପ୍ରଭୃତି ମୁଣ୍ଡ ଟେକିଛି। ମଦର ବ୍ୟାପକ ପ୍ରସାର ହେତୁ ଉଭୟ ଗାଁ ଓ ସହରର ଦରିଦ୍ର ପରିବାରଗୁଡ଼ିକ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ସେମାନଙ୍କ ଆର୍ଥିକ ସ୍ଥିତି ଭୁଶୁଡ଼ି ପଡ଼ିବା ସହିତ ପାରିବାରିକ ହିଂସା ବୃଦ୍ଧି ପାଇବାରେ ଲାଗିଛି। ମଦ୍ୟର ପ୍ରସାର ହେତୁ ଏକ ରୁଗ୍ଣ, ନିଶାସକ୍ତ ଏବଂ ନିଶାଗ୍ରସ୍ତ ମାନବ ସମ୍ବଳ ସୃଷ୍ଟି ହେବାରେ ଲାଗିଛନ୍ତି। ନିଶା ସେବନ କେବଳ ପ୍ରୌଢ଼ ଓ ଯୁବବର୍ଗଙ୍କୁ ପ୍ରଭାବିତ କରୁନାହିଁ, ଏହାର କୁପରିଣାମ ଆମର ଉତ୍ତରପିଢ଼ି ବା ଦେଶର ଭବିଷ୍ୟତର ନାଗରିକ କୁହାଯାଉଥିବା ଶିଶୁ ଓ କିଶୋରମାନଙ୍କୁ ମଧ୍ୟ ପ୍ରଭାବିତ କରୁଛି। ତଥ୍ୟ ଅନୁସାରେ ମଦ୍ୟପାନରୁ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ୨୮ ପ୍ରତିଶତ, ଲିଭର ସିରୋସିସ୍ ପରି ମାରାତ୍ମକ ରୋଗ ଫଳରେ ଲିଭର ନଷ୍ଟ ୨୧ ପ୍ରତିଶତ, ହୃଦଘାତ ଜନିତ ୧୯ ପ୍ରତିଶତ, କ୍ୟାନ୍‌ସର ଓ ମାନସିକ ବିକୃତି ୩୨ ପ୍ରତିଶତ ହୋଇଥାଏ। ତେଣୁ ନିଶାକବଳରୁ ସମାଜକୁ ରକ୍ଷା କରିବା ପାଇଁ ବୁଦ୍ଧିଜୀବୀମାନେ ଯେତିକି ଚିନ୍ତିତ ଶିଶୁମାନେ ସେମାନଙ୍କ ପରିବାରକୁ ଏହି ନିଶା-ରାକ୍ଷସର କରାଳ ଗ୍ରାସରୁ ରକ୍ଷା କରିବା ପାଇଁ ତତୋଧିକ ଉଦ୍‌ବେଳିତ। ନିକଟରେ ଜଣେ କିଶୋର ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲେଖିଥିବା ଏଭଳି ଏକ ଆବେଗଭରା ଚିଠି ଦେଖିବାକୁ ମିଳିଛି, ଯେଉଁଥିରେ ଲେଖାଅଛି –"ମାନ୍ୟବର, ଓଡ଼ିଶାର ନୂତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ମହୋଦୟ! ଆପଣଙ୍କୁ ଅନେକ ଅଭିନନ୍ଦନ ଓ ଶୁଭକାମନା। ମୁଁ ଦଶମ ଶ୍ରେଣୀରେ ପଢ଼େ। ମୋର ଭୋଟ ଦେବାର ଅଧିକାର ନାହିଁ। ମାତ୍ର ଓଡ଼ିଶାର ପ୍ରଥମ ଭାଜପା ମନ୍ତ୍ରିମଣ୍ଡଳର ମୁଖ୍ୟମନ୍ତ୍ରୀ କିଏ ହେବେ, ସମସ୍ତଙ୍କ ପରି ମୁଁ ମଧ୍ୟ ଉତ୍ସୁକତାର ସହ ଅପେକ୍ଷା କରିଥିଲି। ନୂଆ ସରକାରର କାର୍ଯ୍ୟଧାରା କେମିତି ରହିବ? ଗତାନୁଗତିକ ଢାଞ୍ଚାରେ ଶାସନ ବ୍ୟବସ୍ଥା ଚାଲିବ ନା କିଛି ପରିବର୍ତ୍ତନ ହେବ ତା'କୁ ନେଇ ସମସ୍ତଙ୍କ ପରି ମୋ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିଛି। ଆପଣଙ୍କ ଶପଥ ଗ୍ରହଣ ଉତ୍ସବରେ ଓଡ଼ିଶାର ବେକାରୀ, ଜଳସେଚନ, ସ୍ୱାସ୍ଥ୍ୟ ଓ ଶିକ୍ଷା ପରି ମୌଳିକ ସମସ୍ୟାକୁ ଅଧିକ ଗୁରୁତ୍ୱର ସହ ଧ୍ୟାନ ଦେଇ ରାଜ୍ୟକୁ ବିକାଶର ଶୀର୍ଷରେ ଛୁଇଁବାକୁ ପ୍ରତିଜ୍ଞାବଦ୍ଧ ହୋଇଛନ୍ତି। ସାର୍! ମୋ ବାପା ଜଣେ ଦିନ ମଜୁରିଆ। ସାରା ଦିନର ପରିଶ୍ରମର ଉପାର୍ଜିତ ଅର୍ଥରାଶି ମଦରେ ଯାଉଛି। ସନ୍ଧ୍ୟାରେ ମଦ୍ୟପାନରେ ଚୁର୍ ହୋଇ ପାରିବାରିକ ହିଂସା ରଚୁଛନ୍ତି। ଅତ୍ୟଧିକ ନିଶାରେ ଲିପ୍ତ ଯୋଗୁଁ ଲିଭର ଜନିତ ଜଟିଳ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ଼ରେ ଚିକିତ୍ସା ହୋଇ ସୁସ୍ଥ ତ ହେଉଛନ୍ତି, ମାତ୍ର ପୂର୍ବବତ୍ ଅଭ୍ୟାସ ଜାରି ରଖୁଛନ୍ତି। ପାଠପଢ଼ା ତ ଦୁରୁହ ବ୍ୟାପାର, ଭଲରେ ଗଣ୍ଡେ ଖାଇବାକୁ ପାଉନାହୁଁ। ସର୍ବଦା ମାନସିକ, ଶାରୀରିକ ଯାତନାରେ ଶିକାର ହେଉଛୁ। ମୋ ବାପାଙ୍କ ପରି ଅନେକ ବ୍ୟକ୍ତି ଆମ ଅଞ୍ଚଳରେ ନିଶା କବଳରେ କବଳିତ। ଫଳରେ ଏହା ସୃଷ୍ଟି କରୁଛି ଆର୍ଥିକ ଅନଟନ ଏବଂ ପାରିବାରିକ ଓ ସାମାଜିକ ବିଶୃଙ୍ଖଳା। ତେଣୁ ଗୋଟିଏ ମାତ୍ର ପ୍ରାର୍ଥନା କିଛି ଯୋଜନା କରନ୍ତୁ କି ନ କରନ୍ତୁ 'ମଦ ମୁକ୍ତ ଓଡ଼ିଶା' ଗଠନରେ ଆପଣଙ୍କ ସରକାରର ଭୂମିକା ଅବିସ୍ମରଣୀୟ ହୋଇ ରହୁ। ଏହା ମୋର ବିଶେଷ ଅନୁରୋଧ। ନ ହେଲେ ସମସ୍ତ ଲୋକହିତକର ଯୋଜନା ମଦ ବୋତଲ ଭିତରେ ଭିଜିଯିବ।" ଚିଠିଟି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚୁ କି ନ ପହଞ୍ଚୁ ପିଲାଟିର କଅଁଳ ଆଖିରେ ନୂଆ ସମ୍ଭାବନାର ସକାଳ ନିଶା-ରାକ୍ଷସର ସ୍ପର୍ଶରେ ଅନ୍ଧକାର ହୋଇଯାଇଛି ବୋଲି ସ୍ପଷ୍ଟ ଅନୁମେୟ। ଆଗାମୀ ଦିନରେ ରାଜ୍ୟରେ ମଦ ବନ୍ଦ ହେବା ଖବର ସୋସିଆଲ ମିଡିଆରେ ଚର୍ଚ୍ଚା ହେବାରେ ଲାଗିଛି। ବିଜେପି ସରକାର ନିର୍ବାଚନ ସମୟରେ କ୍ଷମତାକୁ ଆସିଲେ, ମଦ ବନ୍ଦ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ତେଣୁ ସାରା ଓଡ଼ିଶାବାସୀ ସରକାରଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ନେଇ ଅନେକ ଆଶା ପୋଷଣ କରିଛନ୍ତି। ଦେଖାଯାଏ ଆମ ରାଜ୍ୟରେ ପ୍ରାୟତଃ ୩୦ ପ୍ରତିଶତ ବ୍ୟକ୍ତି ମଦ୍ୟପାନ କରିଥାଆନ୍ତି, ସେଥିମଧ୍ୟରୁ ୫ ପ୍ରତିଶତ ମହିଳା। ଅବକାରୀ ମନ୍ତ୍ରୀଙ୍କ ତଥ୍ୟ ଅନୁସାରେ ୨୦୧୨ ମସିହାରେ ରାଜ୍ୟରେ ଅବକାରୀ ରାଜସ୍ୱ ଥିଲା ୧୩୭୯ କୋଟି ଟଙ୍କା। ୨୦୨୨-୨୩ ମସିହାରେ ଏହା ପ୍ରାୟ ସାଢ଼େ ଚାରିଗୁଣ ଅର୍ଥାତ୍ ୬୪୫୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଅଗଷ୍ଟ ସୁଦ୍ଧା ମଦ ବାବଦରେ ୨୬୫୫ କୋଟି ରାଜସ୍ୱ ଆଦାୟ କରାଯାଇଥିଲା। ଯେହେତୁ ରାଜ୍ୟ ସରକାରୀ ମଦରୁ ବିପୁଳ ମାତ୍ରାରେ ରାଜସ୍ୱ ଆଦାୟ କରୁଛନ୍ତି, ଏହାକୁ ବନ୍ଦ କଲେ ରାଜ୍ୟର ଆର୍ଥିକ ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ମାତ୍ର ସମାଜକୁ ନର୍କକୁ ଠେଲି ଦେଇ ଜାତୀୟ ଆୟ ବୃଦ୍ଧି ଗଣତନ୍ତ୍ର ସରକାରର ଲକ୍ଷ୍ୟ ହେବା ଉଚିତ୍ ନୁହେଁ।

## ରଥରେ ଅଧରପଣା



### ଯଶସ୍ୱିନୀ ପଟ୍ଟନାୟକ




ମହାପ୍ରଭୁଙ୍କ ଅଧରାମୃତ ଅଧରପଣା। ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ପ୍ରଭୁ ରଥ ଉପରେ ବିଜେ ହୋଇଥିବା ବେଳେ ହୁଏ ଅଧର ପଣା ନୀତି। ମହାପ୍ରଭୁ ତାଙ୍କ ଯାତ୍ରା ଶ୍ରେଷ୍ଠ ରଥ ଯାତ୍ରାକୁ ସମସ୍ତ ଦେବାଦେବୀଙ୍କୁ ନିମନ୍ତ୍ରଣ କରିଥାନ୍ତି। ସେ ଦେବାଦେବୀଙ୍କ ମଧ୍ୟରୁ ତିନି ରଥରେ ୨୭ଜଣ ପାର୍ଶ୍ୱ ଦେବାଦେବୀ ଉପସ୍ଥିତ ଥାନ୍ତି। ପ୍ରଭୁ ସେମାନଙ୍କୁ ଆମନ୍ତ୍ରଣ କରି ଆଣିଥାନ୍ତି। ତେଣୁ ଯାତ୍ରା ଶେଷରେ ପଣା ଦେଇ ସମସ୍ତଙ୍କୁ ଆପ୍ୟାୟିତ କରିଥାନ୍ତି। ପ୍ରାଚୀନ କାଳରୁ ଏହି ଅଧରପଣା ପରମ୍ପରା ଚଳି ଆସୁଛି। ସାଧାରଣତଃ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଏହି ନୀତି ସଂପାଦିତ ହୋଇଥାଏ। ପ୍ରତି ରଥରେ ତିନୋଟି କରି ତିନିରଥର ୯ଟି ହାଣ୍ଡି ପଣା ଏବଂ ରାମ, କୃଷ୍ଣଙ୍କ ପାଇଁ ଦୁଇଟି ଓ ମଦନମୋହନଙ୍କ ପାଇଁ ଗୋଟିଏ ଛୋଟ ହାଣ୍ଡି ପଣା ମଧ୍ୟ ଏହି ନୀତିରେ ଭୋଗ ହୁଏ। ଅଧର ପଣାର ଦାୟିତ୍ୱ ନେଇଥାନ୍ତି ଶ୍ରୀମନ୍ଦିର ନୀତିକାନ୍ତ ସହ ସଂପୃକ୍ତ ରାଘବ ଦାସ ମଠ, ବଡ଼ ଓଡ଼ିଆ ମଠ ଓ ଶ୍ରୀମନ୍ଦିର ପ୍ରଶାସନ। ଅଧର ପଣା ଏହି ପଣା ପାଇଁ ହାଣ୍ଡି ଯୋଗାଇଥାନ୍ତି। ହାଣ୍ଡି ଗୁଡ଼ିକ ତୁମ୍ବ ଆକୃତିର। ତିନିରଥ ଉପରେ ଅଧରପଣା ସାମଗ୍ରୀ ରଖାଯାଇଥାଏ। ପାଳିଆ ମହାସୁଆରମାନେ ଥାଇ ଭିତରଛୁ ଓ ତଳିଛୁ ଏବଂ ମଝିବାଡ଼ରେ ପାଳିଆ ପୁଷ୍ପାଳକ ଅଧର ଆଗରେ ଖଣ୍ଡେ ଖଣ୍ଡେ ନୂଆ ଗାମୁଛା ଟେରା ବାନ୍ଧନ୍ତି।

ମହାପ୍ରଭୁଙ୍କ ଶ୍ରୀଅଧରକୁ ପାଇଲା ଭଳି ଉଚ୍ଚଥିବା ଲାଉତୁମ୍ବ ଭଳି ମାଟିର ତିନୋଟି ହାଣ୍ଡିରେ ପଣା ଢ଼ାଳନ୍ତି ଓ ପୂଜାପଣ୍ଡା ପାଞ୍ଚୋପଚାରରେ ପୂଜା କରନ୍ତି। ଭୋଗ ପରେ ରଥ ଉପରେ ଏହି ଆଣ୍ଠିଗୁଡ଼ୁକୁ ପରମ୍ପରା ଅନୁସାରେ ଭଙ୍ଗାଯାଏ। ଦ୍ୱାଦଶୀ ଦିନ ପହଣ୍ଡି ପୂର୍ବରୁ ଠିକ ଏହି ରୀତିରେ ଅଧରପଣା ହୁଏ। ପାଣିଆପଟ ନିଯୋଗର ପାଳିଆ ସେବକମାନେ ସିଂହଦ୍ୱାର ନିକଟସ୍ଥ ଛାଉଣି ମଠ ସମ୍ମୁଖ କୂଅରୁ ଶୁଦ୍ଧପୂତ ଭାବେ ବିଧିପୂର୍ବକ ଜଳ ଆଣି ପ୍ରତ୍ୟେକ ରଥରେ ଥିବା ପିତ୍ତଳ ହଣ୍ଡାରେ ରଖନ୍ତି। ପାଳିଆ ମହାସୁଆର ଏଥିରୁ ପାଣି ନେଇ ପଣା ପ୍ରସ୍ତୁତ କରିଥାନ୍ତି। ପ୍ରଥମେ ବଳଭଦ୍ରଙ୍କ ରଥ ତାଳଧ୍ୱଜ, ତାପରେ ସୁଭଦ୍ରାଙ୍କ ରଥ ଦେବଦଳନ ଓ ଶେଷରେ ଜଗନ୍ନାଥଙ୍କ ରଥ ନନ୍ଦିଘୋଷରେ ଏହି ପଣା ପ୍ରସ୍ତୁତ କରାଯାଏ ଓ ପୂଜାପଣ୍ଡା ଆସି ପଞ୍ଚୋପଚାରରେ ପୂଜା କରିଥାନ୍ତି। ପୂଜାପରେ ରଥର ପାର୍ଶ୍ୱଦେବଦେବୀ, ଚଣ୍ଡୀଚାମୁଣ୍ଡାଙ୍କ ଉଦ୍ଦେଶ୍ୟରେ ଅଧରହାଣ୍ଡିକୁ ରଥ ଉପରେ ଭଙ୍ଗାଯିବାର ପରମ୍ପରା ରହିଛି। ଏପରିକି ଅଶରୀରୀମାନଙ୍କ ଉଦ୍ଧାର ନିମନ୍ତେ ଅଧର ହାଣ୍ଡି ଭଙ୍ଗାଯାଏ ବୋଲି ଲୋକବିଶ୍ୱାସ ଅଛି। ପଞ୍ଚ ମହାଭୂତର ଶାନ୍ତି ଓ ତୁଷ୍ଟି ପାଇଁ ହାଣ୍ଡି ସବୁକୁ ରଥ ଉପରେ ହିଁ ଭାଙ୍ଗି ଦିଆଯାଏ। ଅଧର ପଣା ପରଦିନ ହୋଇଥାଏ ନୀଳାଦ୍ରି ବିଜେ। ଠାକୁରେ ମନ୍ଦିର ଭିତରକୁ ବାହୁଡ଼ି ଯାଆନ୍ତି।

+ ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ

## ତାଲଗଛ ଓ ବଜ୍ରପାତ, ଆକାଶରୁ ମୃତ୍ୟୁର ଚଡ଼କ



### ବାଦଲ ଭୂୟାଁ

ମୌସୁମୀ ଚାରିଆଡ଼େ ଆନନ୍ଦ ଯେତିକି ଉତ୍ପାତ ମଧ୍ୟ ସେତିକି ଭାବରେ ଦେଖାଇଦେଲାଣି। ଓଡ଼ିଶା ପରି ମୌସୁମୀ ବହୁଳ ଓ ମୌସୁମୀକୁ ଚାତକ ପରି ଚାହିଁଥିବା ଚଷାପୁଅ ପାଇଁ ଏହି ମୌସୁମୀର ବଜ୍ରପାତ କାଳ ପାଲଟିଗଲାଣି। ଆମ ରାଜ୍ୟରେ କାଳବୈଶାଖୀ ବର୍ଷା ଏବଂ ମୌସୁମୀ ବର୍ଷା ସମୟରେ ବଜ୍ରପାତ ଘଟି ଅନେକ ଜୀବନହାନି ହେଉଛି। ଏହି ସମୟରେ ଚାଷବାସ ଆରମ୍ଭ ହୁଏ, ତେଣୁ ଚାଷୀ ଖୋଲା ଆକାଶ ତଳେ ଚାଷ କାମରେ ମଜ୍ଜିଯାଇଥାଏ। ବିଲରେ ଖଟୁଥିବା ସମୟରେ ହିଁ ହଠାତ୍ ବର୍ଷା ସାଙ୍ଗକୁ ବଜ୍ରପାତ ଘଟିଲେ ଚାଷୀ ନିଜକୁ ବଞ୍ଚାଇ ପାରେନା। ଅନେକ ସମୟରେ କୌଣସି ଗଛମୂଳେ ଆଶ୍ରୟ ନେଇଥିବା ସମୟରେ ମଧ୍ୟ ବଜ୍ରାଘାତରେ ଜୀବନ ଚାଲିଯାଏ। ଆମ ରାଜ୍ୟ ଏକ କୃଷି ପ୍ରଧାନ ରାଜ୍ୟ। ମୌସୁମୀ ଋତୁ ଆସିଲେ ହିଁ ବିଲବାଡ଼ି କାମ ଆରମ୍ଭ ହୁଏ। ତେଣୁ ବଜ୍ରାଘାତ ଠାରୁ କିଭଳି ଚାଷୀଙ୍କୁ ବଞ୍ଚାଇ ହେବ ସେ ଦିଗରେ ଚିନ୍ତା କରାଯିବା ଦରକାର। ଚାଷୀଙ୍କୁ ବର୍ଷା ଏବଂ ବଜ୍ରପାତର ପୂର୍ବ ସୂଚନା ଦିଆଯିବା ଉଚିତ। ଆଜିକାଲି ମୋବାଇଲକୁ ବର୍ଷା ଏବଂ ବଜ୍ରପାତର ସତର୍କ ସୂଚନା ଦିଆଯାଉଥିଲେ ମଧ୍ୟ ବିଲରେ କାମ କରୁଥିବା ଚାଷୀଙ୍କ ପାଖରେ ମୋବାଇଲ ନଥିବାରୁ ସେମାନେ ଏ ସୂଚନା ପାଇପାରନ୍ତି ନାହିଁ। ଅନେକ ସମୟରେ ସୂଚନା ଥାଇ ମଧ୍ୟ ବର୍ଷା, ବଜ୍ରପାତ ନେଇନଥାଏ, ତେଣୁ ଲୋକେ ଏ ସୂଚନାକୁ ସେତେଟା ଗୁରୁତ୍ୱ ଦିଅନ୍ତି ନାହିଁ। କିନ୍ତୁ ସୁରକ୍ଷା ଦୃଷ୍ଟିରୁ ସବୁବେଳେ ପାଣିପାଗ ପୂର୍ବାନୁମାନକୁ ଗୁରୁତ୍ୱ ଦେବା ଉଚିତ। ନିକଟରେ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ଚାଉଳବାଙ୍ଗି ଗାଁର ସୂର୍ଯ୍ୟକାନ୍ତି ଖର୍ସେଲ ଏବଂ ତାଙ୍କ ୧୮ ବର୍ଷୀୟ ପୁତ୍ର ଦୀପକ ଖର୍ସେଲ କପା କ୍ଷେତରେ କାମ କରୁଥିବା ସମୟରେ ବଜ୍ରପାତରେ ଟଳିପଡ଼ିଥିଲେ। ଦିଅର ପୁରନ୍ଦର ଖର୍ସେଲ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟ ଏକ ଘଟଣାରେ ବରଗଡ଼ ଜିଲ୍ଲା ପଦ୍ମପୁର ବୁଢ଼େନ ଥାନା ଦେଓ୍ୱାନିଡିହିରେ ଚାଷକାମ ସାରି ଫେରୁଥିବା ବେଳେ ବର୍ଷା ହେବାରୁ ୫ଜଣ ଚାଷୀ ଏକ ଗଛମୂଳେ ଆଶ୍ରୟ ନେଇଥିଲେ ଏଇ ସମୟରେ ହଠାତ୍ ବଜ୍ରପାତ ହେବାରୁ ପାଞ୍ଚଜଣ ଯାକ ଅଚେତ ହୋଇପଡ଼ିଥିଲେ। ସେମାନଙ୍କୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତିନିଜଣଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇଜଣଙ୍କ ଅବସ୍ଥା ଗୁରୁତର ରହିଛି। ଏହା ପୂର୍ବରୁ ପାଖାପାଖି ଚାରି ଜଣଙ୍କର ମଧ୍ୟ ଅକାଳରେ ଜୀବନ ଦୀପ ଲିଭିଯାଇଛି।

ବଜ୍ରପାତ ସଂଖ୍ୟା ବଢ଼ିଛି ଆମ ରାଜ୍ୟରେ। ବଜ୍ରାଘାତରେ ପ୍ରତିବର୍ଷ ଏକାଧିକ ଲୋକଙ୍କ ପ୍ରାଣହାନୀ ଘଟୁଛି। ଗୃହପାଳିତ ଜୀବଜନ୍ତୁ ମଧ୍ୟ ଜୀବନ ହରାଉଛନ୍ତି। ତେଣୁ ପ୍ରଶ୍ନ ଉଠୁଛି ଏହାର ସମାଧାନ କ'ଣ? କିଭଳି ବଜ୍ରାଘାତ ଜନିତ ମୃତ୍ୟୁକୁ ରୋକା ଯାଇପାରିବ। ପରିବେଶବିତମାନେ ମତ ଦିଅନ୍ତି ତାଳଗଛ ସଂଖ୍ୟା କମିବା ଫଳରେ ହିଁ ବଜ୍ରପାତ ସଂଖ୍ୟା ବଢୁଛି। କୌଣସି ସ୍ଥାନରେ ବଜ୍ରପାତ ହେଲେ ତାକୁ ଆଖପାଖର ତାଳଗଛ ଟାଣିନେଇ ଭୂମିକୁ ପଠାଇଦିଏ। ତାଳଗଛ ଆର୍ଥିଂ ଭଳି କାମ କରେ। ରାଜ୍ୟର ଗାଁ ଗଣ୍ଡା ମାନଙ୍କରେ ଆଉ ତାଳଗଛ ଦେଖିବାକୁ ମିଳୁନି। ଯେଉଁଗୁଡ଼ିକ ମରିଯାଉଛି କିମ୍ବା କଟାଯାଉଛି ତା ସ୍ଥାନରେ ଆଉ ନୂଆଗଛ ଲଗାଯାଉଛି। ତେଣୁ ସରକାରୀ ଜାଗାରେ ତାଳଗଛ ଲଗାଇବାର ଯୋଜନା କରାଯିବା ଦରକାର। ଏବେ ବନ୍ୟ ସପ୍ତାହ ଚାଲିଛି। ଓଡ଼ିଶାର ଚାରିଆଡ଼େ ବ୍ୟାପକ ଭାବେ ବୃକ୍ଷ ରୋପଣ ହେଉଛି କିନ୍ତୁ ଆଶ୍ଚର୍ଯ୍ୟର କଥା ତାଳଗଛକୁ ଲଗାଇବା ପାଇଁ ସେପରି ଆଗ୍ରହ ନାହିଁ କି ଲୋକମାନଙ୍କ ଭିତରେ ସଚେତନତା ବି ବଢ଼ିନାହିଁ। ତାଳଗଛ ଗୋଟିଏ ଆମକୁ ବରଡ଼ା ପତ୍ର ଠାରୁ ଘର ଛାଆଣୀ ନିମିତ୍ତ କତା ଓ ଘର ତିଆରି ନିମିତ୍ତ ବରଗା, ଖୁଣ୍ଟ ହୋଇ ମଧ୍ୟ କାର୍ଯ୍ୟରେ ଲାଗେ। ତାଳ ତେଲ, ଗୁଡ଼ ସହିତ ଅନ୍ୟାନ୍ୟ ବ୍ୟବସାୟିକ କାର୍ଯ୍ୟରେ ମଧ୍ୟ ଲାଗୁଛି। ଏହି ଗଛଟିର ରକ୍ଷଣାବେକ୍ଷଣ ପାଇଁ ସେପରି କାହାକୁ ଖର୍ଚ୍ଚବାର୍ଚ୍ଚ କିମ୍ବା ଜଗାରଖା ମଧ୍ୟ କରିବାକୁ ପଡ଼ିନଥାଏ। ଏ ସବୁ ସତ୍ତ୍ୱେ ତାଳଗଛ ଆମ ପାଇଁ ସତେଯେପରି ଅଲୋଡ଼ା ଗଛଟି ଆମେ ସେହିପରି ଶ୍ରଦ୍ଧା ରଖିଥାଉ।

ତାଳଗଛ ଅଭାବ ପାଇଁ ପୁରୀ ଶ୍ରୀଜଗନ୍ନାଥ ଶୃଙ୍ଖଳା ପ୍ରସାଦ ତାଳପତ୍ର ଭୋଗେଇର ଅଭାବ ଦେଖାଦେଲାଣି। ମହାପ୍ରସାଦ ପ୍ୟାକିଂ ପାଇଁ ତାଳପତ୍ର ଭୋଗେଇ ଏକ ପରିବେଶ ଉପଯୋଗୀ ବାକ୍ସ ଭଳି କାମ କରେ। ଆଜିକାଲି ଏହାର ବିକଳ୍ପ ଭାବରେ ଅନେକ ଜାଗାରେ ପ୍ଲାଷ୍ଟିକ ଏବଂ ପଲିଥିନ ବ୍ୟାଗ ବ୍ୟବହାର କରାଯାଉଛି। ମନେପକାନ୍ତୁ ଅନେକ ବର୍ଷ ତଳେ ଗାଁ ଗଣ୍ଡାରେ ଯେଉଁ ମଟନ ବିକ୍ରି ହେଉଥିଲା ତାହା ସର୍ବପ୍ରଥମେ ତାଳବରଡ଼ାରେ ବାନ୍ଧି କରି ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ଯଦିଓ ଜରି ଏହାର ସ୍ଥାନ ନେଲା। ପାଚିଲା ତାଳରୁ ବିଭିନ୍ନ ପିଠା ଏବଂ ତାଳଗୁଡ଼ ମଧ୍ୟ ପ୍ରସ୍ତୁତ କରାଯାଏ। ତାଳ ଅଭାବରୁ ତାଳଗୁଡ଼ ଶିଳ୍ପ ବୁଡ଼ିଗଲାଣି। ତେଣୁ ରାଜ୍ୟରେ ଅଧିକ ସଂଖ୍ୟକ ତାଳଗଛ କିପରି ଲଗାଯାଇପାରିବ ସେ ଦିଗରେ କୃଷି ବିଭାଗ ଏବଂ କୃଷି ଉଦ୍ୟାନ ବିଭାଗ ଯତ୍ନବାନ ହେବା ଦରକାର। ଏହା ବଜ୍ରପାତକୁ ରୋକିବା ସହିତ କୁଟିର ଶିଳ୍ପକୁ ମଧ୍ୟ ପ୍ରୋତ୍ସାହିତ କରିବ। ତେବେ ବଜ୍ରପାତକୁ ନେଇ ସରକାରୀ ଭାବେ ଓ ବେସରକାରୀ ଭାବେ ଅନେକ ସଚେତନତା ମଧ୍ୟ ଜାରି ହେଉଛି। ତଥାପି ଲୋକମାନଙ୍କ ଭିତରେ ବ୍ୟାପକ ଅସଚେତନତା ପାଇଁ ଗଛ ତଳେ ଛିଡ଼ା ହେବା କାରଣରୁ ବଜ୍ରପାତର ସହଜ ଶିକାର ହୋଇ ଅକାଳରେ ଅନେକଙ୍କର ଜୀବନଦୀପ ନିର୍ବାପିତ ହୋଇଯାଉଛି। ତେଣୁ ବର୍ଷା, ଘଡ଼ଘଡ଼ି ସମୟରେ କୌଣସି ପରିସ୍ଥିତିରେ ଖୋଲାସ୍ଥାନ, ପାହାଡ଼ ସନ୍ନିକଟ, ଗଛତଳେ ବା ଘରର ବାରଣ୍ଡା ପାଖରେ ଛିଡ଼ା ହୁଅନ୍ତୁ ନାହିଁ। କାରଣ ଆପଣ ତୀବ୍ର ବଜ୍ରପାତର ସହଜ ଶିକାର ହେବେ। ସେହିପରି ଆଉ ଏକ ଆଶ୍ଚର୍ଯ୍ୟକର ଘଟଣା ମଧ୍ୟ ଦେଖିବାକୁ ମିଳେ। ଅନେକ ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କ ଘରେ ମୂଲ୍ୟବାନ ଇଲେକଟ୍ରୋନିକ୍ସ ଉପକରଣ ରଖିଥିଲେ ମଧ୍ୟ ବିଜୁଳି ନିରୋଧକ ବ୍ୟବସ୍ଥା, ଆର୍ଥିଂ କରି ନଥାନ୍ତି। ସେହିପରି ଅନେକଙ୍କ ଘର ସାମ୍ନାରେ ମୂଲ୍ୟବାନ ବଡ଼ ବଡ଼ ଗଛ ଲଗାଇଥାନ୍ତି ଯାହାକି ପରୋକ୍ଷରେ ବଜ୍ରପାତକୁ ନିମନ୍ତ୍ରଣ କରିଥାଏ କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ବଜ୍ରପାତ ପାଇଁ ଆମ୍ଭେମାନେ ଯେତିକି ନିଜକୁ ସଚେତନ କରି ନିରାପଦରେ ରହିବାର ବ୍ୟବସ୍ଥା କରିବା ସେତିକି ପରିମାଣରେ ବ୍ୟାପକ ଭାବେ ଯେପରି ତାଳଗଛ ରୋପଣ ହେବ ଓ ପୁରୁଣା ତାଳଗଛର ସଂରକ୍ଷଣ ହେବ ଏ ଦାୟିତ୍ୱ ଆମ ସମସ୍ତଙ୍କର।

+ ପ୍ରତିଷ୍ଠାତା, ସମ୍ପାଦକ
'ସିଂହଭୂମ୍', ପୁରୁଣା ସୋନାରି,
ଜାମସେଦପୁର
ମୋ: ୭୪୮୮୯୯୮୫୩୨

## ଲଗାଇ ଦେଏରେ ଡୋରି



### ଖୁଲଣା ନାୟକ (ଆଚାର୍ଯ୍ୟା)

ଭକ୍ତକବି ସାଲବେଗଙ୍କର ଗୋଟିଏ ପ୍ରସିଦ୍ଧ ଭଜନର ପଂକ୍ତି ହେଉଛି - 'ପ୍ରବେଶ ହୋଇଲ ବଡ଼ ଦାଣ୍ଡ / ଚରଣ ଧୂଳିରେ ପୂରିଲା ତୁଣ୍ଡ।' ଏହା ସୂଚାଏ, ଯେ ସେଦିନର (ସପ୍ତଦଶ ଶତାବ୍ଦୀ) ବଡ଼ଦାଣ୍ଡରେ ପହଣ୍ଡି ବେଳେ ଧୂଳି ଉଡୁଥିଲା। ସେ ଧୂଳି ତୁଣ୍ଡରେ ପାଇ ଭକ୍ତ ଆନନ୍ଦିତ ହେଉଥିଲେ। ପ୍ରସିଦ୍ଧ ଭଜନ 'ଥକାମନ ଚାଲଯିବା'ରେ ସାରିଆ ଭିକ ମଧ୍ୟ କହିଛନ୍ତି, 'ପହଞ୍ଚିବା ବଡ଼ଦାଣ୍ଡେ / ସେ ରେଣୁ ପାଇବା ତୁଣ୍ଡେ।'

ନୀଳାଦ୍ରୌ ଶଙ୍ଖମଧେ
ଶତଦଳକମଳେ ରତ୍ନସିଂହାସନସ୍ଥମ୍
ସର୍ବାଳଙ୍କାରଯୁକ୍ତମ୍ ନବଘନରୁଚିରଂ
ସଂଯୁକ୍ତଂ ଚାଗ୍ରଜେନ,
ଭଦ୍ରାୟାଃ ବାମଭାଗେ
ରଥଚରଣଯୁକ୍ତଂ ବ୍ରହ୍ମରୁଦ୍ରେନ୍ଦ୍ର୍ୟ ବନ୍ଦ୍ୟମ୍
ବେଦାନାଂ ସାରମୀଶଂ ସ୍ୱଜନ
ପରିବୃତଂ ବ୍ରହ୍ମଦାରୁ ସ୍ମରାମି।।'

ଭକ୍ତି ଓ ଭାବର ଠାକୁର ସିଏ ବିଶ୍ୱ ବ୍ରହ୍ମାଣ୍ଡର ଠାକୁର। ଜଗତରନାଥ ଶ୍ରୀଜଗନ୍ନାଥ। ଯାହାଙ୍କ ସମ୍ମୁଖରେ ଠିଆ ହୋଇଗଲେ ବିମୋହିତ ହୁଏ ଭକ୍ତ। ଲୋତକାପ୍ଳୁତ ହୁଏ ଆଖି, ବାୟୁଠାରୁ ହାଲୁକା ହୋଇଯାଏ ତନୁମନ। ପ୍ରଭୁଙ୍କୁ କୋଳାଗ୍ରତ କରିବାକୁ ପ୍ରଲମ୍ବିତ ବାହୁରେ ନିଜକୁ ହଜାଇ ଦିଏ ଭକ୍ତ, ବଡ଼ ବଡ଼ ଚକା ଆଖିର ସାଗରରେ ହଜିଯାଏ ଶ୍ରଦ୍ଧାଳୁ। ଗୋଲ ଗୋଲ ଆଖି ପରି ତାଙ୍କର ସବୁକିଛି ବଡ଼। ମନ୍ଦିର ହେଉଛି ଶ୍ରୀମନ୍ଦିର, ଚକ୍ର ହେଉଛି ଶ୍ରୀଚକ୍ର।

କୋଟି ବ୍ରହ୍ମାଣ୍ଡ ନାଥ, ପତିତପାବନ, କରୁଣାସାଗର ଶ୍ରୀଜଗନ୍ନାଥ ସର୍ବବ୍ୟାପୀ ସନାତନୀ। ତାଙ୍କ ଗୁଣ କୀର୍ତ୍ତନ, ଭଜନ, ଜଣାଣ, ସମର୍ପଣ ଭକ୍ତିନୈବେଦ୍ୟ ଯେତେ ବଖାଣିଲେ ବି ଭକ୍ତଙ୍କୁ ନିଅଣ୍ଟ ପଡ଼େ। ବହୁ ଜନ୍ମର ପୁଣ୍ୟଫଳ ଥିଲେ ତାଙ୍କ ସାନ୍ନିଧ୍ୟ ଲଭିବାର, ସେବା କରିବାର ସୁଯୋଗ ମିଳେ। ଭାବଗ୍ରାହୀ, ଭାବ ବିନୋଦିଆ କଳାଠାକୁର କିନ୍ତୁ ଭକ୍ତର ଦୁଃଖରେ ଦୁଃଖୀ, ଭକ୍ତର ସୁଖରେ ସୁଖୀ ହୋଇଥାନ୍ତି। ଯିଏ ତାର ଭକ୍ତକୁ ପୀଡ଼ା ଦିଏ, ସେ ସେହି ପାରନ୍ତିନି। ଭକ୍ତର ଆକୁଳ ଡାକରେ ସେ ତତ୍‌କ୍ଷଣ ଉଭା ହୋଇ ଦୁଷ୍ଟକୁ ଶାସ୍ତି ଦେଇ ଭକ୍ତର ଆନନ୍ଦରେ ଆନନ୍ଦିତ ହୁଅନ୍ତି। ପ୍ରତିଟି ଓଡ଼ିଆ ଘର ମୁରବି, ଜଗତବନ୍ଧୁ ଶ୍ରୀଜଗନ୍ନାଥ। ଓଡ଼ିଆଙ୍କ ପାଇଁ ଶ୍ରୀଜଗନ୍ନାଥଙ୍କୁ କେବଳ ଠାକୁର ବୋଲି ବିବେଚନା କରାଯାଇ ପାରେନା। ପ୍ରତିଟି ଓଡ଼ିଆଙ୍କ ପିଣ୍ଡର ପ୍ରାଣ ସେ, ଅନ୍ତରଙ୍ଗ, ଆତ୍ମୀୟଙ୍କ ଠାରୁ ବଳି। ଆଉ ତାଙ୍କ ଧାମ ନୀଳକନ୍ଦର ଶ୍ରୀକ୍ଷେତ୍ର ପ୍ରତିଟି ଓଡ଼ିଆଙ୍କ ପାଇଁ ମୁକ୍ତି ଆଉ ମୋକ୍ଷର ସ୍ଥାନ। ଶ୍ରୀକ୍ଷେତ୍ରରେ ପାଦ ଦେବା ମାତ୍ରେ ନିଜକୁ ହଜେଇଦିଏ ଭକ୍ତ, ଅଜାଣତରେ ଆନନ୍ଦାଶ୍ରୁ ଗଡ଼ାଏ, ବିଭୋର ହୁଏ। ମହାପ୍ରଭୁ ଜଗନ୍ନାଥଙ୍କର ଏ ଆଷାଢ଼ ଉତ୍ସବ ସଂସାର ଜଞ୍ଜାଳରୁ ଶ୍ରଦ୍ଧାଳୁ ଭକ୍ତ ଦର୍ଶକମାନଙ୍କ ମୁକ୍ତିମୋକ୍ଷ, ନିର୍ବାଣପ୍ରାପ୍ତିର ପଥ ସୁଗମ କରିଦିଏ। କି ପବିତ୍ର ଏ ପୀଠ ଓ ତାର ପରମ୍ପରା, କି ମହାନ୍ ଏ ଯାତ୍ରା। ମନୁଷ୍ୟର ସ୍ୱାଭାବିକ ଜୀବନଚର୍ଯ୍ୟା ଭଳିଯାତ୍ରା। ମହାପ୍ରଭୁ ଏ ଜାତିର ଶ୍ରଦ୍ଧାଳୁ ମଣିଷ ମେଳରେ ରଥାରୂଢ଼ ହୋଇ ନଗର ଭ୍ରମଣ ବା ଯାତ୍ରା କରନ୍ତି। ତେଣୁ କୁହାଯାଏ - 'ଗୁଣ୍ଡିଚାଯାତ୍ରା ଏ ନାମ କଲେ ଉଚ୍ଚାରଣ, ତା'ର ଶତଜନ୍ମ ପାପ ହୁଅଇ ଦହନ।'

ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବସରରେ ଦୁଇଧାଡ଼ି ଏଠାରେ ଭକ୍ତିପୁଷ୍ପ ଭାବେ ଅର୍ପଣ କରୁଛି। 'ନୀଳାଚଳଧାମ ଯିବା ପାଇଁ ମନ, ଉଚ୍ଛନ୍ନ ହେଉଛି ଭାରି, ଆସୁଥିବୁ ଝୁଲି ଭକତ ମେଳରେ, ବାଜୁଥିବ ଭେରିତୂରୀ। ଲଗାଇ ଦେଏରେ ଡୋରି, ତୋର ରଥଯାତ ଦେଖିଦେଲେ ଜଗା, ଦୁଃଖ ଯିବ ଅପସରି, ଲଗାଇ ଦେଏରେ ଡୋରି.....। ତୋ ବାଙ୍କ ଚାହାଁଣୀ ଅପରୂପ ଠାଣି, ମୁରୁକି ମୁରୁକି ହସ, କୋଟି କୋଟି ଭକ୍ତ ହୃଦ ସିଂହାସନେ, କରିଥାଉ ତୁହି ବାସ। ଲଗାଇ ଦେଏରେ ଡୋରି। ତୋ ରଥ ଦଉଡି ହାତେ ଧରି ଭିଡ଼ି, ଟାଣି ନେବି ମନଭରି, ଲଗାଇ ଦେଏରେ ଡୋରି।। ହରିବୋଲ ସାଥେ ହୁଳହୁଳି ଶବ୍ଦ, ଶୁଭୁ ଥିବ ଜୟକାର, ଘଡ଼ଘଡ଼ କରି ରଥ ଗଡୁଥିବ, ଇଚ୍ଛା ମୁତାବକ ତୋର। ଲଗାଇ ଦେଏରେ ଡୋରି।। ପତିତ ଭିତରେ ମୁଁ ଏକ ପତିତ, ଡାକି ନେଏ ହାତ ଧରି। ଲଗାଇ ଦେଏରେ ଡୋରି।। କିଏ କେତେ ଦାମୀ ଭେଟି ଦେଉଥିବେ, ପାଇ ତୁମ ଭଳି ବନ୍ଧୁ, ଭକତି କୁସୁମ ବାଢ଼ି ଦେଉଅଛି, ଘେନାକର କୃପାସିନ୍ଧୁ। ଲଗାଇ ଦେଏରେ ଡୋରି।। ରଥଯାତରାରେ ଦରଶନ ଦେଇ, ପାପତାପ ନେଏ ହରି। ଲଗାଇ ଦେଏରେ ଡୋରି।।

+ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,
ଦୀପଶିଖା, ଏନ.ଟି.ପି.ସି. କଣିହାଁ,
ଅନୁଗୋଳ,
ମୋ: ୮୨୪୯୩୩୨୬୩୬




### ଏଇ ତ
### ସୁଶାନ୍ତ ରଣା



ଝରକା ଫାଙ୍କରେ ଜହ୍ନ
ଆସିଦେଖ, ଦେଖା ଦେଲାଣି ।
ଏଇନେ
ଏଇନେ ପଶ୍ଚିମାଝଡ଼
ଦେଉଥିଲା ସତେ ଡରେଇ !
ଏଇ ତ
ଝରକା ଫାଙ୍କରେ ଜହ୍ନ
ଆସିଦେଖ, ଦେଖା ଦେଲାଣି ।

ଏଇ ତ
ଝରକା ଫାଙ୍କରେ ଜହ୍ନ
ବାଡେଇଲାଣି, ସୁନେଲୀ ହାତେ ମୋ
ଘର କବାଟ ।
ମନରେ
ଖୁସିର ତାଜମହଲ
ଦେଖିବାକୁ ପାଇବାକୁ ଆଉ ଅଳ୍ପ
ବାଟ।
ଏଇ ତ
ଝରକା ଫାଙ୍କରେ ଜହ୍ନ
ଆସିଦେଖ, ଦେଖା ଦେଲାଣି ।

ତୁମେ ଦୂରେ
ମୁଁ ବହୁ ଦୂରେ, ଜହ୍ନକୁ ଦେଖ ତୁମେ
ଜହ୍ନରେ ଦେଖିବି ମୁଁ ତୁମକୁ ସତେ ।
ପ୍ରିୟା ମୋର ଜହ୍ନକୁ ଚାହେଁ
ଜହ୍ନରେ ଖୋଜୁଛି ମୋତେ ।

ମୁଁ ଜହ୍ନ କୁ ଚାହେଁ ପ୍ରିୟାକୁ ପାଏ
ପ୍ରିୟା ମୋତେ ଖୋଜି ପାଏ ।
ସବୁ ଦିନେ ମିଳନ୍ତା କି, ଏ ଜହ୍ନ ରାତି
ପ୍ରିୟା ଓ ମୁଁ ନିତି ହେଉଥାନ୍ତି
ଦେଖାଦେଖି ।
ଏଇ ତ
ଝରକା ଫାଙ୍କରେ ଜହ୍ନ
ଆସିଦେଖ, ଦେଖା ଦେଲାଣି ।
ଏଇ ତ
ଝରକା ଫାଙ୍କରେ ଜହ୍ନ
ଆସିଦେଖ, ଦେଖା ଦେଲାଣି ।

+ ତେରେସିଂହା, ଜି. କଳାହାଣ୍ଡି
ମୋ. ୭୮୯୪୬୫୮୨୭୪

### ମୁଁ ପତିତପାବନ କହୁଛି
### ଜୟକୃଷ୍ଣ ସାହୁ



ଫର ଫର ହୋଇ ଉଡୁନାହିଁ ମୁଁ ରେ
ଖିଲି ଖିଲି ହୋଇ ହସୁଛି
ଦେଖୁନୁ କେମିତି ମୋ କାଳିଆସୁନା
ରଥଯାତ ସାରି ଆସୁଛି
ପତିତପାବନ କହୁଛି,
ନଅ ଦିନଯାକ ନ ଦେଖି ଧନକୁ
ମନ ମୋର ଝୁରି ହେଉଛି।

କେମିତି ଖାଇଲା କେମିତି ରହିଲା
କିଏ ଅରଦଳି ବୁଝିଲା
ଷାଠିଏ ପଉଟି ଖାଇଲାବାଲା ସେ
ଜାଣି କିଏ ପେଟ ପୂଜିଲା
ବଳିଆଟା ଭାରି ରାଗିଟାବ
ଖାଇବାରେ ଦୁହେଁ କଅମ ନୁହଁନ୍ତି
ସିଏ ବି ଛପନ ଭୋଗିବା।

ଅଲିଅଳି ତା'ର ସୁଭଦ୍ରା ଭଉଣୀ
ମାଛିକି ସେ 'ମ' କହେନି
ଦୁଇ ଭାଇଙ୍କର ଅବହେଳା ଦେଖି
କେବେ ତା'ର ଦେହ ସହେନି
ସବୁବେଳେ ଥାଏ ପାଖରେ,
ଭାଇ ଭଉଣୀର ସଂପର୍କ କେମିତି
ତାଙ୍କ ଠୁ ସଭିଏଁ ଶିଖରେ।

ବାହୁଡ଼ିଲା ବେଳେ ମାଉସୀ ମା' ଘର
ଆସିଥିବେ ନିଶ୍ଚେ ହୋଇକି
ପେଟ ପୂଜିଥିବେ ମାଉସୀ ହାତର
ପୋଡ଼ ପିଠାତକ ଖାଇକି
ଏବେ ବିଜେ ସିଂହ ଦୁଆରେ,
ନୀଳାଦ୍ରି ବିଜୟ ସରିଲେ ଠାକୁରେ
ବିରାଜିବେ ଶିରିମନ୍ଦିରେ।

+ କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭

### ଜଗା ଲଗାଇଛି ଡୋରି
### ସିଦ୍ଧେଶ୍ୱର ତ୍ରିପାଠୀ

ଆସ ଆସ ଧନ ମନ ଛନ ଛନ
ଆଉ କର ନାହିଁ ଡେରି
ବଡଦାଣ୍ଡେ ତିନିରଥକୁ ଦେଖିବା
ଜଗା ଲଗାଇଛି ଡୋରି ।

ରଥରେ ଦେଖିବା ଚତୁର୍ଦ୍ଧା ମୂରତି
ଜୀବନ ହୋଇବ ଧନ୍ୟ
କୋଟି ଜନମର ପାପ ଧୋଇଯିବ
ସତ ହୋଇବ ସପନ ।

ଭାବ ବିନୋଦ୍‌ଦିଆ ମାୟା ଲାଗାଇଛି
ଏମନ କରିଛି ଚୋରି
ଆସ ଆସ ଧନ ମନ ଛନ ଛନ
ଜଗା ଲାଗାଇଛି ଡୋରି - - - -

ସଂସାର ଜାଲରେ ପଡି ଦିନ ଗଲା
ମରୀଚିକା ପଛେ ଧାଇଁ
ଅମୃତ ର ଧାରା ବରସି ଯିବରେ
କଳା ବାମାନକୁ ଚାହିଁ ।

ଏ ଶେଷ ସପନ ସତ ହେଇ ଯାଉ
ତା ରଥ ଦଉଡି ଧରି
ଆସ ଆସ ଧନ ମନ ଛନ ଛନ
ଜଗା ଲାଗାଇଛି ଡୋରି

# ସରକାରଙ୍କ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ବିରୋଧରେ ଘୁ.ଉଦୟଗିରି ବିଧାୟକଙ୍କ ସହ ଆଲୋଚନା

କନ୍ଧମାଳ, ୧୭/୦୭ (ନି.ପ୍ର): ରାଜ୍ୟ ସରକାରଙ୍କ ଜବରଦଖଲ ଉଚ୍ଛେଦ ନିଷ୍ପତି ବିରୋଧରେ ମଙ୍ଗଳବାର କଳିଙ୍ଗା ଡ଼ାକବଙ୍ଗଳା ଠାରେ ଜିଲ୍ଲା ସିଟିଜେନ ଫୋରମ ପକ୍ଷରୁ ବରିଷ୍ଠ ସାମ୍ବାଦିକ ତଥା ସାଧାରଣ ସମ୍ପାଦକ ସୁନୀଲ ପଟନାୟକ, କନ୍ଧମାଳ ପିପୁଲସ ଫୋରମ ପକ୍ଷରୁ ଅଧକ୍ଷ ରାଧାମୋହନ ମହାପାତ୍ର, ମିଡ଼ିଆ ଫୋରମ ସଭାପତି ସନ୍ତୋଷ ଡିଗାଲ, ସାମ୍ବାଦିକ ତଥା ଜିଲ୍ଲା ସମିତି ସଭ୍ୟ ସଭାପତି ବଦ୍ୟନାଥ ବେହେରା, ଅବସରପ୍ରାପ୍ତ ରେଳ ବିଭାଗ ଅଧିକାରୀ ଦିଲୀପ ନାୟକ ପ୍ରମୁଖ ଉପସ୍ଥିତ ରହି ଘୁ. ଉଦୟଗିରି ବିଧାୟକ ପ୍ରଫୁଲ ପ୍ରଧାନଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିବା ସହ ସବୁ ସଂଗଠନ ପକ୍ଷରୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ବିଧାୟକ ପ୍ରଧାନ ସରକାରଙ୍କ ଜବରଦଖଲ ଉଚ୍ଛେଦ ନିଷ୍ପତି ସମ୍ପୂର୍ଣ ଭୁଲ ନିଷ୍ପତି ବୋଲି କହିବା ସହ ଗରିବ ଭୂମିହୀନ ଲୋକ ମୁଣ୍ଡ ଗୁଞ୍ଜିବା ପାଇଁ ସରକାରୀ ଜାଗାରେ ଘର କରି ଦୀର୍ଘ ବର୍ଷ ହେଲା ରହିଛନ୍ତି ସେମାନଙ୍କୁ ପଟା ଦେବା ପରିବର୍ତେ ଘର ଭାଙ୍ଗିବା ଲାଗି ପ୍ରଶାସନକୁ ଚିଠି ଦେବା ଲଜ୍ୟାଜନକ ବୋଲି କହିଥିଲେ । କୌଣସି ପରିସ୍ଥିତିରେ ଘର ଭାଙ୍ଗିବାକୁ ଦିଆଯିବ ନାହିଁ ବୋଲି କହିବା ସହ ଏ ନେଇ ବିଧାନସଭା ଅଧିବେଶନ ବେଳେ ପ୍ରଶ୍ନ ଉଠାଇବା ସହ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ । ଆଲୋଚନା ବେଳେ ଯୁବ କଂଗ୍ରେସ ସଭାପତି ଚନ୍ଦନ ପଣ୍ଡା ଉପସ୍ଥିତ ଥିଲେ ।

# ଓଡିଶା ଅମଲା ସଙ୍ଘ କୋରାପୁଟ ଜିଲ୍ଲା ଶାଖାର ସାମ୍ବାଦିକ ସମ୍ମିଳନୀ

ଜୟପୁର , ୧୭/୦୭ (ନି.ପ୍ର): ସାମ୍ବାଦିକ ସମ୍ମିଳନୀ ଓଡ଼ିଶା ଅମଲା ସଂଘ, କୋରାପୁଟ ଜିଲ୍ଲା ଶାଖା ତରଫରୁ ଆଜି ସ୍ଥାନୀୟ ଅମଲା ଭବନ ଠାରେ ସଙ୍ଘର ସଦସ୍ୟଙ୍କ ଉପସ୍ଥିତରେ ଆୟୋଜନ କରାଯାଇଥିଲା । ଦୁଇଟି ସମାନ୍ତରାଳ ସଂଘ ଉପରେ ସଭାପତି ଶ୍ରୀ ନିତ୍ୟାନନ୍ଦ ଭତ୍ରା ସଂଘ ତରଫରୁ ଏହାର ସ୍ପଷ୍ଟି କରଣ ରଖିଥିଲେ କି ବର୍ତମାନ ନବନିର୍ବାଚିତ ବୋଡି ଆଉ ଆଉ ସମାନ୍ତାଳ ଭାବେ ଆଉ ଏକ ଅନ୍ୟ ଏକ ବୋଡି ରାଜ୍ୟ ନେତୃତ୍ୱ ମଧୁଚନ୍ଦ୍ରିକାରେ ଅନୁମତି ନେଇ ନିଜ ଇଚ୍ଛା ମୁତାବକ ସଂଘ ଚଲାଇବା ଏହା ଏକ ଦୁର୍ଭାଗ୍ୟଜନକ ତଥା ପରିତାପର ବିଷୟ । ଯାହା ସାମ୍ବିଧାନିକ ଆଉ ଗ୍ରହଣୀୟ ତାହାକୁ ହିଁ ସଂଘ ପାଥେୟ କରି ଆଗକୁ ଅଗ୍ରସର ହେବ । ଅମଲା ଭବନର ସର୍ବାଙ୍ଗୀନ ବିକାଶ ଆଉ ନବୀକରଣ ପାଇଁ ବର୍ତମାନ ନବ ନିର୍ବାଚିତ ସଦସ୍ୟମାନେ ଯଥେଷ୍ଟ ସକ୍ରୀୟଶିଳ ଆଉ ପ୍ରତିଶ୍ରୁତିବଦ୍ଧ । ଯଦି କିଛି ବିପରୀତ ପ୍ରକାରେ କିଛି ଘଟିଛି ତାକୁ ସଙ୍ଘୀୟ ମନୋଭାବ ଆଉ ଶୃଙ୍ଖଳିତ ଭାବେ ପରସ୍ପର ଆଲୋଚନା ମାଧ୍ୟମରେ ସମାଧାନ କରାଯିବା ଉଚିତ୍ ବୋଲି ଶ୍ରୀ ଭତ୍ରା କହିଥିଲେ । ସଙ୍ଘର କାର୍ଯ୍ୟ କଳାପକୁ ବାରମ୍ବାର ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ନେବା କିଛି ଆବଶ୍ୟକ ନାହିଁ ବୋଲି ସଭାପତି ମତବ୍ୟକ୍ତ କରିଥିଲେ । ଅମଲା ଭବନର ଉନ୍ନତି ଆଉ ବିକାଶରେ ସମସ୍ତେ ସାମିଲ ହେବା ନିତ୍ୟାନ୍ତ ଆବଶ୍ୟକ ବୋଲି ଯୁକ୍ତି ବାଢ଼ିଥିଲେ । ଯଦି ଜଣେ ଅମଲା ଦୁଇ ଦୁଇଟା ସଂଘରେ ରହିବାର ପ୍ରାବଧାନ ନାହିଁ ତାହେଲେ ଯାହା ନ୍ୟାୟସଙ୍ଗତ ତାକୁ ଅସ୍ୱୀକାର ବି କରାଯାଇ ନ ପାରେ କିନ୍ତୁ ସଙ୍ଘର ଜିଲ୍ଲାର ମତାମତ ନ ଦେଇ ସିଧାସଳଖ ହସ୍ତକ୍ଷେପ କରିବା ବି ଉଚିତ୍ ହେବ ନାହିଁ ବୋଲି ସଂଘ ତରଫରୁ କୁହାଯାଇଥିଲା । ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କର ଆଦେଶ ପ୍ରକାରେ ହିଁ ସବୁ ପ୍ରକାର ନିର୍ବାଚନ ପ୍ରକ୍ରିୟା ହୋଇ ବିଧିବଦ୍ଧ ଭାବେ ଶପଥ ପାଠ କରି ନବନିର୍ବାଚିତ ସଦସ୍ୟ ଅମଲା ସଂଘର ଦାୟିତ୍ୱ ବହନ କରିଥିଲେ । ତେଣୁ ଏହାକୁ ସମର୍ଥନ ଆଉ ସହଯୋଗ କରିବା ଉଚିତ୍ ବୋଲି ଶ୍ରୀ ଭତ୍ରା କହିଥିଲେ । ସମ୍ପାଦକ ମନୋଜ କୁମାର ବାରିକ ଅମଲା ଭବନ ବାକେୟରାଶିକୁ ଆଦାୟ ପ୍ରକ୍ରିୟା ନିରବଚ୍ଛିନ୍ନ ଚାଲିଛି ବୋଲି କହୁଥିଲେ ଆଉ ଏହାକୁ ଆହୁରି ଅଧିକରୁ ଅଧିକ ତ୍ୱରାନ୍ୱିତ ବା ବ୍ୟାପକ କରାଯିବ ବୋଲି କହିଥିଲେ । କୋଷାଧ୍ୟକ୍ଷ, ଶ୍ରୀ ଜଗନ୍ନାଥ ନାୟକ ବର୍ଷକର ଆଦାୟର ସଂପୂର୍ଣ୍ଣ ବିବରଣୀ ଉପସ୍ଥାନ କରିଥିଲେ । । ସମ୍ମିଳନୀ ରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଉପ ସଭାପତି ଶ୍ରୀ ଯୋଗେଶ୍ୱର ବେହେରା, ଗୋବିନ୍ଦ ନାଉଡିଆ,ଲବ ମଣ୍ଡଳ ଏବଂ ଅନ୍ୟ ସଙ୍ଘର କର୍ମକର୍ତା ଉପସ୍ଥିତ ଥିଲେ ।

# ଗାଁ ଲୋକେ ଏକାଠି ହୋଇ କାଦୁଅ ରାସ୍ତାରେ ଧାନ ରୋଇଲେ

ମାଲକାନଗିରି, ୧୭/୦୭ (ନି.ପ୍ର): ରାସ୍ତାରେ ଧାନ ରୋଇଲେ ଲୋକେ । ଗାଁ ରାସ୍ତାରେ ବାଲିଗାଡ଼ି ଚଳାଚଳ ବନ୍ଦ ଦାବିରେ ନିଆରା ଢଙ୍ଗରେ ପ୍ରତିବାଦ କରିଛନ୍ତି ଗ୍ରାମବାସୀ । ମାଲକାନଗିରି ଜିଲ୍ଲା ମାଥିଲିରୁ ଆସିଛି ଏପରି ପ୍ରତିବାଦର ଚିତ୍ର । ବ୍ଲକର ଚାଉଳମେଣ୍ଢି ନଦୀ ବାଲିଘାଟରୁ ଶହଶହ ଭାରି ଯାନ ମାଡକାମୀଗୁଡା, ମୁଣ୍ଡାଗଡା ଦେଇ ଯାତାୟତ କରୁଛି । ଫଳରେ ଗାଁକୁ ସଂଯୋଗ କରୁଥିବା ରାସ୍ତା ଖରାପ ହୋଇଯାଉଛି ।ବର୍ଷା ଦିନେ କାଦୁଅ ପଚ୍ ପଚ୍ ରାସ୍ତାରେ ଆମ୍ବୁଲାନ୍ସ ଟିଏ ଆସିବା ବି କଷ୍ଟକର ହୋଇପଡୁଛି । ବିଭିନ୍ନ କ୍ଷେତ୍ରରେ ଲୋକେ ନିତିଦିନିଆ ଏହି ରାସ୍ତା ଦେଇ ଯାତାୟତ କରୁଛନ୍ତି କିନ୍ତୁ ମରଣ ମୁହଁକୁ ଟାଣି ହେବା ଭଳି ପରିସ୍ଥିତି ଉପଜିଛି । ରାସ୍ତାରେ ଭାରି ଯାନ ଓ ବାଲି ଘାଟ ବନ୍ଦ କରିବାକୁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା । ଗାଁ ଲୋକେ ଏକାଠି ହୋଇ କାଦୁଅ ରାସ୍ତାରେ ଧାନ ରୋଇଛନ୍ତି । ଦୂରାବସ୍ଥାକୁ ଗୁରୁତର ସହ ନେଇ ଏହାର ସମାଧାନ କରିବାକୁ ଦାବି କରିଛନ୍ତି ।

# ୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କାଜୁ ପ୍ରକ୍ରିୟାକରଣ କେନ୍ଦ୍ର ଭୂତକୋଠି ପାଲଟିଛି

ମାଲକାନଗିରି, ୧୭/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ଠାରେ ୨୦୧୫-୧୬ ମସିହା ରେ ବଣ୍ଡା ଜନଜାତିର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏଠାରେ ଏକ କାଜୁ ପ୍ରକ୍ରିୟାକରଣ କେନ୍ଦ୍ର (କ୍ଷୁଦ୍ର ଶିଳ୍ପ) ପ୍ରତିଷ୍ଠା କରାଗଲା । ବଣ୍ଡାଘାଟିର ୫୩ ଜଣ ମହିଳାଙ୍କୁ ଏହି କାଜୁ ପ୍ରକ୍ରିୟାକରଣ କେନ୍ଦ୍ରକୁ ହସ୍ତାନ୍ତର କରାଯାଇ ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା । ମହିଳାମାନେ କାଜୁ ଖରିଦ କରିବା ପରେ ଏଠାରେ କାଜୁ ମଞ୍ଜି ବାହାର କରି ଏହାକୁ ବାହାର ରାଜ୍ୟ କିମ୍ବା ବାହାର ଦେଶକୁ ରପ୍ତାନୀ କରିବାର ଯୋଜନା ରହିଥିଲା । ୨୦୧୭ ମସିହାରେ ଏହି କେନ୍ଦ୍ର ଜୋରସୋରରେ ଚାଲିଲା । ତେବେ କିଛି ବର୍ଷ ଚାଲିବା ପରେ ପୁଣି ବନ୍ଦ ପଡ଼ିଗଲା । ଏବେ ଏହି କେନ୍ଦ୍ରରେ ତାଲା ଝୁଲୁଛି । ଲକ୍ଷାଧିକ ଟଙ୍କାର ମେସିନ ଏବେ ଖତ ଖାଉଛି । ଏହି ମେସନଗୁଡିକ ପୁଣି ଚାଲିବ କି ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି । ପ୍ରତିବର୍ଷ ବଣ୍ଡା ଯୁବକ ଯୁବତୀ ଦାଦନ ଖଟିବାକୁ ଆନ୍ଧ୍ର, ତାମିଲନାଡୁ ସହ ବାହାର ରାଜ୍ୟକୁ ଯାଉଥିବାରୁ ଏଠାରେ ଏକ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରି ସେମାନଙ୍କୁ ଏଠାରେ ଥଇଥାନ କରିବାର ଯୋଜନା ସରକାର କରିଥିଲେ । ମାଲକାନଗିରି ଆଇଟିଡିଏ ତରଫରୁ ଏଠାରେ କାଜୁ ପ୍ରକ୍ରିୟାକରଣ କେନ୍ଦ୍ର ଖୋଲାଗଲା । ବଣ୍ଡା ଉନ୍ନୟନ ସଂସ୍ଥା ଏହାର ଦେଖାରେଖା କରିବା ପାଇଁ ନିର୍ଦ୍ଦେଶ ଦିଆଯିବା ସହ ଓଡିଶା ଜୀବିକା ମିଶନ ତରଫରୁ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ କରାଯାଇ କାଜୁ ଖରିଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରକାଶ ଥାଉକି, ଖଇରପୁଟ ଅଂଚଳ କାଜୁ ଉତ୍ପାଦନରେ ଜିଲ୍ଲାରେ ପ୍ରଥମ ସ୍ଥାନରେ ରହିଛି । ଏହି ଅଂଚଳର ଶହ ଶହ କ୍ୱିଂଟାଲ କାଜୁ ପ୍ରତିବର୍ଷ ବାହାର ଜିଲ୍ଲା ସମେତ ରାଜ୍ୟକୁ ଚାଲାଣ ହେଉଥିଲା । ଏହି ଅଂଚଳର ଆଦିବାସୀ ଏହାର ପ୍ରକୃତ ମୂଲ୍ୟ ଜାଣିନପାରି ଅତି ଶସ୍ତାରେ ଏହାକୁ ବିକ୍ରି କରିଦେଉଥିଲେ । ଦଲାଲଙ୍କ ହାବୁଡରେ ପଡ଼ି ଠକାମୀର ଶିକାର ହେଉଥିଲେ । ତେବେ ବଣ୍ଡା ଉନ୍ନୟନ ସଂସ୍ଥା ଓ ଡିଡାୟୀ ଉନ୍ନୟନ ସଂସ୍ଥା ତରଫରୁ କଂଚା କାଜୁ ଏହି କେନ୍ଦ୍ରକୁ ଯୋଗାଇ ଦିଆଯିବା ସହ ଏହା ଲାଭାଂଶ ଚାଷୀଙ୍କୁ ପ୍ରଦାନ ପରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ମଧ୍ୟ ପାଇବେ । କେବଳ ୧୦ ପ୍ରତିଶତ ଏହି ପ୍ରକ୍ରିୟାକରଣ କେନ୍ଦ୍ରର ଦେଖାରେଖା ପାଇଁ ଖର୍ଚ୍ଚ କରାଯିବ ବୋଲି ନିଷ୍ପତି ନିଆଯାଇଥିଲା । ତେବେ ଦୀର୍ଘ ବର୍ଷ ଧରି ଏହି କାଜୁ ପ୍ରକ୍ରିୟାକରଣ କେନ୍ଦ୍ର ବନ୍ଦ ପଡିଥିବାରୁ ପ୍ରଥମତଃ ବଣ୍ଡା ମହିଳାଙ୍କ ରୋଜଗାର ବନ୍ଦ ହେଲା ଏବଂ ୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏହି କାଜୁ ପ୍ରକ୍ରିୟାକରଣ କେନ୍ଦ୍ର ଭୂତକୋଠି ପାଲଟିଛି । ପୁନଶ୍ଚ ଏହି କେନ୍ଦ୍ର ଆରମ୍ଭ ହେଲେ ବହୁ ବଣ୍ଡା ଯୁବକଯୁବତୀ ରୋଜଗାର ପାଇବା ସହ ଏହି ଅଂଚଳର କାଜୁ ଚାଷୀ ମଧ୍ୟ ଲାଭବାନ ହେବେ ବୋଲି ଆଶା କରାଯାଉଛି ।

# କେନ୍ଦୁଝର କ୍ଷେତ୍ର ବିଜେପିର କାର୍ଯ୍ୟକର୍ତା ବୈଠକ ଓ ସମ୍ବର୍ଦ୍ଧନା ସଭା

କେନ୍ଦୁଝର , ୧୭/୦୭ (ନି.ପ୍ର): କେନ୍ଦୁଝର ଲୋକସଭା କ୍ଷେତ୍ର ଅନ୍ତର୍ଗତ ୭ ଟି ବିଧାନସଭା କ୍ଷେତ୍ରର ସମସ୍ତ ମଣ୍ଡଳର ପ୍ରମୁଖ ବିଜେପି କର୍ମକର୍ତା ଏବଂ ସମସ୍ତ ବିଧାୟକ ପ୍ରାର୍ଥୀ ତଥା ବିଧାୟକ ଓ ସଂାସଦଙ୍କ ଉପସ୍ଥିତିରେ ମଙ୍ଗଳବାର ିନ ଏକ ବିଶେଷ ବୈଠକ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଜେପି ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂାସ ଦଅନନ୍ତ ନାୟକ, ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାଏକ , ଚମ୍ପୁଆ ବିଧାୟକ ପ୍ରାର୍ଥୀ ମୁରଲୀ ମନୋହର ଶର୍ମା , ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ , ଘଷିପୁରା ବିଧାୟକ ପ୍ରାର୍ଥୀ ଶମ୍ଭୁନାଥ ରାଉତ , କରଞ୍ଜିଆ ସଂାଗଠନିକ ଜିଲ୍ଲା ସଭାପତି କୃପାସିନ୍ଧୁ ମହାନ୍ତ , ସାଧାରଣ ସଂପାକ ଆଶିଷ କୁମାର ମହାନ୍ତ , ରାଜ୍ୟ ପ୍ରବକ୍ତା ସତ୍ୟବ୍ରତ ପଣ୍ଡା ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିରଣବାଳା ନାଏକ ,କେନ୍ଦୁଝର ନଗରପାଳ ନିକୁ ସାହୁ ,କେନ୍ଦଝର ଜିଲ୍ଲା ବିଜେପି ସାଧାରଣ ସଂପାଦକ ଶୁକଦେ ମହାନ୍ତ , ଅନୁବ୍ରତ ବେହେରା ପ୍ରମୁଖ ମଚଂାସନ ହୋଇଥିବା ବେଳେ ଜିଲ୍ଲାରେ ବିଜେପି ର ବିପୁଳ ବିଜୟ ପାଇଁ ସମସ୍ତ ଳୀୟ କର୍ମକର୍ତା , କର୍ମୀ ମାନଙ୍କୁ ଧନ୍ୟବାଦ ଓ ସାଧୁବାଦ ଜଣାଇଥିଲେ । କେନ୍ଦ୍ର ର ମୋଦୀ ସରକାର ଓ ରାଜ୍ୟର ମୋହନ ସରକାରଙ୍କ ନେତୃତ୍ୱରେ ଓଡିଶାକୁ ପ୍ରଗତିର ଶିଖରେ ପହଂଚାଇବା ପାଇଁ ଗୁଣ୍ଡୁଚି ମୂଷା ପ୍ରାୟ ପ୍ରତ୍ୟେକ କାର୍ଯ୍ୟକର୍ତାଙ୍କୁ କାର୍ଯ୍ୟ କରିବାକୁ ସଂାସଦ ଅନନ୍ତ ନାୟକ ବାର୍ତା ଇେଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଜିଲ୍ଲା ସାଧାରଣ ସଂପାଦକ ଅନବ୍ରତ ବେହେରା । ଏବଂ ପ୍ରତ୍ୟେକ ବିଧାନ ସଭା ନିର୍ବାଚନ ମଣ୍ଡଳୀ ରେ ସର୍ବାଧିକ ଭୋଟ ମିଳିଥିବା ମଣ୍ଡଳର ସଭାପତିଙ୍କୁ ସଂାସଦ ଅନନ୍ତ ନାୟକ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ବାଇକ୍ ଧକ୍କାରେ ଜଣେ ମୃତ

ଚମ୍ପୁଆ, ୧୭/୦୭ (ନି.ପ୍ର): ସିଲିପୁଞ୍ଜି ଠାରେ ବାହୁଡ଼ାଯାତ୍ରା ଦେଖି ଚାଲି ଚାଲି ଘରକୁ ଫେରୁଥିବା ସମୟରେ ପଛପଟୁ ଏକ ମୋଟରସାଇକେଲ ଧକ୍କା ଦେବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ନାମ ନେତ୍ରାନନ୍ଦ ନାଏକ ଘର ଚମ୍ପୁଆ ବ୍ଲକ ଅନ୍ତର୍ଗତ ଚନ୍ଦ୍ରଶେଖରପୁର ପଂଚାୟତ କାଞ୍ଜିଆଶୁଳା ଗ୍ରାମରେ ବୋଲି ଜଣାପଡିଛି । ଖବର ଅନୁସାରେ, ଚମ୍ପୁଆ ବ୍ଲକ ଅନ୍ତର୍ଗତ ସିଲିପୁଞ୍ଜି ଠାରେ ହେଉଥିବା ବାହୁଡ଼ାଯାତ୍ରା ଦେଖି ସନ୍ଧ୍ୟା ସମୟରେ ନେତ୍ରାନନ୍ଦ ନିଜ ଗାଁ ଅଭିମୁଖେ ଚାଲି ଚାଲି ଯାଉଥିବା ବେଳେ ସିଲିପୁଞ୍ଜି ଛକ ନିକଟରେ ପଛପଟୁ ଆସୁଥିବା ଏକ ମୋଟରସାଇକେଲ ହଠାତ ଧକ୍କା ଦେବାରୁ ଘଟଣାସ୍ଥଳରେ ନେତ୍ରାନନ୍ଦଙ୍କ ମୃତ୍ୟୁ ଘଟିଛି । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଦୀର୍ଘ ସମୟ ଧରି ଉତେଜନା ପ୍ରକାଶ ପାଇଥିଲା । ତେବେ ଏ ସମ୍ପର୍କରେ ଖବର ପାଇ ବାରିଆ ପୋଲିସ ଘଟଣାସ୍ଥଳରେ ପହଂଚି ଲୋକ ମାନଙ୍କୁ ବୁଝାସୁଝା କରିବା ପରେ ଆଜି ମୃତ ଶରୀରକୁ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି ।

# ନାବାଳିକାକୁ ଦୁଷ୍କର୍ମ ମାମଲା : ଅଭିଯୁକ୍ତକୁ ୨୦ ବର୍ଷ ଜେଲ, ୧ ଲକ୍ଷ ୧୦ ହଜାର ଟଙ୍କା ଜରିମାନା

କନ୍ଧମାଳ , ୧୭/୦୭ (ନି.ପ୍ର): ଫୁଲବାଣୀ ଅତିରିକ୍ତ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ରାଜେଶ ଦାସ, ଆଜି ଏକ ନାବାଳିକାକୁ ଦୁଷ୍କର୍ମ ମାମଲାର ୧୪ ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟ ଏବଂ ପିଡିତାଙ୍କ ବୟାନ ଆଧାରରେ ଦୋଷୀ ସାବ୍ୟସ୍ତ କରି ତାକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧ ଲକ୍ଷ ୧୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ଅଭିଯୁକ୍ତକୁ ଆଉ ଅଧିକ ୧୩ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ଦର୍ଶାଇଛନ୍ତି ବିଚାରପତି । ଏଥିସହ କ୍ଷତି ପୂରଣ ବାବଦରେ ପିଡିତାଙ୍କୁ ୬ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଘଟଣା ପ୍ରକାରେ, ୨୦୧୮ ମସିହାରେ ପିଡିତା ଜଣକ ୮ମ ଶ୍ରେଣୀରେ ପଢୁଥିବା ସମୟରେ ତାର ଗାଁ ରେ ରହୁଥିବା ଜଣେ ସହପାଠିନୀ ଘରେ ମିଶି ପାଠ ପଢିବାକୁ ଯାଉଥିଲା । ବେଳେ ବେଳେ ତାଙ୍କ ଘରେ ରାତିରେ ଶୋଉଥିଲା । ଏହାର ସୁଯୋଗ ନେଇ ସହପାଠିନୀର ବଡ ଭାଇ ବନମାଳୀ ପ୍ରଧାନ (୨୧) ପିଡିତା ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲା । ପିଡିତା ଏହାକୁ ବିରୋଧ କରିବାରୁ ତାକୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲା । ଏହିପରି ଦିର୍ଘ ଦିନ ଧରି ତା ସହିତ ଶାରିରୀକ ସମ୍ପର୍କ ରଖି ଆସୁଥିଲା । ତାର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବା ଯୋଗୁଁ ୨୦୨୨ ମସିହାରେ ପିଡିତାଙ୍କ ବଡ ଭଉଣୀ ତାକୁ ପଚାରିବା ପରେ ପିଡିତା ସବୁ କଥା କହିଥିଲା । ପରିବାର ଲୋକେ ଗାଁ ରେ ବସି ଆଲୋଚନା କରିବା ପରେ ୨୦୨୨ ନଭେମ୍ବର ମାସ ୧୯ ତାରିଖରେ ଟିକାବାଲି ଥାନାରେ ଏ ସଂକ୍ରାନ୍ତରେ ଏକ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ୍ ଏକ ମାମଲା ୮୭/୨୦୨୨ ରୁଜୁ କରି ଘଟଣାର ତଦନ୍ତ କରି ବନମାଳୀକୁ ଗିରଫ କରି କୋର୍ଟରେ ହାଜର କରାଇଥିଲା । ଆଜି ସେହି ମାମଲାର ବିଚାରଣା କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି । ମାମଲାକୁ ପୋକ୍ସୋ କୋର୍ଟ ର ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ପରିଚାଳନା କରିଥିଲେ ।

# ଜିଲ୍ଲା ବ୍ରାହ୍ମଣ ମହାସଭା ଦ୍ୱାରା ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗିର, ୧୭/୦୭ (ନି.ପ୍ର): ସ୍ଥାନୀୟ ନୃସିଂହ ମନ୍ଦିର ପରିସରରେ ମଙ୍ଗଳବାର ଜ଼ିଲ୍ଲା ବ୍ରାହ୍ମଣ ମହାସଭା ଦ୍ୱାରା ସମ୍ବର୍ଦ୍ଧନା ଉତ୍ସବ ପାଳିତ କରାଯାଇଥିଲା । ସଭା ପ୍ରାରମ୍ଭରେ ଜ଼ିଲ୍ଲା ବୈଦିକ ପଣ୍ଡିତ ମହାସଂଘର ସଭାପତି ପଣ୍ଡିତ ସନ୍ତୋଷ କୁମାର ଶତପଥିଙ୍କ ଦ୍ୱାରା ବୈଦିକ ମନ୍ତ୍ର ଉଚ୍ଚାରଣ ସହିତ ମଞ୍ଚକୁ ପାଛୋଟି ଆଣିଥିଲେ । ଶ୍ରୀ ସୁଧୀର କୁମାର ତ୍ରିପାଠୀଙ୍କ ଦ୍ୱାରା ମଞ୍ଚ ପରିଚାଳନା କରିଥିଲେ । ଜ଼ିଲ୍ଲା ବ୍ରାହ୍ମଣ ମହାସଭାର ସଭାପତି ଶ୍ରୀ ଧନଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରାରମ୍ଭରେ ଚିରାଚରିତ ଓଁକାର ମନ୍ତ୍ର ଉଚ୍ଚାରଣ ସହିତ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ସମ୍ପାଦକ ଶ୍ରୀ ଜୟରାମ ମିଶ୍ର ସାମ୍ୟକ ବିବରଣୀ ପ୍ରଦମ ସହିତ ଆଭିମୁଖ୍ୟ ପ୍ରକାଶ କରିଥିଲେ । ସ୍ୱାସ୍ଥ୍ୟ ଓଁ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବ୍ରାହ୍ମଣମାନଙ୍କର ଭୂମିକା ଓ ଜ୍ୟୋତିଷ ଶାସ୍ତ୍ର ସହିତ ଆଧୁନିକ ବିଜ୍ଞ୍ୟାନ ସମଣ୍ବ୍ୟୟତା ପ୍ରତୀକ ଚନ୍ଦ୍ରୟାନ ଉପରେ ମତବ୍ୟକ୍ତ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ଉପସଭାପତି ଗୋପବନ୍ଧୁ ପୁରୋହିତ, କୋଷାଧକ୍ଷ ଶ୍ରୀ ପର୍ଶୁରାମ ନାୟକ,ନଗର ସଭାପତି ଶ୍ରୀ ନରେନ୍ଦ୍ର କୁମାର ଆଚାର୍ଯ୍ୟ, ସମ୍ପାଦକ ଶ୍ରୀ ସଂକୀର୍ତନ ତ୍ରିପାଠୀ, ଲୋକନାଥ ନେପାକ, ସୁଧୀର ଚାନ୍ଦ, ପଣ୍ଡିତ ଗିରିଧାରୀ ଶତପଥି, ଶିବ ଶଙ୍କର ଖୁଆସ, ମାତୃଶକ୍ତି ସଂଗଠନର ଶ୍ରୀମତୀ କସ୍ତୁରୀ ରଥ, ଶ୍ରୀମତୀ ପଙ୍କଜିନୀ ପଣ୍ଡା, ଶ୍ରୀମତୀ ବିଜୟଲକ୍ଷ୍ମୀ ମିଶ୍ର, ଶ୍ରୀମତୀ ରଂଜିତା ମିଶ୍ର, ଶ୍ରୀମତୀ କୁମୁଦିନୀ ପଣ୍ଡା ଇତ୍ୟାଦି ଅନେକ ସଭ୍ୟସଭ୍ୟା ଉପସ୍ଥିତ ଥିଲେ । ସମ୍ବର୍ଦ୍ଧନା ସଭା ଶେଷରେ ବ୍ରାହ୍ମଣ ସମାଜର ସଂଗଠନ ସମ୍ପାଦକ ଶ୍ରୀ କିଶୋର କୁମାର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ସ୍ୱାସ୍ଥ୍ୟସେବା ପ୍ରଦାନ

କେନ୍ଦ୍ରାପଡ଼ା, ୧୭/୦୭ (ନି.ପ୍ର): ଓଡିଶା ପ୍ରସିଦ୍ଧ କେନ୍ଦ୍ରାପଡା ର ଶ୍ରୀ ବଳଦେବଜୀଉ ରଥଯାତ୍ରା ଅବସରରେ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ଭକ୍ତ ମାନଙ୍କୁ ମାଗଣା ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି । ସଙ୍ଗଠନ ର କର୍ମକର୍ତା ମାନେ ରଥଦାଣ୍ଡରେ ଭକ୍ତ ମାନଙ୍କୁ ମାଗଣା ସ୍ୱାସ୍ଥ୍ୟସେବା, ଔଷଧ ପ୍ରଦାନ କରିବା ସହିତ ମାଗଣା ଭୋଜନର ବ୍ୟବସ୍ଥା କରାଯାଇଥିଲା । ଏହି ସ୍ୱାସ୍ଥ୍ୟସେବା ରେ ରକ୍ତ ଚାପ ପରୀକ୍ଷା କରାଯାଇ ଥିଲା । ଏହି କାର୍ଯ୍ୟକ୍ରମ ରେ ରତ୍ନଗିରି ଚିକିତ୍ସାଳୟ ର ବରିଷ୍ଠ ଫାର୍ମାଶିଷ୍ଟ ଚନ୍ଦ୍ରମଣି ସାହୁ, ବରି ମେଡିକାଲ ର ରାଧା ବଲ୍ଲଭ ପୃଷ୍ଟିଙ୍କ ସହିତ ସାଇ ସଙ୍ଗଠନର ଆବାହକ ରାଜ କିଶୋର ମିଶ୍ର, ପୂର୍ବତନ ଜିଲ୍ଲା ସଭାପତି ରାଧାକୃଷ୍ଣ ସାହୁ, ରାମଚନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ କୁମାର ସାମଲ, ଶୋଭାରାଣୀ ମିଶ୍ରଙ୍କ ସମେତ ବହୁ ସାଇ ପ୍ରେମୀ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

# ଶିଶୁ ଅଭିନେତ୍ରୀ ସୁହାନା ଓ ଅଭିନେତା ତାପସ ପିକକ୍‌ର ନୂତନ ଗୁଡଓ୍ୱିଲ ଆମ୍ବାସଡର

ଭୁବନେଶ୍ୱର, ୧୭/୦୭ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲଚରାଲ ସେଂଟର (ପିକକ୍), ଦ୍ୱାରା ତେର ବର୍ଷିୟା ଶିଶୁ ଚଳଚିତ୍ର ଅଭିନେତ୍ରୀ ସୁହାନା କର ଏବଂ ଶିଶୁ ଚଳଚିତ୍ର ଅଭିନେତା ତାପସ କୁମାର ଷଡଙ୍ଗୀ, ୧୨ ବର୍ଷ ଙ୍କୁ ଶିଶୁ ଅଧିକାର ତଥା କଲ୍ୟାଣ ପାଇଁ ନୂତନ ଗୁଡଓ୍ୱିଲ ଆମ୍ବାସଡର ଭାବେ ଘୋଷଣା କରାଯାଇଛି । ଭୁବନେଶ୍ୱରର ଗୀତ ଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହେଉଥିବା ପିକକ୍ ର ୩୫ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏହି ଘୋଷଣା କରାଯାଇଛି । ଶିଶୁ ଅଧିକାରର ର ସୁରକ୍ଷା ତଥା ଶିଶୁ ଅନୁକୂଳ ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ପିକକ୍ ଦ୍ୱାରା ଗୁଡଓ୍ୱିଲ ଆମ୍ବାସଡର ର ପରିକଳ୍ପନା ୨୦୧୦ ମସିହାରୁ କରାଯାଇଛି । ଏହି ଆମ୍ବାସଡର ମାନେ ଶିକ୍ଷା, ପରିବେଶର ସୁରକ୍ଷା ତଥା ସଂରକ୍ଷଣ, ବାଲ୍ୟ ବିବାହ ଶିଶୁ ଶ୍ରମ, ସୁସ୍ଥ ଶିଶୁ ଇତ୍ୟାଦି ସମେତ ବିଭିନ୍ନ ଅଭିଯାନରେ କାର୍ଯ୍ୟ କରିବା ସହିତ ଶିଶୁ ମାନଙ୍କର କଲ୍ୟାଣ, ଉନ୍ନତ ମାନର ଜୀବନ ଧାରଣ, ସ୍ୱାସ୍ଥ୍ୟ, ସୁରକ୍ଷା, ବିକାଶ ତଥା ଭାଗୀଦାରୀ ଆଦି ପାଇଁ ଜନସଚେତନତା ସୃଷ୍ଟି କରିଆସୁଛନ୍ତି । ଏହି ସମାରୋହରେ ପିକକ୍ ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେବା ସହିତ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ପିକକ୍ ର ଅଧକ୍ଷା ଡଃ ମୀନାକ୍ଷୀ ପଣ୍ଡା ଗୁଡଓ୍ୱିଲ ଆମ୍ବାସଡର ମାନଙ୍କର ନାମ ଘୋଷଣା କରିଥିଲେ ତଥା ପିକକ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ସେମାନଙ୍କର ପରିଚୟ କରାଇଥିଲେ । ପିକକ୍ ର କୋଷାଧକ୍ଷା ଶ୍ରୀମତୀ ରତ୍ନା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ପିକକ୍ ର ପୂର୍ବତନ ଗୁଡଓ୍ୱିଲ ଆମ୍ବାସଡର ବିଶିଷ୍ଟ ଚଳଚିତ୍ର ଅଭିନେତ୍ରୀ ଭୂମିକା ଦାଶ ଓ ଖେଳାଳୀ ଆଂଶିକ ରାଉତରାୟ ନବ ନିଯୁକ୍ତ ଗୁଡଓ୍ୱିଲ ଆମ୍ବାସଡର ସୁହାନା ଓ ତାପସଙ୍କୁ ଗୁଡଓ୍ୱିଲ ଆମ୍ବାସଡର ର ଉପାଧି ପ୍ରଦାନ କରି ସେମାନଙ୍କର ଭବିଷ୍ୟତ ନିମନ୍ତେ ଶୁଭେଚ୍ଛା କାମନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଲମ୍ପିୟାନ ଅନୁରାଧା ବିଶ୍ୱାଳ, ବିଶିଷ୍ଟ କଳାକାର ବାଞ୍ଛାନିଧି ପଟ୍ଟନାୟକ ପ୍ରମୁଖ ଏଠାରେ ଉପସ୍ଥିତ ଥିଲେ ।

# ଚିନ୍ତାମଣିଶ୍ୱରଠାରେ ଉନ୍ନତି ମୂଳକ କାମର ତଦାରଖ କଲେ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର

ଭୁବନେଶ୍ୱର, ୧୭/୦୭ (ନି.ପ୍ର): ରାଜ୍ୟର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ସକାଳେ ଭୁବନେଶ୍ୱର ମଧ୍ୟ ନିର୍ବାଚନୀ ଚିନ୍ତାମଣିଶ୍ୱର ଠାରେ ଉନ୍ନତି ମୂଳକ କାମର ତଦାରଖ କରିଛନ୍ତି । ଏହି ଅୂସରରେ ସେ ବୃକ୍ଷ ରୋପଣ କରିବା ସହ ବରିଷ୍ଠ ନାଗରିକ ଙ୍କୁ ଭେଟି ଅଂଚଳ ର ସମସ୍ୟା ଓ ସମାଧାନ ବିଷୟରେ ଆଲୋଚନା କରିଛନ୍ତି । ।ଚିନ୍ତାମଣିସ୍ୱର ଠାରେ ପ୍ରଶସ୍ତିକରଣ ହେଉଥିବା ଏକ ପୁଷ୍କରିଣୀ ର କାମ ର ମାନ ମଧ୍ୟ ସେ ଦେଖିଛନ୍ତି । ଅନ୍ୟପଟେ ସ୍ଥାନୀୟ ବାସିନ୍ଦା ବେଆଇନ ଅକ୍ତିଆର, ଜବରଦଖଲ ଯୋଗୁ ପୁଷ୍କରିଣୀ ର ଆକାର କମୁଥିବା ସହ ଚିନ୍ତାମଣିସ୍ୱର ପ୍ରବେଶ ଓ ପ୍ରସ୍ଥାନ ର ମୁଖ୍ୟ ରାସ୍ତା ଅତ୍ୟନ୍ତ ଶୋଚନୀୟ ବୋଲି ଅଭିଯୋଗ କରିଛନ୍ତି । ସମସ୍ତ ଦାବି ର ସମାଧାନ ସହ, ଏ ନେଇ ବିଏମସି କମିଶନର ଓ ଅଧିକାରୀ ଙ୍କ ସହ ଆଲୋଚନା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ସେହିପରି ଡେଙ୍ଗୁ ର ହଟସ୍ପଟ ପାଲଟିଥିବା ଭୁବନେଶ୍ୱର ରୁ ଡେଙ୍ଗୁ ନିରାକରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

ସେ କହିଛନ୍ତି ଯେ ରାଜଧାନୀରେ ଡ୍ରେନେଜ୍ ଭିତିଭୂମି ସଜଡା ଯିବ । ଅସଜଡା ନିକୋପାର୍କ ର ପୁନରୁଦ୍ଧାର କରାଯିବ । ସେହିପରି ରାଜଧାନୀରେ ପ୍ରବାହିତ ନାଳ ଗୁଡିକର ପାଣି କେମିତି ଶୁଦ୍ଧ ହୋଇ ଦୟା ଓ ଗଙ୍ଗୁଆରେ ମିଶିବ ତା ଉପରେ ପଦକ୍ଷେପ ନିଆଯିବ । ଲୋକମାନେ କିପରି ଡ୍ରେନକୁ ଦୂଷିତ ଜଳ ନଛାଡି ସ୍ୱେରେଜର ଉପଯୋଗ କରିବେ ସରକାର ସେଥିପ୍ରତି ଦୃଷ୍ଟି ଦେବେ ।

# ସାର୍ତାଗୁଡା ନିକଟ ସାଲୁଙ୍କି ନଦୀ କୂଳରେ ପାର୍କ ଏବଂ ଚେକଡ୍ୟାମ୍ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କୁ ଦାବି

କନ୍ଧମାଳ, ୧୭/୦୭ (ନି.ପ୍ର): କନ୍ଧମାଳ ସଦରମହକୁମା ଫୁଲବାଣୀ ସ୍ଥିତ ସାର୍ତାଗୁଡା ନିକଟ ପିଲାସାଲୁଙ୍କୀ ନଦୀ କୂଳରେ ଏକ ଜାତୀୟସ୍ତରୀୟ ପାର୍କ ନିର୍ମାଣ ପାଇଁ କନ୍ଧମାଳ ପ୍ରଗତି ଚିନ୍ତନ ପରିଷଦ ପକ୍ଷରୁ ଦାବି କରାଯାଇଛି । ଆଜି ପରିଷଦର ସଭାପତି ଦିଲୀପ କୁମାର ସାହାଣୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲଙ୍କୁ ଭେଟି ଏହି ପ୍ରସ୍ତାବ ଦେଇଛନ୍ତି । ଏଠାରେ ଏକ ବୃହତ୍ ପାର୍କ ସହିତ ପ୍ରାତଃ ଭ୍ରମଣ ବ୍ୟବସ୍ଥା, ନଦୀରେ ଚେକଡ୍ୟାମ୍ ନିର୍ମାଣ କରାଯାଇ ବୋଟିଂ ବ୍ୟବସ୍ଥା, ରୋପ ୱେ ନିର୍ମାଣ ଓ ଯୋଗ କରିବାକୁ ବ୍ୟବସ୍ଥା କରିବା ପାଇଁ ଏଥିରେ ଉଲ୍ଲେଖ ରହିଛି । କନ୍ଧମାଳ ଜିଲ୍ଲାରେ ପର୍ଯ୍ୟଟନ ଅଭିବୃଦ୍ଧି ପାଇଁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ରହିଛି । ଏଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ସ୍ଥଳୀ, ଝରଣା, ଜଳପ୍ରପାତ, ପାହାଡ ପର୍ବତ ଓ ଜୀବଜନ୍ତୁ ସବୁ ଉପଲବ୍ଧ । ପର୍ଯ୍ୟଟକ ମାନେ ଜିଲ୍ଲାକୁ ଆସିଲେ ଭଲ ଫୁଲ ବଗିଚାଟିଏ ଖୋଜୁଛନ୍ତି । ଏଣୁ ବୃହତ୍ ଗୋଲାପ ଫୁଲ ବଗିଚାଟିଏ ପ୍ରସ୍ତୁତ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି । ଏହି ପ୍ରତିନିଧି ଦଳରେ ପରିଷଦର ଉପସଭାପତି ଦ୍ୱୟ ସୁବାସ ଚନ୍ଦ୍ର ପ୍ରଧାନ ଓ ଶୁଭେନ୍ଦୁ ତ୍ରିପାଠୀ, କୋଷାଧକ୍ଷ ବିଷ୍ଣୁ ଚରଣ ପ୍ରଧାନ, କନ୍ଧମାଳ ଜିଲ୍ଲା ଶାଖା ସାଧାରଣ ସମ୍ପାଦକ କାର୍ତିକେଶ୍ୱର ନାୟକ, ସହସଂପାଦକ ଭଗୀରମ୍ ଦିଗାଲ, ନରସିଂହ ବେହେରା, ଦିଲ୍ଲିପ କୁମାର ସାହୁ, ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟିଥିଲେ । ଜିଲ୍ଲା ସହକାରୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ପଣ୍ଡା ଏହି ଜାତୀୟସ୍ତରୀୟ ପାର୍କ ନିର୍ମାଣ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।

# ଧର୍ମଜାଗରଣ ସମିତି ତରଫରୁ ବାହୁଡା ଯାତ୍ରାରେ ସେବାକାର୍ଯ୍ୟ

ପୁରୀ/ଭୁବନେଶ୍ୱର, ୧୭/୦୭ (ନି.ପ୍ର): ଧର୍ମଜାଗରଣ ସମିତି,ଓଡିଶା ଆନୁକୂଲ୍ୟରେ ପୁରୀର ପ୍ରସିଦ୍ଧ ପବିତ୍ର ବାହୁଡା ରଥ ଯାତ୍ରାରେ ବିଭିନ୍ନ ପ୍ରକାର ସେବାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ରନ୍ଧାଖାଦ୍ୟ ବିତରଣ, ପାନୀୟ ଜଳ ବିତରଣ ଓ ବଡଦାଣ୍ଡ ସଫେଇ ପରି ଅନେକ ସେବା କାର୍ଯ କରାଯାଇଛି । ଓଡିଶାରୁ ଶତାଧିକ କାର୍ଯ୍ୟକର୍ତା ଭାଗନେଇ ଥିବା ବେଳେ ଅଦ୍ୱୈତ ଦତ,ଶାନ୍ତନୁ କୁମାର ମାଝି, ଆଲୋକ କୁମାର ଖଟୁଆ, ଚନ୍ଦ୍ରକାନ୍ତ ପ୍ରଧାନ, ସବିତା ପ୍ରଧାନ, ଝରଣା ମହାରଣା, ପ୍ରଦୀପ ନାୟକ, ଗୋପାଳ ସାହୁ ପ୍ରମୁଖ ଏହି ସେବାକାର୍ଯ୍ୟର ସଂଚାଳନ କରିଥିଲେ । ବାହୁଡା ଦିନ ୬୬୦୦ ଭକ୍ତଙ୍କୁ ଭୋଜନ ବିତରଣ କରାଯାଇଥିଲା ।

# ଭୁବନରେ ମହାପ୍ରଭୁଙ୍କ ସୁନା ବେଶ

ଭୁବନ, ୧୭/୦୭ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନ ର ତୃତୀୟା ଜୀଉଙ୍କ ସୁନା ବେଶ ଆଜି ଅତ୍ୟନ୍ତ ଶ୍ରଦ୍ଧା ଭକ୍ତି ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ମନ୍ଦିର ସମ୍ମୁଖସ୍ଥ ରଥ ଖଳାରେ ରଥ ଉପରେ ଚତୁର୍ଦ୍ଧା ମୂର୍ତି ଙ୍କ ସମସ୍ତ ନୀତି କାନ୍ତି ସମ୍ପନ୍ନ କରାଯାଇ ସେବକଙ୍କ ଦ୍ୱାରା ସନ୍ଧ୍ୟାରେ ମହାପ୍ରଭୁ ଜଗନ୍ନାଥ, ବଡ଼ ଠାକୁର ବଳଭଦ୍ର,ଦେବୀ ସୁଭଦ୍ରା ଙ୍କୁ ବେଶ କରାଯାଇଥିଲା । ପରିଚାଳନା କମିଟି ସଭପତି ଙ୍କ ସମେତ ସମସ୍ତ କର୍ମକର୍ତା, ସେବାୟତ, ସଂକୀର୍ତନ ମଣ୍ଡଳୀ, ଘଂଟୁଆ, ମାତୃ ମଣ୍ଡଳୀ ଓ ସହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇଥିଲେ । ସନ୍ଧ୍ୟା ୭ ଘଟିକା ସମୟରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସୁନାବେଶ ଉତ୍ସବ ପାଳନ କରାଯାଇଥିଲା । ଟ୍ରଷ୍ଟ ସଭାପତି ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ,ଆଦ୍ୟ ସେବକ ରାମଚନ୍ଦ୍ର ରାଉତ,ମୁଖ୍ୟ ପୁରୋଧା ତୁଷାରକାନ୍ତି ମିଶ୍ର, ଉପଦେଷ୍ଟା ଗୋପୀନାଥ ମହାନ୍ତି, ଦିଲ୍ଲୀପ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସମ୍ପାଦକ ନିରଞ୍ଜନ ଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ମୁଖ୍ୟ ଅତିଥି ଙ୍କୁ ସୁନାବେଶ ଫଟୋଚିତ୍ର ଉପହାର ପ୍ରଦାନ କରାଯାଇଥିଲା ।

# ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ଅକାଳ ବିୟୋଗ



ବାଲେଶ୍ୱର, ୧୭।୭(ନି.ପ୍ର.)- ସହଦେବଖୁଣ୍ଟା ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ମହାନ୍ତି (୬୮)ଙ୍କ ଆକସ୍ମିକ ବିୟୋଗ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଝିଅ ବାହାଘର ପାଇଁ ବର ଆସି ସାରିଥିଲା। ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ, ବରଯାତ୍ରୀ ରାତ୍ରଭୋଜନ କରିସାରିଥିଲେ। ବେଦୀରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସମୟରେ କନ୍ୟାଦାନ କରିବାକୁ ବେଦୀରେ ବସିଥିବା ପୂର୍ବତନ ବିବିସିସି କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଛାତିରେ ଯନ୍ତ୍ରଣା ଅନୁଭବ କରି ବେଦୀ ନିକଟରେ ଟଳି ପଡ଼ିଥିଲେ। ତୁରନ୍ତ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ନିକଟସ୍ଥ ଏକ ମନ୍ଦିରରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପ୍ରକାଶ ଯେ, ପୂର୍ଣ୍ଣଚନ୍ଦ୍ରଙ୍କ ଘରେ ବାଲିଆପାଳ ଅଞ୍ଚଳର ଜଣେ ବ୍ୟକ୍ତି ଦୀର୍ଘ ଦିନ ହେବ ଭଡ଼ାରେ ରହି ଆସୁଥିଲେ। ରବିବାର ରାତିରେ ତାଙ୍କ ଝିଅର ବିବାହ ଥିଲା। ପୂର୍ଣ୍ଣଚନ୍ଦ୍ର କନ୍ୟାଦାନ କରିବାକୁ ପ୍ରସ୍ତୁତ ହୋଇ ରହିଥିଲେ। ବ୍ରାହ୍ମଣ ବିବାହ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ରାତି ପ୍ରାୟ ୧୧.୪୫ ସମୟରେ ପୂର୍ଣ୍ଣଚନ୍ଦ୍ରଙ୍କ ହୃଦଘାତ ହୋଇଥିଲା। କେହି କିଛି ବୁଝିବା ଆଗରୁ ସେ ଟଳି ପଡ଼ିଥିଲେ। ତୁରନ୍ତ ତାଙ୍କୁ ଉପସ୍ଥିତ ପରିବାରବର୍ଗ ଡାକ୍ତରଖାନା ନେଇଯାଇଥିଲେ। ମାତ୍ର ସେତେବେଳକୁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇ ସାରିଥିଲା। ଏହି ଘଟଣା ଜଣାପଡ଼ିବା ପରେ ବାହାଘରକୁ ଆସିଥିବା ବନ୍ଧୁବାନ୍ଧବ, ବରଯାତ୍ରୀ, ଅଞ୍ଚଳବାସୀ ସ୍ତବ୍ଧ ହୋଇ ଯାଇଥିଲେ। ଜଗନ୍ନାଥଙ୍କ ଜଣେ ପରମ ସେବକ ଥିବା ପୂର୍ଣ୍ଣଚନ୍ଦ୍ର ସହରର ବହୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ଥିବା ବେଳେ ତାଙ୍କର ସ୍ତ୍ରୀ ଓ ଦୁଇପୁଅ ଅଛନ୍ତି। ତାଙ୍କ ନିଜ ଘର ସଦର ବ୍ଲକ ପରିଖି ଅଞ୍ଚଳରେ। ସୋମବାର ସକାଳେ ନୁଣିଆଯୋଡ଼ି ନିକଟସ୍ଥ ମୁକ୍ତିଦ୍ୱାରରେ ତାଙ୍କର ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି। ବଡ଼ପୁଅ ରାଜା ମୁଖାଗ୍ନି ଦେଇଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ବିୟୋଗରେ ପ୍ରତିଭାଶ୍ରୀ ମୁଖ୍ୟ କବି ପ୍ରଶାନ୍ତ ଦାସ, ବରିଷ୍ଠ ସାମ୍ବାଦିକ ଶଶିରଞ୍ଜନ ମଲ୍ଲିକ, ସଙ୍ଗଠକ ରାଜେଶ ଗିରି, ଆଇନଜୀବୀ ଉତ୍ପଳ ମହାନ୍ତି, ତୁଷାରକାନ୍ତି ତପସ୍ୱୀ, ସୁକୁମାର ଘୋଷ, କବି ଅଭୟ ଦାସ, କବି ଶ୍ରୀଦେବ, ମୁରଲୀଧର ନାୟକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଇଣ୍ଡିଆନ ଅଏଲ୍ ପାରାଦୀପ ରିଫାଇନରୀକୁ ମାନ୍ୟବର ଶିକ୍ଷ ମନ୍ତ୍ରୀ ଏବଂ ମାନ୍ୟବର ଜଗତସିଂହପୁର ସାଂସଦଙ୍କ ପରିଦର୍ଶନ



ପାରାଦ୍ୱୀପ , ୧୭/୭ (ନି.ପ୍ର): ମାନ୍ୟବର ରାଜ୍ୟ ମନ୍ତ୍ରୀ (ସ୍ୱତନ୍ତ୍ର ପ୍ରଭାର) ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ମାନ୍ୟବର ସାଂସଦ ଜଗତସିଂହପୁର ଡା. ବିଭୁ ପ୍ରସାଦ ତରାଇ, ବୁଧବାର ଦିନ ଇଣ୍ଡିଆନଅଏଲ୍ ପାରାଦୀପ ରିଫାଇନରୀ ପରିଦର୍ଶନ କରିଥିଲେ । ପାରାଦୀପ ରିଫାଇନରୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ରିଫାଇନରୀ ପ୍ରମୁଖ୍ୟ, ଶ୍ରୀ କୌଶିକ ବସୁ ସମ୍ମାନିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ପାରମ୍ପାରିକ ଉତ୍ତରୀୟ ସହିତ ସ୍ୱାଗତ କରିଥିଲେ । ଏହି ଅବସରରେ ମାନ୍ୟବର ଶିକ୍ଷ ମନ୍ତ୍ରୀ ଏବଂ ମାନ୍ୟବର ସାଂସଦ 'ମା ପାଇଁ ଗଛଟିଏ' ଉଦ୍ଦେଶ୍ୟରେ ଚାରା ରୋପଣ କରିଥିଲେ। ମାନ୍ୟବର ଶିକ୍ଷ ମନ୍ତ୍ରୀ ଶ୍ରୀ ସ୍ୱାଇଁ ତାଙ୍କ ଅଭିଭାଷଣରେ କହିଥିଲେ ଯେ ପାରାଦୀପର ଶିକ୍ଷ କ୍ଷେତ୍ରର ବିକାଶ କାର୍ଯ୍ୟ ଆରମ୍ଭ ହୋଇସାରିଛି ଏବଂ ପାରାଦୀପବାସୀମାନେ ଏହାଦ୍ୱାରା ଉପକୃତ ହେବେ । ଏହି ଅବସରରେ ଉଦବୋଧନ ଦେଇ ମାନ୍ୟବର ସାଂସଦ ଶ୍ରୀ ତରାଇ କହିଥିଲେ ଯେ ସେ ପାରାଦୀପ ଏବଂ ଏହି ଅଞ୍ଚଳର ଜନସାଧାରଣଙ୍କ ପ୍ରଗତି ପାଇଁ ସଂକଳ୍ପବଦ୍ଧ ଅଟନ୍ତି । ପାରାଦୀପ ରିଫାଇନରୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ରିଫାଇନରୀ ପ୍ରମୁଖ୍ୟ, ଶ୍ରୀ କୌଶିକ ବସୁ କହିଥିଲେ ଯେ, ପାରାଦୀପ ରିଫାଇନରୀ ହେଉଛି ଭାରତର ପୂର୍ବ ଉପକୂଳର ସର୍ବବୃହତ ରିଫାଇନରୀ ଏବଂ ଏହା ଓଡିଶା ସରକାରଙ୍କ ସହଯୋଗରେ ଅଗ୍ରଗତି କରିବ । ଏହି ଗସ୍ତ ସମୟରେ ମାନ୍ୟବର ରାଜ୍ୟ ମନ୍ତ୍ରୀ ଏବଂ ମାନ୍ୟବର ସାଂସଦ, ପାରାଦୀପ ରିଫାଇନରୀ ପରିଚାଳନାର ସମୀକ୍ଷା କରିଥିଲେ। ମାନ୍ୟଗଣ୍ୟ ଅତିଥିମାନଙ୍କୁ ରିଫାଇନରୀର ପରିଚାଳନା, ସୁରକ୍ଷା ପଦକ୍ଷେପ, ବର୍ତ୍ତମାନ ଏବଂ ଭବିଷ୍ୟତ ପ୍ରକଳ୍ପ ବିଷୟରେ ଅବଗତ କରାଯାଇଥିଲା।

ରାଜ୍ୟ ମନ୍ତ୍ରୀ ଏବଂ ସାଂସଦଙ୍କ ପରିଦର୍ଶନ, ରିଫାଇନରୀ ଏବଂ ସରକାରଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଦୃଢ଼ କରିଥିଲା। ମାନ୍ୟବର ରାଜ୍ୟମନ୍ତ୍ରୀ ଏବଂ ମାନ୍ୟବର ସାଂସଦ ଏହି ଅଞ୍ଚଳର ପ୍ରଗତିକୁ ତ୍ୱରାନ୍ୱିତ କରିବାରେ ରିଫାଇନରୀର ଭୂମିକାକୁ ପ୍ରଶଂସା କରିଥିଲେ।

## ଭାରତୀୟ ସଂସ୍କୃତି ପ୍ରଚାର ସମିତି ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

କନ୍ଧମାଳ, ୧୭/୭ (ନି.ପ୍ର): କନ୍ଧମାଳ ଜିଲ୍ଲା ମୁଖ୍ୟାଳୟ ସ୍ଥିତ ଏଫସିଆଇ ଛକ ରାମ ମନ୍ଦିର ନିକଟରେ ଥିବା ପାହାଡ଼ର ଚାରିପାଖରେ ଭାରତୀୟ ସଂସ୍କୃତି ପ୍ରଚାର ସମିତି ତରଫରୁ ଶତାଧିକ ମୂଲ୍ୟବାନ ତଥା ଔଷଧୀୟ ବୃକ୍ଷ ରୋପଣ କରାଯାଇଛି। କନ୍ଧମାଳ ଜିଲ୍ଲା ଅନେକ ବଣପାହାଡ଼ ଭିତରେ ରହିଥିବା ବେଳେ ଆଜି ଯେଉଁଭଳି ଜନସଂଖ୍ୟା ବୃଦ୍ଧି ଏବଂ ଆଧୁନିକତା ଭିତରେ ଗତିକରୁଥିବା ମାନବସମାଜ ଜଙ୍ଗଲ ପରିବେଶ ଉପରେ ନିର୍ଭରଶୀଳ ହୋଇଥିବା ଲକ୍ଷ କରାଯାଉଛି । ସେହିଭଳି ପୂର୍ବରୁ ରହିଥିବା ଅନେକ ଔଷଧୀୟ ବୃକ୍ଷଲତା ମଧ୍ୟ ଲୋପ ପାଇବାରେ ଲାଗିଛି। ତେଣୁ ବର୍ତ୍ତମାନ ମାଁ ପାଇଁ ଗଛଟିଏ ଭାବନା ନେଇ ସମସ୍ତେ ପରିବେଶ ସୁରକ୍ଷା ପାଇଁ ପ୍ରଚୁର ବୃକ୍ଷ ରୋପଣ ପାଇଁ ସାମାଜିକ ଅନୁଷ୍ଠାନ, ବିଭିନ୍ନ ସଂଗଠନ ଏବଂ ସରକାରୀ ସ୍ତରରେ ସମସ୍ତେ ବୃକ୍ଷ ରୋପଣ ପାଇଁ ଇଚ୍ଛା ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ଆଜି ଭାରତୀୟ ସଂସ୍କୃତି ପ୍ରଚାର ସମିତି ତରଫରୁ ସଭାପତି ଶଙ୍କର ବେହେରା, ସମ୍ପାଦକ ନରେଶ ମହାନ୍ତି, କୋଷାଧ୍ୟକ୍ଷ ମାନସ ରଞ୍ଜନ ପଣ୍ଡା, ଫୁଲବାଣୀ ବିଧାୟକ ଉମା ଚରଣ ମଲିକ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଜିଲ୍ଲା ସଂଘ ଚାଳକ ମାନନୀୟ ରମେଶ ଚନ୍ଦ୍ର ସାହୁ, ନଗର ସଂଘ ଚାଳକ ମାନନୀୟ ଗୋବିନ୍ଦ କୁମାର ନାୟକ, ନଗର କାର୍ଯ୍ୟବାହ ଶେଷଦେବା ସାହୁ, ଜିଲ୍ଲା ସହ କାର୍ଯ୍ୟବାହ ନିରଞ୍ଜନ ମିଶ୍ର, ଆଇନଜୀବୀ ବିରେନ୍ଦ୍ର ସୁବୁଦ୍ଧି, ଗୋପାଳ ଚନ୍ଦ୍ର ପାଢ଼ୀ, ଜୀବନ ବୀମା ଅଧିକାରୀ ସତ୍ୟ ନାରାୟଣ ମିଶ୍ର, ସରସ୍ୱତୀ ଶିଶୁ ମନ୍ଦିର ସମ୍ପାଦକ ଟି.ଶିବ ପ୍ରସାଦ ପାତ୍ର ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ହିନ୍ଦୀ ଶିକ୍ଷକ ସଂଘ ତରଫରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ

ଜୟପୁର, ୧୭/୭ (ନି.ପ୍ର): କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ, ଆଗ୍ରା ପ୍ରାୟୋଜିତ, ଭୁବନେଶ୍ୱର ଶାଖା ଆନୁକୁଲ୍ୟରେ ଏବଂ କୋରାପୁଟ ଜିଲ୍ଲା ଶିକ୍ଷାଧିକାରୀ ଙ୍କ ଦ୍ୱାରା ଆୟୋଜିତ ହିନ୍ଦୀ ଶିକ୍ଷଣ ନବୀକରଣ ପାଠ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜଗଦୀଶ ଚନ୍ଦ୍ର ନାୟକ ହାଇସ୍କୁଲ, ଜୟପୁର ଠାରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ଙ୍କୁ କୋରାପୁଟ ଜିଲ୍ଲା ହିନ୍ଦୀ ଶିକ୍ଷକ ସଂଘ ତରଫରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସଂଘ ପକ୍ଷରୁ ଉପଦେଷ୍ଟା ଡଃ. ରଜତ କୁମାର ଷଡଙ୍ଗୀ, ସଭାପତି ପ୍ରଦୀପ କୁମାର ଖୋସଲା ତଥା ଅନ୍ୟ କର୍ମକର୍ତା ଉପସ୍ଥିତ ଥିଲେ। ଜଗଦୀଶ ଚନ୍ଦ୍ର ନାୟକ ହାଇସ୍କୁଲର ପ୍ରଧାନ ଶିକ୍ଷକ ଉପେନ୍ଦ୍ର କୁମାର ଦୀପ ଏବଂ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀ ଙ୍କ ଗହଣରେ ଜିଲ୍ଲା ଶିକ୍ଷାଧିକାରୀ ବିଭିନ୍ନ ବିଷୟରେ ଆଲେଚନା କରିଥିଲେ। ଶିକ୍ଷାଧିକାରୀ ମହୋଦୟ ପ୍ରଶିକ୍ଷଣାର୍ଥୀଙ୍କୁ ବିଦ୍ୟାଳୟରେ ଶିକ୍ଷକମାନଙ୍କର ଭୂମିକା ଏବଂ ଦାୟୀତ୍ୱ ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ।

## ବାହୁଡ଼ା ଯାତ୍ରାରେ ବାହୁଡିଲେ ଚତୁର୍ଦ୍ଧାମୂର୍ତ୍ତି: ରଥ ଉପରେ ହଜାର ହଜାର ଭକ୍ତଙ୍କ ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ



ନୀଳଗିରି , ୧୭/୭ (ନି.ପ୍ର): ଓଡ଼ିଶାର ସର୍ବଜନ ବିଦିତ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଘୋଷଯାତ୍ରା ସମାପନ ହୋଇଛି। ବୁଧବାର ଅନ୍ତିମ ଦିବସରେ ଶଙ୍କରାଖୁଣ୍ଟା ପୋଖରୀ ସମୀପରେ ଅବସ୍ଥାନ କରିଥିବା ରଥକୁ ଅପରାହ୍ନରେ ରଥ ଉପରେ ଶ୍ରୀଜୀଉଙ୍କ ସମସ୍ତ ନିତିକାନ୍ତି ସମାପନ ପରେ ପ୍ରାୟ ଚାରିଘଟିକା ସମୟରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ହଜାର ହଜାର ଭକ୍ତଙ୍କ ମେଳରେ ଘଣ୍ଟ,ଘଣ୍ଟା, ମୃଦଙ୍ଗ, ତୁରୀ, ଭେରୀ ସହିତ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ସମଗ୍ର ବଡଦାଣ୍ଡ । ରଥର ଘର୍ଘର ନାଦରେ ରଥ ଆଗକୁ ଗଡ଼ି ଚାଲିଥିଲା ବେଳେ ରଥ ଉପରେ ପ୍ରବଚକଙ୍କ ଦ୍ୱାରା ମହାପ୍ରଭୁଙ୍କ ଲୀଳାମୃତ ବ୍ୟାଖ୍ୟା କରାଯାଇଥିଲା ।ରଥ ତଳେ କୁନିକୁନି ନୃତ୍ୟାଙ୍ଗନାଙ୍କ ଓଡ଼ଶୀ ନୃତ୍ୟ ପରିବେଷଣ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ସେହିପରି ମହିଳା ରଥକୁ ମହିଳା ମାନଙ୍କ ଦ୍ୱାରା ଟଣାଯିବାର ଦୃଶ୍ୟ ସହିତ କୁନି ରଥକୁ କୁନିକୁନି ପିଲାଙ୍କ ଦ୍ୱାରା ଟଣା ଯିବା ନୀଳଗିରି ଘୋଷଯାତ୍ରାର ଏକ ନୂତନ ପରମ୍ପରା ସୃଷ୍ଟି କରିଛି । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ରାଜ୍ୟ ବିଜେଡି ମୁଖପାତ୍ର ଡଃ ଲେଖାଶ୍ରୀ ସାମନ୍ତ ସିଂହାର, ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ପ୍ରମୁଖ ଲକ୍ଷାଧିକ ଭକ୍ତଙ୍କ ଗହଣରେ ରଥ ଟାଣୁଥିବାର ଦେଖିବାକୁ ମିଳିଥିଲା। ରଥରେ ଶାନ୍ତିଶୃଙ୍ଖଳା ଓ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା । ଏତଦଭିନ୍ନ ଉପଖଣ୍ଡ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ନିଜନିଜ ବିଭାଗର ଦାଇତ୍ୱ ସୁଚାରୁରୂପେ ତୁଲାଇ ଥିବା ବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସତବତ, ସୁଦ୍ଧ ପାନୀୟ ଜଳ ପ୍ରଦାନ କରାଯାଇଥିବା ଦେଖିବାକୁ ମିଳିଥିଲା। ବଡ଼ଦାଣ୍ଡରେ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକଙ୍କ ଦ୍ୱାରା କାନିକା ବଣ୍ଟନ କରାଯାଇଥିଲା । ଆଜି ମହାପ୍ରଭୁଙ୍କର ରଥ ଉପରେ ସୁନାବେଶ ହୋଇଥିବା ବେଳେ ଲକ୍ଷାଧିକ ଭକ୍ତ ଏହି ଦୁର୍ଲଭ ବେଶକୁ ଦର୍ଶନ କରିଥିଲେ ।ବୁଧବାର ହରିଶୟନ ବଡ଼ ଏକାଦଶୀ ଥିବାରୁ ରଥ ଉପରେ ଶ୍ରୀଜୀଉଙ୍କର ଅଧରପଣା ନୀତି ସମାପନ ପରେ ଗୋଟିପହଣ୍ଡିରେ ନୀଳାଦ୍ରି ବିଜେ କରିଥିଲେ ।

## ଜାତୀୟସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ବଲାଙ୍ଗିରର ପ୍ରତିଯୋଗୀମାନଙ୍କ ଜାତୀୟ ରେକର୍ଡ

ବଲାଙ୍ଗିର, ୧୭/୭ (ନି.ପ୍ର): ମଧ୍ୟ ପ୍ରଦେଶର ଉଜ୍ଜୟିନି ସହର ଠାରେ ଅନୁଷ୍ଠିତ ହୋଇ ଯାଇଥିବା ଜାତୀୟସ୍ତରୀୟ ଶକ୍ତି ଉତୋଳନ ପ୍ରତିଯୋଗିତାରେ ବଲାଙ୍ଗିରର ପ୍ରତିଯୋଗୀମାନେ ଜାତୀୟ ରେକର୍ଡ ସହ ଓଡିଶାକୁ ଚମ୍ପିୟାନ କରି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି । ବିଭିନ୍ନ ବର୍ଗରେ ୪ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ପଦକ ଓ ଗୋଟିଏ ବ୍ରୋଞ୍ଜ ପଦକ ସହ ୫ଟି ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି । ପାଂଚ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ଦୁଇ ଶହ ପ୍ରତିଯୋଗୀ ଭାଗ ନେଇଥିଲେ । ଏହି ପ୍ରତିଯୋଗିତାରେ ବଲାଙ୍ଗିରରୁ ୬ ଜଣ ପୁରୁଷ ଓ ଜଣେ ମହିଳା ପ୍ରତିଯୋଗୀଙ୍କ ସହ ଓଡିଶାରୁ ୧୫ ଜଣ ପ୍ରତିଯୋଗି ଭାଗ ନେଇଥିଲେ । ମହିଳା ବର୍ଗ ର ୫୩ କେଜି ରେ (ଜୁନିୟର) ସାଗରିକା ପାଢୀ ଜାତୀୟ ରେକର୍ଡ ସହ ଡେଡ୍‌ଲିଫ୍ଟ ରେ ୧୧୦ କେଜି ଭାର ଉଠାଇ ସ୍ୱର୍ଣ୍ଣ ପଦକ, ପୁରୁଷ ବର୍ଗରେ ୬୯ କେଜି (ୟୁଥ) ରେ ବିକାଶ ପଟେଲ ଜାତୀୟ ରେକର୍ଡ ସହ ଡେଡ୍‌ଲିଫ୍ଟ ରେ ୨୦୨.୫ କେଜି ଭାର ଉଠାଇ ସ୍ୱର୍ଣ୍ଣପଦକ, ସେହିପରି ବିକାଶ ମେହେର ୬୯ କେଜି ବିଭାଗରେ ସ୍କାଟରେ ୧୩୦ କେଜି, ବେଂଚପ୍ରେସରେ ୭୦ କେଜି ଓ ଡେଡ୍‌ଲିଫ୍ଟ ରେ ୧୭୦ କେଜି ଭାର ଉଠାଇ ବ୍ରୋଞ୍ଜ ପଦକ ପ୍ରାପ୍ତ କରିଥିଲେ । ୭୭ କେଜି ବିଭାଗ ରେ (ଜୁନିୟର) ଆଲୋକ ସାଗର ୨୪୦ କେଜି ଭାର ଉଠାଇ ଡେଡ୍?ଲିଫ୍ଟ ରେ ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଓ ନିଖିଲ ସୁନା ୭୭ କେଜି ବିଭାଗରେ ୧୭୫ କେଜି ସ୍କାଟ, ୯୦ କେଜି ବେଂଚପ୍ରେସ ଓ ୧୦୨.୫ ଡେଡ୍‌ଲିଫ୍ଟ ସର୍ବମୋଟ ୪୩୭.୫ କେଜି ଭାର ଉଠାଇ ରୌପ୍ୟ ପଦକ ଅର୍ଜନ କରିଥିଲେ । ୯୪ କେଜି ବିଭାଗ ରେ ପ୍ରଶାନ୍ତ ଦାଶ (ମୁନା୦ ସ୍କାଟ୍ ରେ ୨୨୭.୫ (ଜାତୀୟ ରେକର୍ଡ) ବେଂଚପ୍ରେସ ରେ ୧୬୨.୫ (ଜାତୀୟ ରେକର୍ଡ୦ ଓ ୨୩୫ କେଜି ଡେଡ୍ ?ଲିଫ୍ଟ ଓ ସର୍ବମୋଟ ୬୨୫ କେଜି ଭାର ଉଠାଇ ସ୍ୱର୍ଣ୍ଣପଦକ ପ୍ରାପ୍ତ କରିଥିଲେ । ପ୍ରତିଯୋଗିତାରେ ଓଡିଶା ଦଳ ସର୍ବାଧିକ ପଦକ ହାସଲ କରିଥିବାରୁ ଚମ୍ପିୟାନ ଘୋଷିତ ହୋଇଥିଲା । ପ୍ରତିଯୋଗୀମାନଙ୍କ ଏହି ସଫଳତା ପାଇଁ ଜିଲ୍ଲା ପାୱାରଲିଫ୍ଟିଂ ଆସୋସିଏସନ୍ ର ଚିଫ୍ ଏଡ୍?ଭାଇଜର ରୂପକ କୁମାର ବାରଳ, ସଭାପତି ପ୍ରଶାନ୍ତ ମଟାରୀ, ସଂପାଦକ ପ୍ରଶାନ୍ତ ଦାଶ ଓ ସହ ସଂପାଦକ ଟିଂଟୁ ସ୍ୱାଇଁ ଅଭିନନ୍ଦନ ଜଣାଇବା ସହ ଆଗକୁ ଅଷ୍ଟ୍ରେଲିଆରେ ହେବାକୁ ଥିବା ବିଶ୍ୱ ଶକ୍ତି ଉତୋଳନ ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ପ୍ରଦାନ କରିଛନ୍ତି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### 'ଆମ ଓଡ଼ିଶା ନବୀନ ଓଡ଼ିଶା'ର...

ଅନିୟମିତତାର ଖୋଳତାଡ଼ ହେବ ଓ ଲୋକଲୋଚନକୁ ଅଣାଯିବ। ନୂଆଦିଲ୍ଲୀରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲଙ୍କୁ ଭେଟି ଓ ତାଙ୍କ ସହ ଆଲୋଚନା କରି ଭୁବନେଶ୍ୱର ଫେରିବା ପରେ ଗଣମାଧ୍ୟମ ଆଗରେ ଏପରି କହିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ। ଗତ ଅକ୍ଟୋବର ୨୩ ତାରିଖରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଯୋଜନା ଆରମ୍ଭ ହେବା ପରେ ସେଥିରେ ସ୍ପଷ୍ଟ କରାଯାଇଥିଲା ଯେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଫଳରେ ସ୍ଥାନୀୟ ପଞ୍ଚାୟତର ସାଂସ୍କୃତିକ ଓ ପାରମ୍ପରିକ ଭିତ୍ତିଭୂମିର ବିକାଶ କରାଯିବ। ତାହା ମଧ୍ୟରେ ଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର କରିବା, ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରିବା, ସଭାଗୃହ କରିବା ଆଦି କାମ ଅନ୍ତର୍ଭୁକ୍ତ ଥିଲା। କିନ୍ତୁ ଏଥିରେ ନିର୍ବାଚିତ ଜନପ୍ରତିନିଧି ସରପଞ୍ଚ, ସମିତିସଭ୍ୟ ପ୍ରମୁଖଙ୍କୁ ଉପେକ୍ଷା କରାଯାଇଥିଲା। ସରକାରୀ ଅଧିକାରୀ ସମ୍ପୂର୍ଣ୍ଣ ପ୍ରକଳ୍ପ ଚୟନ କରିବେ ଓ ତାଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା ଠିକାଦାରଙ୍କ ଜରିଆରେ ଏହି କାମ କରାଇବେ ବୋଲି ଉଲ୍ଲେଖ ଥିଲା। ଏହାକୁ ଜନପ୍ରତିନିଧିମାନେ ବିରୋଧ କରିବା ସହ ଆଇନର ଆଶ୍ରୟ ନେଇଥିଲେ। ବହୁ ଜନପ୍ରତିନିଧି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ସମଗ୍ର ରାଜ୍ୟରୁ ପ୍ରାୟ ୪୨ଟି ମାମଲା ହାଇକୋର୍ଟରେ ରୁଜୁ ହୋଇଥିଲା। ସରପଞ୍ଚ ଓ ନିର୍ବାଚିତ ଜନପ୍ରତିନିଧିଙ୍କ ସହଭାଗିତାରେ ପ୍ରକଳ୍ପ ଚୟନ ପାଇଁ ନିର୍ଦ୍ଦେଶ ଦେଇଥିଲେ କୋର୍ଟ। ମାତ୍ର ପ୍ରକଳ୍ପ କାର୍ଯ୍ୟକାରିତା ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ କୋର୍ଟ ମନା କରି ଦେଇଥିଲେ। ଏଥିସହ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାକୁ ବିରୋଧ କରି ସେହି ସମୟରେ ବିରୋଧୀ ଦଳରେ ଥିବା ବିଜେପି ବହୁଥର ପ୍ରତିବାଦ କରିଥିଲା।

### ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ...

ଦାୟିତ୍ୱ ବାଣ୍ଟିଛନ୍ତି। ତାଙ୍କୁ ଛାଡ଼ି ଦଳର ଅନ୍ୟ ସମସ୍ତ ୫୦ ବିଧାୟକଙ୍କୁ ସରକାରଙ୍କ ବିଭିନ୍ନ ବିଭାଗ ଉପରେ ନଜର ରଖିବାକୁ ଦାୟିତ୍ୱ ଦିଆଯାଇଛି। ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ସୁଚିନ୍ତିତ ଭାବେ ଘେରିବା ପାଇଁ ବିଜେଡି ଏହି କୌଶଳ ଆପଣାଇଛି ବୋଲି ଆଲୋଚନା ହେଉଛି। ବରିଷ୍ଠ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରତିଟି କାର୍ଯ୍ୟ ଉପରେ ନଜର ରଖିବାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ପ୍ରମିଳା ମଲ୍ଲିକଙ୍କୁ ପଞ୍ଚାୟତିରାଜ ଓ ସଂସଦୀୟ ବ୍ୟାପାର, ବଦ୍ରି ନାରାୟଣ ପାତ୍ରଙ୍କୁ ମହିଳା ଓ ଶିଶୁ ବିକାଶ, ନିରଞ୍ଜନ ପୂଜାରୀଙ୍କୁ ଗୃହ ଓ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ଅଶ୍ୱିନୀ କୁମାର ପାତ୍ରଙ୍କୁ ହସ୍ତଶିଳ୍ପ, ହସ୍ତତନ୍ତ ଓ ବୟନଶିଳ୍ପ, ପ୍ରତାପ କେଶରୀ ଦେବଙ୍କୁ ସାଧାରଣ ପ୍ରଶାସନ (ଜିଏ), ଅରୁଣ କୁମାର ସାହୁଙ୍କୁ ଜଳ ସମ୍ପଦ, ସାରଦା ପ୍ରସାଦ ନାୟକଙ୍କୁ ଶିଳ୍ପ ଓ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଅର୍ଥ ଓ ପବ୍ଲିକ୍ ଏଣ୍ଟରପ୍ରାଇଜେସ ବିଭାଗ ଦାୟିତ୍ୱ ଦିଆଯାଇଛି। ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ରାଜେନ୍ଦ୍ର ଢୋଲକିଆଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା, ମନୋହର ରନ୍ଧାରୀ ଓ ଯୋଗେଶ କୁମାର ସିଂହଙ୍କୁ ଅନୁସୂଚିତ ଜନଜାତି ବ୍ୟାପାର, ବ୍ୟୋମକେଶ ରାୟଙ୍କୁ ୱାର୍କସ, ଦିବ୍ରଶଙ୍କର ମିଶ୍ରଙ୍କୁ ଶକ୍ତି, ଗଣେଶ୍ୱର ବେହେରାଙ୍କୁ ଷ୍ଟିଲ୍ ଓ ଖଣି, ବର୍ଷା ସିଂହ ବରିହାଙ୍କୁ ମିଶନ ଶକ୍ତି, ସନାତନ ମହାକୁଡ଼ଙ୍କୁ କୃଷି ଓ କୃଷକ ସଶକ୍ତିକରଣ, ସଞ୍ଜୀବ କୁମାର ମଲ୍ଲିକଙ୍କୁ ଏମ୍ଏସ୍ଏମ୍ଇ, କଳିକେଶ ନାରାୟଣ ସିଂହଦେଓଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ପ୍ରଦୀପ କୁମାର ଦିଶାରୀଙ୍କୁ ଅନୁସୂଚିତ ଜାତି ବ୍ୟାପାର, ଚକ୍ରମଣି କହଁରଙ୍କୁ ଅନୁସୂଚିତ ଜନଜାତି ବ୍ୟାପାର, ଦିବ୍ୟ ରଞ୍ଜନ ତ୍ରିପାଠୀଙ୍କୁ ଗ୍ରାମ୍ୟ ଉନ୍ନୟନ, ସୌଭିକ ବିଶ୍ୱାଳଙ୍କୁ ଏସ୍ଏସ୍ଇପିଡି, ପ୍ରଶାନ୍ତ ବେହେରାଙ୍କୁ ଅବକାରୀ, ଧ୍ରୁବଚରଣ ସାହୁଙ୍କୁ ପର୍ଯ୍ୟଟନ, ତୁଷାରକାନ୍ତି ବେହେରାଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଅନନ୍ତ ନାରାୟଣ ଜେନା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, ସୁଶାନ୍ତ କୁମାର ରାଉତଙ୍କୁ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର କାର୍ଯ୍ୟ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ନବୀନ। ବିଭୂତି ଭୂଷଣ ବଳବନ୍ତରାୟଙ୍କୁ ବାଣିଜ୍ୟ ଓ ପରିବହନଳ ରମେଶ ଚନ୍ଦ୍ର ବେହେରାଙ୍କୁ ଉଚ୍ଚ ଶିକ୍ଷା, ରୋହିତ ଯୋଶେଫ ତିର୍କୀଙ୍କୁ ସଂଖ୍ୟାଲଘୁ ବ୍ୟାପାର, ସୁଦର୍ଶନ ହରିପାଲ ହସ୍ତତନ୍ତ, ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ଯୋଜନା, ଅଭିମନ୍ୟୁ ସେଠୀଙ୍କୁ ୱାର୍କ୍ସ, ଗୌତମ ବୁଦ୍ଧ ଦାସଙ୍କୁ ସୂଚନା ଓ ଲୋକ ସଂପର୍କ, ସୁବାସିନୀ ଜେନାଙ୍କୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ମାଧବ ଧଡ଼ାଙ୍କୁ ବିଜ୍ଞାନ ଓ ବୈଷୟିକ, ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ଶ୍ରମ ଓ ଇଏସ୍ଆଇ, ସୁଜାତା ସାହୁ ମିଶନ ଶକ୍ତି, ନଳିନୀକାନ୍ତ ପ୍ରଧାନଙ୍କୁ ଗୃହ ଓ ନଗର ଉନ୍ନୟନ, ମନୋରମା ମହାନ୍ତିଙ୍କୁ ମହିଳା ଓ ଶିଶୁ ବିକାଶ, ଅରବିନ୍ଦ ମହାପାତ୍ରଙ୍କୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ରମାକାନ୍ତ ଭୋଇଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସାରଦା ପ୍ରସନ୍ନ ଜେନାଙ୍କୁ ସମନ୍ୱୟ, ସୁନୀଲ କୁମାର ମହାନ୍ତିଙ୍କୁ ପର୍ଯ୍ୟଟନ, ନବ କିଶୋର ମଲ୍ଲିକଙ୍କୁ ଗ୍ରାମୀଣ ବିକାଶ, ପ୍ରଦୀପ କୁମାର ସାହୁଙ୍କୁ ଗୃହ ଓ ନଗର ଉନ୍ନୟନ ଏବଂ ରୂପେଶ କୁମାର ପାଣିଗ୍ରାହୀଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦାୟିତ୍ୱ ଦିଆଯାଇଛି। ବିଧାନସଭାରେ ବିରୋଧୀ ବିଜୁ ଜନତା ଦଳକୁ ଅଧିକ ଦକ୍ଷତାର ସହ ଦାୟିତ୍ୱ ସମ୍ପାଦନ କରିବାରେ ଏହା ସହାୟକ ହେବ ବୋଲି ନବୀନ ପଟ୍ଟନାୟକ ଆଶା କରିଛନ୍ତି।

### ଶୀଘ୍ର କାର୍ଯ୍ୟକ୍ଷମ ହେବ ଅମର୍ଦ୍ଦା ...

ସହିତ ଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଉଭୟ ମନ୍ତ୍ରୀ ସହମତ ହୋଇଥିଲେ। ଏଥି ସହିତ ଝାରସୁଗୁଡ଼ା ବିମାନବନ୍ଦରର ସର୍ବାଙ୍ଗୀନ ବିକାଶ ନିମନ୍ତେ ମଧ୍ୟ ଆଲୋଚନା ହୋଇଥିଲା। ଆଲୋଚନା ସମୟରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ । ଏଠାରେ ପ୍ରକାଶଯୋଗ୍ୟ ଯେ ମୟୂରଭଞ୍ଜର ଅମର୍ଦ୍ଦା ରୋଡ୍ ବିମାନବନ୍ଦର ୪୦ ଦଶକରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କାର୍ଯ୍ୟ କରୁଥିଲା। ପୂର୍ବରୁ ଏହାର ୧୧ ହଜାର ଫୁଟର କଂକ୍ରିଟ୍ ରନ୍‌ୱେ ରହିଥିଲା । କେନ୍ଦ୍ର ସରକାରଙ୍କ ଉଡ଼ାଣ ଯୋଜନାରେ ଅଧିକ ଜମି ଅଧିଗ୍ରହଣ ସାଙ୍ଗକୁ ଉନ୍ନତିକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଛି। କାର୍ଯ୍ୟକ୍ଷମ ହେଲେ ଏହା ଏକ ଉଲ୍ଲେଖଯୋଗ୍ୟ ବିମାନ ବନ୍ଦର ଭାବରେ ରାଜ୍ୟର ଆର୍ଥିକ ପ୍ରଗତିରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି।

### ବଡ଼ ଧରଣର ଏନକାଉଣ୍ଟର...

ସ୍ଥାନାନ୍ତର କରାଯାଇଥିଲା। ୧୨ ନିହତ ନକ୍ସଲଙ୍କ ମଧ୍ୟରୁ ଜଣଙ୍କର ପରିଚୟ ମିଳିଛି। ତାଙ୍କ ନାଁ ଲକ୍ଷ୍ମଣ ଆତ୍ରାମ ଓରଫ ବିଶାଲ ଆତ୍ରାମ। ସେ ଡିଭିଜନାଲ କମିଟି ମେମ୍ବର ଥିଲେ। ସେ ଟିପାଗଡ଼ ଦଳମ ଦାୟିତ୍ୱରେ ଥିଲେ। ଉ୬୦ କୋମାଣ୍ଡୋ ଓ ଗଡ଼ଚିରୋଲି ପୁଲିସ୍‌ର ଏହି ସଫଳତା ପାଇଁ ମହାରାଷ୍ଟ୍ର ଗୃହ ମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ ୫୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି। ଗଡ଼ଚିରୋଲି ଏସ୍‌ପି ଏହି ସୂଚନା ଦେଇଛନ୍ତି। ଏବେ ବି ଘଟଣାସ୍ଥଳ ଓ ଏହା ଆଖପାଖ ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି।

### ରାଜ୍ୟ ଯୋଜନା ବୋର୍ଡ ...

ଆସିଥିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅନୁମୋଦନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏପଟେ ରାଜ୍ୟ ଯୋଜନା ବୋର୍ଡ ଭଙ୍ଗାଯିବା ପରେ ତାକୁ ବିଜେପି ସରକାର ଅଧିକ ପେଷାଦାର ଢଙ୍ଗରେ ପୁର୍ନଗଠନ କରିବେ ବୋଲି ସୂଚନା ମିଳିଛି । ରାଜ୍ୟରେ ପୂର୍ବର ବିଜେଡି ସରକାର ୨୦୨୨ ଅକ୍ଟୋବର ମାସରେ ଯୋଜନା ବୋର୍ଡ ସଦସ୍ୟ ଭାବେ ଦଳର ୩ଜଣ ବରିଷ୍ଠ ନେତା ପ୍ରସନ୍ନ କୁମାର ପାଟ୍ଟଶାଣୀ, ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ସାଧୁ ନେପାକଙ୍କୁ ନିଯୁକ୍ତି ଦେଇଥିଲା । ୨୦୨୨ ଜୁନ୍ ପ୍ରଥମ ସପ୍ତାହରେ ଦଳର ବରିଷ୍ଠ ନେତା ସଞ୍ଜୟ ଦାସବର୍ମାଙ୍କୁ ଯୋଜନା ବୋର୍ଡ ଉପାଧକ୍ଷ ପଦରୁ ହଟାଇ ଦେବା ପରଠୁ ଏହି ପଦ ଖାଲି ପଡ଼ିଥିଲା । ଏବେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିଥିବାରୁ ଦଳ ନିଜର ବରିଷ୍ଠ ନେତାମାନଙ୍କୁ ଏହି ବୋର୍ଡରେ କ୍ୟାବିନେଟ୍ ଓ ରାଷ୍ଟ୍ରମନ୍ତ୍ରୀ ପାହ୍ୟାର ସୁବିଧାସୁଯୋଗ ଦେଇ ଖୁବଶୀଘ୍ର ଥଇଥାନ କରିବାର ସମ୍ଭାବନା ରହିଛି ।

### ଆଜି ଖୋଲିବ ...

କମିଟି ହିଁ ରତ୍ନଭଣ୍ଡାର ଭିତରେ ପ୍ରବେଶ କରିବେ। ଏହି କାର୍ଯ୍ୟ ସହିତ ଜଡ଼ିତ ବ୍ୟକ୍ତି, ଯଥା ମେଡିକାଲ୍ ଟିମ୍, ସ୍ନେକ ହେଲ୍‌ପଲାଇନ୍, ସ୍ୱେଚ୍ଛାସେବୀମାନେ ପାଖରେ ରହିବେ। ପୁରୁଣା ପ୍ରୋଟୋକଲ୍ ଅନୁଯାୟୀ, ଏସ୍‌ପି ପୁରୀ ସମସ୍ତଙ୍କୁ ଯାଞ୍ଚ କରି ଛାଡ଼ିବେ। ସ୍ଥାନାନ୍ତର ପ୍ରକ୍ରିୟା ଅନୁଯାୟୀ, ଭିତର ରତ୍ନଭଣ୍ଡାରରୁ ଅଳଙ୍କାର ଅସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ସ୍ଥାନାନ୍ତର ଶେଷ ପରେ ନୂଆ ରତ୍ନଭଣ୍ଡାରକୁ ଜଉମୁଦ ଦେଇ ସିଲ୍ କରାଯିବ। ଭିତର ରତ୍ନଭଣ୍ଡାରରୁ ଅଳଙ୍କାର ସ୍ଥାନାନ୍ତର ଓ ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ଜଉମୁଦ ଦେଇ ସିଲ୍ କରାଯିବ। କେବଳ ବାହାର ରତ୍ନଭଣ୍ଡାରକୁ ଛାଡ଼ିଦେଲେ ବାକି ସବୁ ଚାବି ଜିଲ୍ଲା କୋଷାଗାରକୁ ପଠାଯିବ। ଏଏସ୍‌ଆଇ ଚାବି ନେବନି। ଜିଲ୍ଲାପାଳ ଚାବି ଖୋଲିବେ। ଏହାପରେ ଯାଇ ଏଏସ୍‌ଆଇ ଟିମ୍ ଭିତରକୁ ଯିବେ।

### ୧୯ରେ ଆଉ ଏକ ...

କଳାହାଣ୍ଡି ଏବଂ କୋରାପୁଟ ଜିଲ୍ଲାରେ ଆଜି ପ୍ରବଳ ବର୍ଷା ହେବ। ଏହି ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧୮ ତାରିଖରେ ମଧ୍ୟ ଅନେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହ କିଛି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଗଞ୍ଜାମ, ଗଜପତି, ନୟାଗଡ଼, ପୁରୀ , ଖୋର୍ଦ୍ଧା, କଳାହାଣ୍ଡି, ରାୟଗଡ଼ା, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବ ନେଇ ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର।

### ମୁମ୍ବାଇ ବିମାନବନ୍ଦରରୁ ୧୩.୨୪....

ଜାରି ରଖିଛି । ମଙ୍ଗଳବାର ବିଭାଗର ଟିମ୍ ମୋଟ୍ ୨୪ଟି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏବଂ ସେମାନଙ୍କ ନିକଟରୁ ଅବୈଧ ଭାବେ ଅଣାଯାଇଥିବା ପ୍ରାୟ ୯ କୋଟି ଟଙ୍କାର ସୁନା ଜବତ କରିଛି । ଏହା ବ୍ୟତୀତ ବିନା ଅନୁମତିରେ ଅଣାଯାଇଥିବା ୧.୩୮ କୋଟି ମୂଲ୍ୟର ବିଦ୍ୟୁତ ଉପକରଣ ଏବଂ ୪୫ ଲକ୍ଷ ଟଙ୍କାର ବିଦେଶୀ ମୁଦ୍ରା ମଧ୍ୟ ଜବତ କରାଯାଇଛି । ଅଭିଯୁକ୍ତ ମାନଙ୍କୁ ଅଧିକ ପଚରା ଉଚରା ଜାରି ରହିଛି ।

### ଅଜିତ ପାୱାରଙ୍କୁ ଶକ୍...

ରେସ୍‌ରେ ଥିଲେ ମଧ୍ୟ ଶେଷରେ ତାଙ୍କୁ ନିରାଶ ହେବାକୁ ପଡ଼ିଛି। ଏଥିପାଇଁ ସେ ଦଳରୁ ଇସ୍ତଫା ଦେଇଥିବା କୁହାଯାଉଛି। ସେମାନେ ସମସ୍ତେ ଶରଦ ପାୱାରଙ୍କ ଏନସିପିରେ ସାମିଲ ହେବାକୁ ଉଦ୍ୟମ ଆରମ୍ଭ କରିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଗତବର୍ଷ ଜୁଲାଇ ମାସରେ ଅଜିତ ପାୱାର ଏନସିପିର ଅଧିକାଂଶ ବିଧାୟକଙ୍କୁ ଧରି ବିଜେପି ଓ ସିନ୍ଦେ ସରକାରରେ ସାମିଲ ହୋଇଥିଲେ। ଅଜିତ ପାୱାରଙ୍କୁ ମଧ୍ୟ ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ପଦ ମିଳିଥିଲା। ମାତ୍ର ମହାରାଷ୍ଟ୍ର ଲୋକସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏର ନୈରାଶ୍ୟଜନକ ପ୍ରଦର୍ଶନ ପରେ ରାଜ୍ୟରେ ରାଜନୀତିକ ହଟଚମଟ ଆରମ୍ଭ ହୋଇ ଯାଇଥିଲା। ଏଥିସହ ଆଗକୁ ବିଧାନସଭା ନିର୍ବାଚନ ଥିବାରୁ ଏହା ପୂର୍ବରୁ ଅଜିତ ପାୱାରଙ୍କ ଦଳର ନେତା ଶରଦ ପାୱାରଙ୍କ ଦଳକୁ ଡେଇଁବାକୁ ଉଦ୍ୟମ ଆରମ୍ଭ କରିଥିବା ଚର୍ଚ୍ଚା ହେଉଛି । ଏନଡିଏ ତୁଳନାରେ ମହା ବିକାଶ ଅଘାଡ଼ି ମହାରାଷ୍ଟ୍ର ଲୋକସଭା ନିର୍ବାଚନରେ ଭଲ ପ୍ରଦର୍ଶନ କରିଥିଲା।

ଗୁରୁବାର, ଜୁଲାଇ ୧୮, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସାମୂହିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ବିଧାୟକ ବାବୁ ସିଂ

ଭୁବନେଶ୍ୱର, ୧୭/୭ (ନି.ପ୍ର): ଏକାମ୍ର ନିର୍ବାଚନ ମଣ୍ଡଳୀର ବିଧାୟକ ବାବୁ ସିଂ ସାମୁହିକ ବୃକ୍ଷ ରୋପଣ ଆରମ୍ଭ କରିଛନ୍ତି। ସେ ଆଜି ଏକା ସାଙ୍ଗରେ ଏକାମ୍ର ର ବିଭିନ୍ନ ଓ୍ୱାର୍ଡ୍ ଓ ପଂଚାୟତ ରେ ବୃକ୍ଷ ରୋପଣ କରିଥିଲେ। ବୃକ୍ଷ ରୋପଣ ପାଇଁ ଏକ ଲିପଲେଟ୍ ବାଂଟିବା ସହିତ ଏକ ଟୋଲ୍ ଫ୍ରି ନମ୍ବର ଜାରି କରିଛନ୍ତି ଏଥିରେ ଯୋଗାଯୋଗ କଲେ ନିଜର ଫାଙ୍କା ଥିବା ଜାଗାରେ ବୃକ୍ଷ ରୋପଣ ନିମନ୍ତେ ଚାରା ଯୋଗାଇବା ସହିତ ଟ୍ରି ଗାର୍ଡ ମଧ ଯୋଗାଇ ଦିଆଯିବ।
ଏହି ଅବସରରେ ବିଧାୟକ ବାବୁ ସିଂ କହିଛନ୍ତି ଯେ,ପ୍ରିୟ ବନ୍ଧୁଗଣ 'ମାଆ ପାଇଁ ଗଛଟିଏ' ଅଭିଯାନ ଦ୍ୱାରା ପ୍ରକୃତି ସହିତ ମାତୃତ୍ୱର ଅବିଶ୍ୱାସନୀୟ ବନ୍ଧନକୁ ପାଳନ କରିବାରେ ଆମ ସହିତ ଯୋଗ ଦିଅନ୍ତୁ।ଆସନ୍ତୁ ସେମାନଙ୍କ ନାମରେ ଏକ ଗଛ ଲଗାଇ ଆମ ମାଆ ମାନଙ୍କୁ ସମ୍ମାନିତ କରିବା। ମିଳିତ ଭାବରେ, ଆମେ ଭବିଷ୍ୟତ ପିଢ଼ି ପାଇଁ ଏକ ସବୁଜ,ସ୍ୱାସ୍ଥ୍ୟକର ଓଡ଼ିଶା ସୃଷ୍ଟି କରିପାରିବା। ଆଜି ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ଦିନ ଏକାମ୍ର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ କରାଯିବ। ବୃକ୍ଷ ଆମ ଜୀବନର ଆଧାର ଅଟେ ଏହାର ସୁରକ୍ଷା ଆମର କର୍ତବ୍ୟ।ଆପଣମାନେ ମଧ ଏହି ଅଭିଯାନରେ ସାମିଲ ହେବା ସହ ଏକ ସଚ୍ଛ ଓ ସୁନ୍ଦର ପରିବେଶ ପାଇଁ ଗୋଟିଏ ଗୋଟିଏ ଗଛ ଲଗାନ୍ତୁ । ଆପଣଙ୍କ ଅଂଚଳରେ ଥିବା ଖୋଲା ସ୍ଥାନରେ ବୃକ୍ଷରୋପଣ ପାଇଁ ଆମକୁ ଏହି ଫୋନ୍ ନମ୍ବର ରେ ୮୦୯୩୭୫୯୧୦୫, ୮୦୯୩୭୫୯୧୦୬ ଯୋଗାଯୋଗ କରନ୍ତୁ ଓସମସ୍ତଙ୍କୁ ଚାରା ସହିତ ଟ୍ରି ଗାର୍ଡ ମଧ ଯୋଗାଇ ଦିଆଯିବ ବୋଲି ଶ୍ରୀ ସିଂ କହିଛନ୍ତି।

# ସଦର ନିର୍ବାଚନମଣ୍ଡଳୀର ଗ୍ରାମାଂଚଳରେ ପାନୀୟ ଜଳ ଯୋଗାଣକୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ



ବାଲେଶ୍ୱର, ୧୭/୭ (ନି.ପ୍ର): ସଦର ନିର୍ବାଚନମଣ୍ଡଳୀର ଗାମାଂଚଳରେ ପାନୀୟ ଜଳ ଯୋଗାଣକୁନ ନେଇ ଦେଖାଦେଇଥିବା ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ ଆଲୋଚନା ପାଇଁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ପଂଚାୟତରାଜ ଓ ପାନୀୟ ଜଳ ବିଭାଗ ଅଧିନରେ କାର୍ଯ୍ୟରତ ଗ୍ରାମ୍ୟ ଜଳ ଯୋଗାଣ ଓ ସ୍ୱଚ୍ଛତା ଡିଭିଜନର ସ୍ଥାନୀୟ କାର୍ଯ୍ୟାଳୟରେ ଆୟୋଜିତ ଏହି ବୈଠକରେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଗ୍ରାମାଂଚଳର ଜନସାଧାରଣଙ୍କୁ ପନୀୟ ଜଳ ଯୋଗାଣରେ ବିଭାଗୀୟ ସ୍ଥାଣୁତାକୁ ନେଇ ଉଦବେଗ ପ୍ରକାଶ କରିଥିଲେ । କେନ୍ଦ୍ର ସରକାରଙ୍କ ଅନୁଦାନରେ କାର୍ଯ୍ୟାନ୍ୱିତ ହେଉଥିବା 'ହର୍ ଘର୍ ଜଲ' ଯୋଜନାରେ ବ୍ୟାପକ ଅନୀୟମିତତା ହୋଇଥିବା ନେଇ ସଂଖ୍ୟାଧିକ ଅଭିଯୋଗ ଉପରେ ଶ୍ରୀ ଦତ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ । ଭୂତଳ ଜଳସ୍ତର ସଠିକ ଭାବେ ନିରୂପଣ ହୋଇନଥିବାରୁ ବିଭିନ୍ନ ପଂଚାୟତରେ ଜଳଉସରୁ ପାଣି ବାହାରିବା ବନ୍ଦ ହୋଇଯାଇଛି । ନିମ୍ନ ମାନର କାର୍ଯ୍ୟ ଯୋଗୁଁ ଘରକୁ ଘର ବିଛା ଯାଇଥିବା ପାଇପ୍ ଫାଟି ପାଣି ନଷ୍ଟ ହେଉଛି । ବିଗତ ସରକାର ଅମଳରେ ଦଳୀୟ ଚାପରେ ପଡି ନିର୍ଦ୍ଧାରିତ ସ୍ଥାନ ପରିବର୍ତ୍ତେ ଅନ୍ୟ ସ୍ଥାନରେ ଜଳ ଉତ୍ସ ସ୍ଥାପନ କରାଯାଇଛି । ପଂଚାୟତରେ ନିର୍ମାଣ ହୋଇଥିବା ଓଭର ହେଡ୍ ଟାଙ୍କିରେ ବିଶୁଦ୍ଧ ପାଣି ରହିବା ନେଇ ସମସ୍ୟା ଦେଖାଦେଉଛି । ତେବେ ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଯୋଗାଣ ଲକ୍ଷ୍ୟ ହାସଲ ଠାରୁ ବିଭାଗ ବହୁ ଦୁରରେ ଥିବାକୁ ନେଇ ବିଧାୟକ ଶ୍ରୀ ଦତ୍ତ କ୍ଷୋଭ ପ୍ରକାଶ କରିଥିଲେ । ରାଜ୍ୟରେ ସମ୍ପ୍ରତି ପାରଦର୍ଶୀ ସରକାର ଗଠନ ହୋଇଥିବା ବେଳେ ଜନସାଧାରଣଙ୍କୁ ପ୍ରତ୍ୟେକ ଯୋଜନାର ସୁଫଳ ପହଂଚାଇବାକୁ ନିଷ୍ଠାର ସହିତ କାର୍ଯ୍ୟ ସମ୍ପାଦନ ପାଇଁ ଶ୍ରୀ ଦତ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ତାଗିଦ୍ କରିଥିଲେ । ସମୟସୀମା ଯୋଜନା ମାଧ୍ୟମରେ ଗ୍ରାମାଂଚଳର ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବାର ଲକ୍ଷ୍ୟ ହାସଲ ପାଇଁ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ସ୍ଥାନରେ ଭୂତଳ ଜଳସ୍ତର ହ୍ରାସ ହୋଇଛି ସେଠାରେ ପୁନଃ ସଠିକ ସର୍ଭେ ସହ ଖନନ କରିବାକୁ ବିଧାୟକ ଶ୍ରୀ ଦତ୍ତ ପରାମର୍ଶ ଦେଇଥିଲେ । ବାଲେଶ୍ୱର ଗ୍ରାମ୍ୟ ଜଳ ଯୋଗାଣ ଓ ସ୍ୱଚ୍ଛତା ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ସମୀର ଦେଙ୍କ ସମେତ ବିଭାଗୀୟ ଏସଡିଓ ଓ କନିଷ୍ଠ ଯନ୍ତ୍ରୀମାନେ ଏହି ବୈଠକରେ ଉପସ୍ଥିତ ରହି ବିଧାୟକଙ୍କ ପ୍ରଶ୍ନର ଉତ୍ତର ଦେବା ସହିତ ସଦର ନିର୍ବାଚନମଣ୍ଡଳୀରେ ପାନୀୟ ଜଳ ଯୋଗାଣର ବାସ୍ତବିକ ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରବିନାରାୟଣ ମହାପାତ୍ର, ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରା, ସରପଞ୍ଚ ରବି ନାରାୟଣ ପ୍ରଧାନ, ବନିତା ଭୂୟାଁ, ଜିତେନ ଜେନା, ସମିତି ସଭ୍ୟ ରବୀନ୍ଦ୍ର ଜେନା, ଅଞ୍ଜନ ପରିଡା, ରଶ୍ମିତା ନାୟକ, ସର୍ବେଶ୍ୱର ମହାନ୍ତି, ତପନ ଗିରି, କାର୍ତ୍ତିକ ରାଉତ, ପିତାମ୍ବର ଭୂୟାଁ, ଲକ୍ଷ୍ମୀଧର ମନ୍ତ୍ରୀ, ଭାଗ୍ୟଧର ଦାସ, କାହ୍ନୁ ପ୍ରଧାନ, ରାଜେନ୍ଦ୍ର ଚାଟାର୍ଜୀ, ବସନ୍ତ ପ୍ରଧାନ, ଅରବିନ୍ଦ ଜେନା, ବିଷ୍ଣୁ ଧିଣ୍ଡା, ସତ୍ୟ ଜେନା, ସୁଶୀଲ ମଣ୍ଡଳ, ସଞ୍ଜୟ ମଣ୍ଡଳ, ରଶ୍ମିରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।


**GOVERNMENT OF ODISHA**
**DEPARTMENT OF WATER RESOURCES**

**OFFICE OF THE SUPERINTENDING ENGINEER**
**JAGATSINGHPUR IRRIGATION DIVISION**

**TENDER CALL NOTICE**
INVITATION FOR BIDS (IFB)
**IDENTIFICATION NO-JID-03/2024-25**

The Superintending Engineer, Jagatsinghpur Irrigation Division on behalf of Governor of Odisha invites percentage Rate off-line Bid in sealed cover from eligible class of registered contractors for execution of civil works as detailed in the table mentioned below registered with state Government & contractors of equivalent grade / class registered with central Government / MES/ Railway to be eventually drawing agreement in P-1 contract froms of Govt. of Odisha.

| | | | |
|---|---|---|---|
| 1- | Name of work | | Detail can be seen in the DTCN of the respective works |
| 2- | Total No. of Works | : | 45 (forty five) Nos. |
| 3- | Estimated Cost put to Tender (Rs. In Lakhs | : | Varies from Rs.1.50 lakhs to Rs. 4.99 lakhs Details can be seen in the DTCN of the respective works |
| 4- | Cost of Bid Documents | : | Details can be seen in DTCN |
| | Bid Security of the estimated cost put to tender | : | Details can be seen in DTCN |
| 5- | Period of Completion | : | Details can be seen in DTCN |
| 6- | Other details as follows : | | |
| (i) | Tender Inviting Authority | : | Superintending Engineer, Jagatsinghpur Irrigation Division, Jagatsinghpur |
| (ii) | Availability of Tender Document for bidding | : | 20.07.2024 from 10.00A.M to 26.07.2024 up to 5.30 P.M |
| (iii) | Date of opening of Bid Document | : | On 29.07.2024 at 11.00 A.M in the office of the Superintending Engineer, Jagatsinghpur, Irrigation Division |
| (iv) | Decision to Conduct lottery | : | If required the transparent lottery shall be conducted on 08.08.2024 at 11.00 A.M onwards in the office of the Superintending Engineer, Jagatsinghpur Irrigation Division |

Sd/-
**Superintending Engineer**
**Jagatsinghpur Irrigation Division,**
**Jagatsinghpur**


# 'ପ୍ରତିଶ୍ରୁତି'ର ରଥଯାତ୍ରା ବିଶେଷାଙ୍କ ଲୋକାର୍ପିତ



ବାରିପଦା , ୧୭/୭ (ନି.ପ୍ର): ଦୀର୍ଘ ୪୨ବର୍ଷ ଧରି ମୟୂରଭଞ୍ଜ ବାରିପଦାରୁ ଭାଗବତ ପଣ୍ଡାଙ୍କ ସମ୍ପାଦନାରେ ନିରବଛିନ୍ନ ଭାବେ ପ୍ରକାଶ ପାଉଥିବା ସାହିତ୍ୟ ସଂସ୍କୃତି ମୂଳ ତ୍ରୈମାସିକ ପତ୍ରିକା "ପ୍ରତିଶ୍ରୁତି"ର ରଥଯାତ୍ରା ବିଶେଷାଙ୍କ ରଥଖଳାରେ ପ୍ରତିଶ୍ରୁତି ପ୍ରତିଷ୍ଠାନର ସଭାପତି ଡା. ପାର୍ଥସାରଥୀ ଜେନାଙ୍କ ସଭାପତିତ୍ୱରେ ଲୋର୍କାପିତ ହୋଇ ଯାଇଛି । ଏହି ଅବସରରେ ମୟୂରଭଞ୍ଜର ଜିଲ୍ଲାପାଳ ଦତାତ୍ରେୟ ଭାଉ ସାହେବ ସିନ୍ଦେ ମୁଖ୍ୟ ଅତିଥି, ଆରକ୍ଷୀ ଅଧିକ୍ଷକ ଏସ.ସୁଶ୍ରୀ ସମ୍ମାନିତ ଅତିଥି ଡି.ଆଇ.ଜି. ଡ. ସତ୍ୟଜିତ ନାଏକ, ମୁଖ୍ୟ ବକ୍ତା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମାଶଙ୍କର ମହାରଣା, ଅନ୍ୟତମ ସମ୍ମାନିତ ଅତିଥି ଏସ.ଡି.ପି.ଓ. ସୁଜିତ ପ୍ରଧାନ ବିଶେଷ ଅତିଥି ଏବଂ ଉପ-ଜିଲ୍ଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ଇଶ୍ୱର ଚନ୍ଦ୍ର ନାୟକ ସମ୍ମାନିତ ବକ୍ତା ତଥା ବାରିପଦା ତହସିଲଦାର ଦିନମଣୀ ନାୟକ ପ୍ରମୁଖ ଯୋଗଦେଇ ଦୀର୍ଘବର୍ଷ ଧରି ଏହି ପତ୍ରିକା କେବଳ ମୟୂରଭଞ୍ଜ ନୁହେଁ ଓଡିଶା ଏବଂ ଓଡିଶା ବାହାରେ ତା'ର ଗୌରବକୁ ବଜାୟ ରଖିବାରେ ସମର୍ଥ ହୋଇଛି ବୋଲି କହିଥିଲେ । ଅଧିକନ୍ତୁ ଜିଲ୍ଲାପାଳ ଶ୍ରୀ ସିନ୍ଦେ ପତ୍ରିକାର ଏହି ସଂଖ୍ୟା ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଅଧିକ ଜ୍ଞାନ ଲାଭ କରିବା ପାଇଁ ସମର୍ଥ ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଡ.ନାଏକ ଏହି ପତ୍ରିକା ମାଧ୍ୟମରେ ସମାଜରେ ଆଧାତ୍ମିକ ଚେତନାର ଉଦ୍ରେକ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ପତ୍ରିକାରେ ଓଡିଶାର ବହୁ ବିଶିଷ୍ଟ ଜଗନ୍ନାଥ ସଂସ୍କୃତିର ଗବେଷକ ତଥା ବିଦ୍ୱାନ ମାନଙ୍କର ଲେଖା ସ୍ଥାନିତ ହୋଇଥିବାରୁ ତାହା ପାଠକୀୟ ଆଦୃତି ଲାଭ କରିବ ବୋଲି ସମ୍ମାନିତ ଅତିଥି ଏସ.ସୁଶ୍ରୀ ପ୍ରକାଶ କରିଥିଲେ । ଉକ୍ତ ରଥଯାତ୍ରାର ସ୍ୱତନ୍ତ୍ର ସଂଖ୍ୟା ପ୍ରଫେସର.ବୈଷ୍ଣବ ଚରଣ ସାମଲ, ଡ. ତୁଳସୀ ଓଝା, ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର, ଡ.ମହମ୍ମଦ ଆୟୁବ୍, ଡ. ନରେଶ ଚନ୍ଦ୍ର ଦାଶ, ଡ.ବିଦ୍ୟୁଲତା ରାୟ, ଡ.ପାର୍ଥସାରଥୀ ଜେନା, ଡ. ତ୍ରିନାଥ ପଟ୍ଟନାୟକ, କୁନଲତା ତ୍ରିପାଠୀ, ଡ. ବ୍ରଜକିଶୋର ସାହୁ, ଡା. ଭାଗବତ ବେହେରା ପ୍ରମୁଖ ବିଶିଷ୍ଟ ସାରସ୍ୱତ ସାଧକଙ୍କ ରଚନାରେ ସମୃଦ୍ଧ । ଏହି ଲୋକାର୍ପଣ କାର୍ଯ୍ୟକ୍ରମ ପରିଶେଷରେ ସମ୍ପାଦକ ଭାଗବତ ପଣ୍ଡା ଉପସ୍ଥିତ ଅତିଥିମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

# ରାଜ୍ୟସ୍ତରୀୟ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ମୟୁରଭଞ୍ଜ ଦଳ ଚୟନ

ବାରିପଦା , ୧୭/୭ (ନି.ପ୍ର): ଓ ସି ଏ ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ ଟି - ୨୦ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୨୨ ତାରିଖ ଠାରୁ ଅନୁଷ୍ଠିତ ହେବାକୁ ଯାଉଅଛି ଓ ଏହି ଅବସରରେ ମୟୁରଭଞ୍ଜ ଜିଲ୍ଲା ଦଳ ପାଇଁ ଖେଳାଳି ଚୟନ ପ୍ରକ୍ରିୟା ୨୦ ତାରିଖ ଦିନ ହେବ ଓ ଇଚ୍ଛୁକ ଖେଳାଳି ୧୯ ତାରିଖ ସୁଦ୍ଧା ନିଜନିଜର ନାମ ପଞ୍ଜିକରଣ ବାରିପଦା ଷ୍ଟାଡିୟମ ଅଫିସରେ କରିବା ପାଇଁ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ଅନୁରୋଧ କରିଛନ୍ତି ଓ ନୂତନ ଭାବେ ପଞ୍ଜିକରଣ କରୁଥିବା ଖେଳାଳି ନିଜର ଡିଜିଟାଲ ଜନ୍ମ ପ୍ରମାଣ ପତ୍ର, ପରିଚୟ ପ୍ରମାଣ ପତ୍ର, ନିଜ ଠିକଣା ପ୍ରମାଣ ପତ୍ର, ଶେଷ ୩ ବର୍ଷର ଶିକ୍ଷାଗତ ପ୍ରମାଣ ପତ୍ର ଦାଖଲ କରିବାକୁ କ୍ରିକେଟ ସମ୍ପାଦକ ହର ପ୍ରସାଦ ପାତ୍ର ଜଣାଇଛନ୍ତି ଓ ୨୦ ତାରିଖ ସୁଦ୍ଧା ଚୟନ ପ୍ରକ୍ରିୟା ଶେଷ କରାଯିବା ପରେ ୨୧ ତାରିଖ ଦିନ ଦଳ କଟକ ଅଭିମୁଖେ ଯାତ୍ରା କରିବ ବୋଲି କ୍ରିକେଟ ସହ ସମ୍ପାଦକ ପ୍ରସନ୍ନଜିତ ମହାନ୍ତିଙ୍କ ସୂତ୍ରରୁ ପ୍ରକାଶ ।

# ଖୁଂଟାପାଳ ଓ ଭାଲୁହୁରୁଡ଼ାରେ ବନମହୋତ୍ସବ ପାଳିତ



ଉଦଳା , ୧୭/୭ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ଖୁଂଟାପାଳ ଓ ଭାଲୁହୁରୁଡ଼ାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚଳିତ ଜୁଲାଇ ୧୬ ତାରିଖ ମଙ୍ଗଳବାର ଦିନ ବନମହୋତ୍ସବ ପାଳିତ ହୋଇଯାଇଛି । ଭାଲୁହୁରୁଡ଼ା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷୟିତ୍ରୀ ରାଧାରାଣି ମହାପାତ୍ର କାର୍ଯ୍ୟକ୍ରମରେ ଅଧକ୍ଷତା କରି ବୃକ୍ଷଠାରୁ ମିଳୁଥିବା ଉପକାରିତା ସମ୍ପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହିତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଗଣ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସେହିପରି ଖୁଂଟାପାଳସ୍ଥିତ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଆରତ କୁମାର ପରିଡ଼ା କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହ ବନମହୋତ୍ସବ ପାଳନ ଆଜି କାହିଁକି ଜରୁରି ହୋଇ ପଡ଼ିଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବୃନ୍ଦ ସହଯୋଗ କରିଥିଲେ । ଶେଷରେ ଉଭୟ ବିଦ୍ୟାଳୟରେ ଆମ୍ବ, ପଣସ, ଲିଚୁ, ପିଜୁଳି, ଜାମୁ ଇତ୍ୟାଦି ବୃକ୍ଷ ରୋପଣ କରାଯାଇଥିଲା । ସ୍ଥାନୀୟ ରେଂଜ ଅଫିସର ଉଭୟ ବିଦ୍ୟାଳୟକୁ ଚାରା ଗଛ ଯୋଗାଇ ଦେବା ସହିତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଉଦ୍ୟମକୁ ଭୂୟସି ପ୍ରଶଂସା କରିଥିଲେ ।

# ସୁନାବେଶ ଦେଖିବା ପାଇଁ ଭକ୍ତଙ୍କ ଭିଡ



ଲଙ୍ଗଳେଶ୍ୱର/ବାଲିଆପାଳ , ୧୭/୭ (ନି.ପ୍ର): ବାଲିଆପାଳ ବ୍ଲକ ଖଗଡ଼ାପାଳ ସ୍ଥିତ ଶ୍ରଦ୍ଧା କ୍ଷେତ୍ରରେ ଆଜି ଶ୍ରୀ ଜୀଉ ମାନଙ୍କର ସୁନା ବେଶ ଅନୁଷ୍ଠିତ ହୋଇଛି। ଏଥିପାଇଁ ପ୍ରାତଃ ରୁ ଶ୍ରୀ ଜୀଉମାନଙ୍କର ସମସ୍ତ ନୀତି କାନ୍ତି ସମ୍ପନ୍ନ ହୋଇଛି। ସୁନାବେଶ ପାଇଁ ଭକ୍ତ ମାନଙ୍କ ଭିଡ଼ ପରି ଲକ୍ଷିତ ହୋଇଛି। ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ବ୍ରଜ କିଶୋର ଭୂୟାଁ, ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ମଧୁସୂଦନ ସାହୁ, ମଧୁସୂଦନ ବାରିକ୍, ମୁରଲୀ ମୋହନ ସାହୁ, ସଂଜୟ କୁମାର ଦେ ପ୍ରମୁଖ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷାରେ ସହଯୋଗ କରିଥିଲେ। ସେହିପରି ବାଲିଆପାଳ ବ୍ଲକ ମାନ୍ଧାତା ବଜାର ସ୍ଥିତ ଭକ୍ତି କ୍ଷେତ୍ରରେ ଶ୍ରୀ ଜୀଉମାନଙ୍କର ସୁନା ବେଶ ଅନୁଷ୍ଠିତ ହୋଇଛି। ଏହାକୁ ଶ୍ରୀ ଜଗନ୍ନାଥ ଜୀଉ ନିଯୋଗର ସନାତନ ପାତ୍ର, ଗୋପାଳ କୃଷ୍ଣ ପାତ୍ର, କୃଷ୍ଣା ନନ୍ଦ ପାତ୍ର ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ସୁନା ବେଶ ଦେଖିବା ପାଇଁ ଭକ୍ତି କ୍ଷେତ୍ର ରେ ଭକ୍ତଙ୍କ ଭିଡ ହୋଇଛି।

# ନଦୀ ମାତୃକାର ସୁରକ୍ଷା ପାଇଁ ଦିବ୍ୟ ଆଳତୀ



ବାଲିଆପାଳ, ୧୭/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଇକାଡ଼ପାଳ ଗ୍ରାମସ୍ଥ ସୁବର୍ଣ୍ଣରେଖା ନଦୀ କୂଳରେ ମଙ୍ଗଳାବର ସନ୍ଧ୍ୟାରେ ସୁବର୍ଣ୍ଣରେଖା ସୁରକ୍ଷା ଅଭିଯାନ ଶାଖା ବାଲିଆପାଳ ପକ୍ଷରୁ ଆବାହକ ଅରୁଣ ଜେନାଙ୍କ ନେତୃତ୍ୱରେ ଏକ ଭବ୍ୟ ନଦୀ ଆଳତୀ ଅନୁଷ୍ଠିତ ହୋଇଯାଉଛି । ନଦୀ ଜୀବଜଗତକୁ ପାଳନ କରି ଆସୁଥିବାରୁ ନଦୀ ମାତୃକାର ସୁରକ୍ଷା , ନଦୀକୁ ପ୍ରଦୂଷଣମୁକ୍ତ କରିବା, ନଦୀର ଜଳ ପ୍ରବାହକୁ ନିରବଛିନ୍ନ କରିବା ଲାଗି ଜନ ସାଧାରଣଙ୍କୁ ନଦୀ ସହିତ ଯୋଡ଼ିବା ପାଇଁ ସ୍ଥାନୀୟ ଅଂଚଳର ବହୁ ମହିଳା ପୁରୁଷ ଓ ପିଲାମାନଙ୍କୁ ଏକତ୍ରିତ କରାଯାଇ ନଦୀକୁ ପୂଜା କରିବା ସହିତ ସମସ୍ତଙ୍କୁ ନଦୀ ସହିତ ଯୋଡିବା ପାଇଁ ନଦୀ ଆଳତୀ କରଯାଇଥିଲା। ଆମ ସୁବର୍ଣ୍ଣରେଖା ନଦୀ କୋଟି କୋଟି ପ୍ରାଣର ସଂଜୀବନୀ, ସୁବର୍ଣ୍ଣ ଧାରିଣୀ ସୁବର୍ଣ୍ଣରେଖା ଆମର ଜୀବନ ରେଖା ବୋଲି ସୁବର୍ଣ୍ଣରେଖା ନଦୀ ସୁରକ୍ଷା ଅଭିଯାନ ବାଲିଆପାଳ ଶାଖାର ଆବାହକ ଶ୍ରୀ ଜେନା କହିଥିଲେ। ଏହି କାର୍ଯ୍ୟକ୍ରମରେ ସୂଚନା ଆଇନ୍ ଅଧିକାର ଅଭିଯାନ ବାଲିଆପାଳ ଶାଖାର ଆବାହକ ଅନୁଜ ମହାପାତ୍ର, ଦିବାକର ଦାସ, ଅମୂଲ୍ୟ ପଟାୟତ, କବିତା ଜେନା, ପଦ୍ମାବତୀ ପଟାୟତ , କରୁଣାକର ଜେନା, ନମିତା ବେହେରା, ଝୁମା ମଙ୍ଗରାଜଙ୍କ ସହିତ ବହୁ ସ୍ଥାନୀୟ ଲୋକ ସାମିଲ ହୋଇ ଥିଲେ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo